ମୌନ ଉତ୍ତରଣ

ପ୍ରଦୀପ ନାୟକ

Digitized by PPRACHIN, SOA

ମୌନ ଭଗ୍ନାଂଶ

ପ୍ରଦୀପ ନାୟକ

Digitized by PPRACHIN, SOA

ମୌନ ଭଗ୍ନାଂଶ

ସୃଜନ :ପ୍ରଦୀପ ନାୟକ

ବଂଧପଡା, ମଦନପୁର,କେନ୍ଦ୍ରାପଡା

ପ୍ରକାଶିକା : ଶ୍ରୀମତୀ ଜ୍ୟୋସ୍ନା ମହାନ୍ତି

ପ୍ରଥମ ପ୍ରକାଶ : ୧୫, ଅଗଷ୍ଟ ୨୦୦୦

ମୁଦ୍ରଣ : ଅପୂର୍ବା ଅଫ୍‌ସେଟ, ଭୁବନେଶ୍ୱର

ପ୍ରଚ୍ଛଦ : ବିଜୟ ପ୍ରଧାନ

ମୂଲ୍ୟ : ପଚାଶ ଟଙ୍କା

Mouna Bhagnasha

By **PRADIP NAYAK**

Bandhapara, Madanpur, Kendrapara

© Publisher : Smt. Jyotshna Mohanty

Printed at : Apurba Off-Set,
BBSR, Ph- 426242

First Publication : 15, August, 2000

Cover. Design : Bijoya Pradhan

Price : Rs.50 /-(Fifty Only)

Digitized by PPRACHIN, SOA

ଉତ୍ସର୍ଗ

ପୂଜ୍ୟାସ୍ପଦ ବାପା,

ସ୍ୱର୍ଗତଃ ପିତାମ୍ୱର ନାୟକ । ମହାନୁଭବ ଆପଣଙ୍କ ଅନେକ ଭଜନ, ଜଣାଣ ଲେଖା ପ୍ରତିଭାରୁ ଉତ୍ତରାଧିକାରୀ ସୂତ୍ରରେ ମୋର ଏଇ ସ୍ରଷ୍ଟା ଜୀବନ । ତେଣୁ ଏଇ କ୍ଷୁଦ୍ର ସୃଷ୍ଟି "ମୌନ ଭଗ୍ନାଂଶ" ଆପଣଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅର୍ପିତ ....

-ବୁଲୁ

Digitized by PPRACHIN, SOA

ପ୍ରକାଶକୀୟ.....

ନିଃସଂଗ ମଣିଷର ସଚ୍ଚା ସାଥିଟିଏ ସାହିତ୍ୟ । ପୁଣି ସୃଜନୀ ଶକ୍ତିରେ ଏକ ସଂଭାବନାମୟ ସୁନ୍ଦର ସୃଷ୍ଟିର ପ୍ରତିଶ୍ରୁତି । ମହାକାଳରେ ସବୁ ସଂପର୍କ ହଜି ହଜି ଯାଉଥିବା ବେଳେ, ମୂଲ୍ୟବୋଧର ଅବମୂଲ୍ୟାୟନ ଘଟୁଥିବା ସ୍ଥଳେ, ନାହିଁ ନାହିଁର ମହୋତ୍ସବ ଭିତରେ ସାହିତ୍ୟ ହିଁ ଏକମାତ୍ର ଅଛି ଅଛିର ସଂଭାର ।

''ମୌନ ଭଗ୍ନାଂଶ'' ସାହିତ୍ୟର ସେଇ ଆଲେଖ୍ୟ ବହନ କରିଛି ବୋଲି ମୁଁ ବିଚାର କରେ । ଆଶା ପୁସ୍ତକଟି ସବୁ ଶ୍ରେଣୀର ପାଠକ/ପାଠିକା ମାନଙ୍କୁ ପାଠକୀୟ ସଂତୋଷ ଦେଇ ପାରିବ ।

ଜ୍ୟୋତ୍ସ୍ନା ମହାନ୍ତି

Digitized by PPRACHIN, SOA

ଅଳ୍ପକଥା

ମଣିଷର ପୁଣି ନିଜ କଥା ଥାଏ ? ମନ ଭିତରେ ସାଇତି ରଖିବାକୁ ହେଲେ ସିନା ନିଜକଥା । କିନ୍ତୁ ଲେଖିଦେବାକୁ ହେଲେ ତାହାତ ଆପେ ଆପେ ସାର୍ବଜନୀନ ହୋଇଯାଏ । ନିଜ କଥାର ପୃଷ୍ଠାକୁ ପୁରା କରିବାକୁ ହେଲେ ଅନ୍ୟମାନଙ୍କ ସଂପର୍କର ସେତୁ ଉପରେ ହିଁ ନିଜକୁ ଠିଆ କରାଇବାକୁ ପଡେ । ସେଇ ଭିତରେ କିଛି କୁହାକଥା ଲେଖିଦେଇ ନିଜକୁ ଚିହ୍ନେଇ ଦେଇ ହୁଏ । ତା' ନହେଲେ ନିଜକଥା ଆଉ ପୁରା ହୁଅନ୍ତା କେମିତି ଯେ ?

ସାହିତ୍ୟ ସୃଷ୍ଟି କରିବାକୁ ଇଚ୍ଛା କରି ମୁଁ ଲେଖିବା ଆରମ୍ଭ କରି ନଥିଲି । ବରଂ କିଛି ଲେଖୁ ଲେଖୁ ସାହିତ୍ୟ ହୋଇଗଲା । କିଛି ଆଖିଦେଖା ଚରିତ୍ର, ଘଟଣାମାନଙ୍କ ପାଇଁ ଯାହା ଲେଖିଲି ସେମାନେ ସାମାଜିକ ହୋଇଗଲେ । କିଛି ଅନୁଭୂତି, କିଛି ଅର୍ନ୍ତଃମନର କଥା ଲେଖିଲି, ତାହାକୁ ଦର୍ଶନ ବୋଲି କୁହାଗଲା । ଏବଂ ଏଇ ସାମାଜିକତା, ଦାର୍ଶନିକତା ଭିତରେ ମୋ ନିଜ କଥାର ସରା ବାରି ହୋଇଗଲା । ଆଉ କିଛି କହିବିନି । ସୃଷ୍ଟି ଭିତରେ ଆପେ ତାହା ସ୍ୱଷ୍ଟ ହୋଇଯିବ ।

ଏବେ କଥା ରହିଲା ମୋ ସ୍ରଷ୍ଟା ଜୀବନ ସହିତ ଯେଉଁମାନେ ଓତଃପ୍ରୋତ ଭାବେ ଯୋଡି ହୋଇ ମୋତେ ଏ ଯାଏଁ ନେଇ ଆସିଲେ । ପୂଜ୍ୟାସ୍ପଦ ଶ୍ରୀଯୁକ୍ତ ବୈଷ୍ଣବ ଜେନା(ବଡସାର୍) ପ୍ରାଥମିକ ସ୍କୁଲରୁ ''ପୃଥିବୀ ପ୍ରତି'' କବିତା ପଢାଇଲ । ସେକୁ ମୋ ହୃଦୟରେ ସାହିତ୍ୟର ଅଙ୍କୁରୋଦ୍ଗମ କରାଇଥିଲେ । ଓଡ଼ିଶା ର ବିଭିନ୍ନ ପତ୍ର ପତ୍ରିକା ରେ ଲେଖା ପ୍ରକାଶ ପାଇଥିଲେ ମଧ୍ୟ ମୋ ସୃଷ୍ଟିକୁ ଶ୍ରଦ୍ଧାର୍ ସହିତ ଅନେକ ସମୟରେ ପ୍ରକାଶ କରିବାରେ ''ଶ୍ରୀ ବନ୍‌ପୁଷ୍ପ''ର ସମ୍ପାଦକ ଇଂ ପ୍ରଦୀପ୍ତ କୁମାର ବେହୁରା ସ୍ମରଣୀୟ । ସ୍ମରଣଯୋଗ୍ୟ ମଧ୍ୟ ''ବନଫୁଲ'' ଓ ''ପୂର୍ବାଶା'' ପରି ସାହିତ୍ୟ ସଂସଦ ।

Digitized by PPRACHIN, SOA

ଏଇ ଦୁଇ ଅନୁଷ୍ଠାନର ଅନେକ ଶୁଭ ଚିନ୍ତକ, ଦିଗ୍‌ଦର୍ଶକ, ପ୍ରଂଶସକ, ଯେମିତି ମୋ ସୃଷ୍ଟିର ସମୀକ୍ଷକ ଶ୍ରୀ ଚିତ୍ତ ରଞ୍ଜନ ମିଶ୍ର, ଶୁଭ ଚିନ୍ତକ ଶ୍ରୀ ଶରତ ଚନ୍ଦ୍ର ମହାପାତ୍ର, ଜୟସିଂହ ମହାପାତ୍ର, ଗାଳ୍ପିକ ଅଧ୍ୟାପକ ଅତୁଲ ବଳ, ରତ୍ନାକର ନାୟକ, କବି ହେମନ୍ତ ରାଉତ, ପ୍ରେମାନନ୍ଦ ଖଣ୍ଡୁଆଳ,ଅଭିବାବୁ, ଗଦାଧର ଖୁଣ୍ଟିଆ, ମହେଶ୍ୱର ସେଠୀ, ଜଗନ୍ନାଥ, ଖଗେଶ୍ୱର, ଭବାନୀ, ବିଜୟ, ସୁଶାନ୍ତ,ଲିଟୁ । ଆଦ୍ୟ ପାଠକ ହିସାବରେ କଣସରା ବିଦ୍ୟାଶ୍ରମର ସମସ୍ତ ସହକର୍ମୀ ଓ ଘରେ ସବୁଦିନ ଗାଳ୍ପିକ ରାଜକିଶୋର ରାୟ କହି ବ୍ୟଙ୍ଗ କରୁଥିବା ପତ୍ନୀ ତୁଳସୀ, ସମସ୍ତ ଙ୍କ ପାଇଁ ମୋ ହୃଦୟର ଯଥାଯଥ ମାନ୍ୟତା, କୃତଜ୍ଞତା, ସ୍ନେହ ସଂପ୍ରୀତି ରହିବ ହିଁ ରହିବ ।

ସବୁ ପୂର୍ବ ଆକଳନକୁ ଭୁଲ୍ ପ୍ରମାଣିତ କରି ଦିନେ କିନ୍ତୁ ମୋ' ଗଳ୍ପ 'ମନ ଆଇନା' ବାବଦରେ ପ୍ରଶଂସା ଶୁଣିଥିଲି ଶ୍ରୀଯୁକ୍ତ ନଳିନୀକାନ୍ତ ମହାନ୍ତିଙ୍କ ପାଖରୁ । ତାଙ୍କର ଏଇ ସାରସ୍ୱତ ସଦିଚ୍ଛା ମୋର ସ୍ମରଣୀୟ ହୋଇ ରହିବ ।

'ମୌନ ଭଗ୍ନାଂଶ' ପରି ଗୋଟିଏ କଳା କୋଣାର୍କ କୁ ଯିଏ ପାଣ୍ଡୁଲିପି ରୁ ପାଠକ ମାନଙ୍କ ପର୍ଯ୍ୟନ୍ତ ପହଁଞ୍ଚାଇ ପାରିଛନ୍ତି ସିଏ ହେଉଛନ୍ତି ଜଣେ ବିଦଗ୍ଧା ସାହିତ୍ୟ ପ୍ରେମୀ ଶ୍ରୀମତୀ ଜ୍ୟୋସ୍ନା ମହାନ୍ତି । ତାଙ୍କ ନିକଟରେ ମୁଁ ଚିର କୃତଜ୍ଞ ।

ତ୍ରୁଟି ରହିତ ପ୍ରିଣ୍ଟିଙ୍ଗ୍, ବନ୍ଧେଇ ଓ ଅନ୍ୟାନ୍ୟ ପରିପାଟୀ ପାଇଁ ଜଣେ ନିରୁତା ସ୍ରଷ୍ଟା ପ୍ରାଣରେ ସଶ୍ରଦ୍ଧ ସହଯୋଗ ପ୍ରଦାନ କରିଥିବା କ୍ଷୀରୋଦ ଚନ୍ଦ୍ର ପତି (ଅପୂର୍ବା ପ୍ରକାଶନୀ) ମହୋଦୟ ଙ୍କ ନିକଟ ରେ ମୁଁ କୃତଜ୍ଞ ।

ଗଳ୍ପ ସଂକଳନର ପ୍ରଚ୍ଛଦରେ ଯାହାଙ୍କ ତୂଳୀର ନିଖୁଣ ସ୍ପର୍ଶ ରହିଛି ସିଏ ଶ୍ରୀ ବିଜୟ ପ୍ରଧାନ, ତାଙ୍କ ନିକଟରେ ମୋର କୃତଜ୍ଞତା ।

ଶେଷରେ ସବୁ ପାଠକ/ପାଠିକା ମାନଙ୍କ ନିକଟରେ ଏହି ସଙ୍କଳନ ପାଇଁ ନିଚ୍ଛନ୍ଦ ମତାମତ ଓ ଶ୍ରଦ୍ଧା ମୋତେ କାମନା ପିପାସୁ କରି ରଖିବ ।

-ଲେଖକ

Digitized by PPRACHIN, SOA

କାହାଣୀ କ୍ରମ

ପଂକ୍ତ କକା	୯
ମାଦୀ ପଚାରଇ ନରକୁ	୧୬
ମନ ଆଇନା	୨୨
ଭଗବାନ କିଏ	୨୪
ଢମଣା ସାପ	୩୨
ମା'	୩୭
ଅଲୋଡା	୪୩
ରଂଗର ନାୟୀକା	୪୭
ତୃତୀୟ ପାଣ୍ଡବର ମୋହ	୫୧
ବାରଣ' ବଢ଼େଇର ନିହାଣ	୫୮
ମେମ୍‌ସାହେବର କାନି	୬୩
ସେ ଏକ ସହିଦ	୬୭
ବାଦଶା'ଙ୍କ ବୋପା	୭୨
ମୌନ ଭଗ୍ନାଂଶ	୭୫

Digitized by PPRACHIN, SOA

ମୌନ ଭଗ୍ନାଂଶ

Digitized by PPRACHIN, SOA

ପଂକୁ କକା

ପଙ୍କଜ ଛୋଟରାୟ ଓରଫ ପଂକୁକକା । ବାଘମାମୁଁ ପରି, ସବୁରି ମୁହଁରେ କକା । ସାରା ଶାନ୍ତିପୁର ଗାଁଟାରେ ଏଇ କକା ଡାକ । ତାଙ୍କଠାରୁ କିଛି ବୟସ୍କ, ଲୋକ ମଧ ତାଙ୍କୁ ଗତାନୁଗତିକ ଢ଼ଙ୍ଗରେ ପଙ୍କୁକକା ଡାକି ଦିଅନ୍ତି । ଅସୀମ ଶ୍ରଦ୍ଧାରେ ତାଙ୍କ ପାଇଁ ଜିଭଟା କୋମଳ ହୋଇଯାଏ ସମସ୍ତଙ୍କର । ମନଭିତରେ ବି ସମସ୍ତେ କାହିଁକି ତଳେଇ ଯାଆନ୍ତି ତାଙ୍କ ବ୍ୟକ୍ତିତ୍ୱ ପାଖରେ । ସତାବନଟି ବସନ୍ତରେ ପାଦଥାପିଥିବା ଏମିତି ଜଣେ ପରିପକ୍ୱ ମଣିଷ ଯେ ତାଙ୍କ ଚରିତ୍ର ବାବଦରେ କେହି ହେଲେ କିଛି କହିପାରିବ ନାହିଁ । ଅଯତ୍ନ ବର୍ଦ୍ଧିତ ଖଇରିଆ କେଶ ହେଲେ ମଧ ପକ୍ୱ କେଶାଙ୍କ ଠାରୁ ଅନୁଭବୀ । ପ୍ରଚଣ୍ଡ ଆତ୍ମଜ୍ଞାନୀ, ଅମାୟିକ ମଣିଷଟିଏ । ନିରୁତା ମଣିଷ ।

ଏକ ଗତାୟୁ ଜମିଦାରୀର ବଂଶୋଦ୍ଭବ ସିଏ । ଏବେକୁ ଅବଶ୍ୟ ସେ ସବୁ ନିଃଶେଷ ପ୍ରାୟ, ତଥାପି ଅନଟନର ଖୁବ୍ କେତେ ହାତ ଆଗରେ ତାଙ୍କ ପାରିବାରିକ ସ୍ଥିତି । ଗାଁର ପୁରୁଣା କାଳିଆ ପାଠୁଆଙ୍କ ଭିତରେ ତାଙ୍କ ନାଆଁ ସବୁଠୁଁ ଆଗେ ଯୋଡ଼ା ଯାଏ । ଉଚ୍ଚ ଶିକ୍ଷିତ । ତାଙ୍କୁ ଛାଡ଼ିଦେଲେ ଗାଁର କୌଣସି ଅନୁଷ୍ଠାନର ପରିକଳ୍ପନା କରାଯାଇ ନପାରେ । କିନ୍ତୁ କୌଣସି ଅନୁଷ୍ଠାନର ପଦପଦବୀ ତାଙ୍କୁ ଏ ଯାଏ ଆକର୍ଷିତ କରି ପାରି ନାହିଁ । ପ୍ରାୟ ଅନୁଷ୍ଠାନ, ସଂଗଠନ ତାଙ୍କୁ ହିଁ କେନ୍ଦ୍ରକରି ଗଢ଼ିଉଠିଛି କହିଲେ ଚଳେ । ସେ କ୍ଲବ ଘରକୁ କେବେ ଯାଆନ୍ତି ନଯାଆନ୍ତି କିନ୍ତୁ ତାଙ୍କ ଚାରିପାଖରେ ସଂଘ ବଦ୍ଧତା ଘେରି ରହିଥାଏ । ଯୁବକ ଠୁଁ ବୃଦ୍ଧ ସମସ୍ତଙ୍କ ପାଇଁ ସେ ସହସ୍ରମୁଖୀ ସ୍ୱର୍ଦ୍ଧିତ ପ୍ରତିଭାର ଗନ୍ତାଘର ।

ଯୁବକ ବୟସରେ ଶୁଣାଯାଏ କେଉଁଏକ ମହାବିଦ୍ୟାଳୟରେ ଅଧ୍ୟାପନା କରୁଥିଲେ । ଖୁବ୍ କମଦିନ ପରେ ଚାକିରି ଛାଡ଼ିଦେଲେ । ପ୍ରାଚୁର୍ଯ୍ୟର ଅଭାବ ନଥିଲା । ସ୍ୱାଧୀନ ଚେତା ହୋଇ ବଂଚିବାର ଭିନ୍ନ ଏକ ଦିଗକୁ ଆପଣେଇବା ପାଇଁ ଏକଥା ମଧ ଶୁଣାଯାଏ ସ୍ୱେଚ୍ଛାକୃତ ଭାବେ ଚାକିରିରୁ ଅବ୍ୟାହତି ନେଇଥିଲେ ।

Digitized by PPRACHIN, SOA

ଭାବଗମ୍ଭୀର, ଉଦାସ ଉଦାସ, ନିର୍ଲିପ୍ତ ହୃଦୟ । ଉଦାରତାର ଭିନ୍ନ ଏକ ଉଦାହରଣ । ନିତି ଦିନର କାର୍ଯ୍ୟସୂଚୀ ଗାଁ ମୁଣ୍ଡ ତୋଟା ପାଖରୁ ଦିଗନ୍ତ ବିସ୍ତାରୀ ଲମ୍ବିଥିବା ଗୋଚର ଭୂଇଁରେ ଗାଈପଲଙ୍କୁ ଛାଡ଼ି ଦିଅନ୍ତି ଆଉ ନିଜେ ହଜିଯାଆନ୍ତି ଅନନ୍ତ ନୀଳିମାର ବିସ୍ତୃତି ଭିତରେ ଏବଂ ଶ୍ୟାମଳ ଚରାଭୂଇଁର ମୋହନୀୟତାରେ । ଏଇଟା ତାଙ୍କର ନିଜସ୍ୱ ପସନ୍ଦର କାର୍ଯ୍ୟକ୍ରମ । ରାଧାଗୋବିନ୍ଦ ମନ୍ଦିରର ଚଉପାଢ଼ୀରେ ବେଳେ ବେଳେ ତାଙ୍କୁ ଦେଖିବାକୁ ମିଳେ । ଅଦ୍ଭୁତ ସଉକ ପୁଣି ଖୁବ୍ ଏକାଗ୍ର ଚିତ୍ତରେ ବଂଶୀ ବାଦନ କରିବା ।

ଶୁଣାଯାଏ ଆହୁରି କଥା । ବିବାହ ତାଙ୍କର ହୋଇଥିଲା କେଉଁ-ଏକ ଉଚ୍ଚ ସଂଭ୍ରାନ୍ତ କନ୍ୟା ସହିତ । ସ୍ତ୍ରୀ ଈଶା ହଠାତ କିନ୍ତୁ ଚଉଠୀ ରାତିରୁ ହିଁ ଆତ୍ମହତ୍ୟା କରିଥିଲା । ଏ ପ୍ରକାର ଅଭାବନୀୟ ଘଟଣାର ମୂକସାକ୍ଷୀ ହୋଇ ସିଏ ଏ ପର୍ଯ୍ୟନ୍ତ ବିପତ୍ନୀକ । ସ୍ତ୍ରୀ ଆତ୍ମହତ୍ୟା ପଛରେ ଯେ କି କାରଣ ନିହିତ ସେଇଟା ଏ ପର୍ଯ୍ୟନ୍ତ କୁହେଳିକା ଘେରରେ । ତାଙ୍କ ବ୍ୟକ୍ତିତ୍ୱ ଏବଂ ଏ ପ୍ରକାର ଘଟଣା ସଂପୂର୍ଣ୍ଣ ବିପରୀତ ଧର୍ମୀ ହୋଇଥିଲେ ମଧ୍ୟ କେହି ହେଲେ ସାହସ ସଂଚୟ କରିପାରି ନାହାନ୍ତି ଏ ବିଷୟରେ ତାଙ୍କୁ ପଦେ ପଚାରିବାକୁ । ସିଏ ବି ଆଗ୍ରହ କରି କାହାକୁ ଏ ବିଷୟରେ ପଦୁଟିଏ ହେଲେ କହିନାହାନ୍ତି । ତାଙ୍କୁ ବାଆଁରେଇ ବାଆଁରେଇ ଦ୍ୱିତୀୟ ବିବାହ ପ୍ରସଂଗ ଉପସ୍ଥାପନ କଲେ ସିଏ ବି ନିଜକୁ ବିବାହିତ ବୋଲି କହନ୍ତି । ଯେମିତି ସିଏ ବିପତ୍ନୀକ ନୁହଁନ୍ତି । ତାଙ୍କ ଆଚରଣ ଯେମିତି କହି ଦେଉଥାଏ ଗୋଟିଏ ଦୁଃସ୍ୱପ୍ନ ପରି ସିଏ ଅତୀତକୁ ଭୁଲି ଯାଇଛନ୍ତି ।

ବଂଶୀ ବଜାଇ ସେ ତୋଟାମୂଳ ଚଉପାଢ଼ୀ ଉପରେ ଏମିତି ତନ୍ମୟ ହୋଇ ଯାଆନ୍ତି ଯେ ଉଦଣ୍ଡୀ ଗାଈ ଗୁଡ଼ାକ ମଧ୍ୟ କ୍ଷେତ ବାଡ଼ିକୁ ଡିଆଁ ନ ମାରି ନିକଟେଇ ଚରୁଥାନ୍ତି ପଡ଼ିଆ ଘାସରେ । କାନ ଟରାଟି ଥାଆନ୍ତି ତାଙ୍କ ବଂଶୀସ୍ୱନର ମଧୁର ତାନ୍ ଆଡ଼େ । ଏକ ଆତ୍ମୀକ ମିଳନର ଆବେଗ ସଂଚରି ଯାଉଥାଏ । ଯେମିତି ମଣିଷ ଦେହରୁ ପଶୁ । ପଶୁ ଦେହରୁ ଜାଗତିକ ମୋହ ମାୟାର ବହୁ ଊର୍ଦ୍ଧ୍ୱକୁ ।

ସେ ଏକ ନିର୍ଦ୍ଦିଷ୍ଟ ରାଗ । ସଂଗୀତ ସଂବନ୍ଧରେ ଧାର ଧାରୁନଥିବା ଲୋକଙ୍କର ପାଦ ମଧ୍ୟ ଥମକି ଯାଏ ନିମିଷକ ପାଇଁ । ରାଗର ଆଳାପରେ ଅନନ୍ୟ ଆକର୍ଷଣ । ସେ ବିଷୟରେ ପଚାରି ଦେଲେ କହନ୍ତି ଯେ ସେ ବଜାଉଥିବା ଧୂନ୍‌ଟି ଗଜଲରୁ ଆନୀତ ଓ ସଂପୂର୍ଣ୍ଣ ବିରହ ବିଧୂର ପ୍ରକୃତିର । ଆହୁରି ତାହାର କେଉଁ ସ୍ୱରଟି ଶୁଦ୍ଧ,-କେଉଁଟି ବର୍ଜିତ, କେଉଥି ପାଇଁ ଏହା ଶ୍ରୋତାକୁ ଭାବାଚ୍ଛନ୍ନ କରେ ଇତ୍ୟାଦି ।

ସବୁବେଳେ ତାଙ୍କ ଚାରିପାଖରେ ଆମ ପରି ଯୁବକ କେହିନା କେହି ଥାଉ । ପଚାରି ହେଉ-ଯା'ର ଅର୍ଥ କଣ ? ତାର ମାନେ କଣ ? ଏମିତି କାହିଁକି ? ସେମିତି କଣ ପାଇଁ ? ଏକ ଘୂର୍ଣ୍ଣାୟମାନ ଅନୁଷ୍ଠାନ, ପଂକ୍ତିକା । ଅସାଧାରଣ ଧୀଶକ୍ତି ସଂପନ୍ନ ।

କୌଣସି ରୋମାଞ୍ଚିତ କଥା କହି ତାଙ୍କୁ କେହି ଆହ୍ଲାଦିତ ହେବାର ଦେଖିନି । କୌଣସି ଧର୍ମୀୟ ମତ ମତାନ୍ତରରେ ତାଙ୍କ ମତକୁ ଏମିତି କୋମଳତାର ସହ ଉପସ୍ଥାପନ କରନ୍ତି ଯେ, ତାଙ୍କୁ କେହି ହେଲେ ଏକ ନିର୍ଦ୍ଦିଷ୍ଟ ଧର୍ମାବଲମ୍ବୀ କହିବା ମଧ୍ୟ କଠିନ ବ୍ୟାପାର ।

Digitized by PPRACHIN, SOA

ଥରେ ଗାଁ ତୋଟାରେ ରାମଲୀଳା ଚାଲିଥାଏ । ସମସ୍ତେ ଭାବୁଥିଲେ ଆଜିକାଲିକା ଥିଏଟର ବିମୁଖୀ ହୋଇ ପଂକୁକକା ବୋଧହୁଏ ରାମଲୀଳାର ଭକ୍ତିପୂର୍ଣ୍ଣ ଅଭିନୟକୁ ଉପଭୋଗ କରିବେ । କିନ୍ତୁ-ନା, ମଞ୍ଚର ଖୁବ୍ ଦୂରରେ ପଡିଆରେ ରାତି ସାରା ଉଜାଗର ରହି ନିର୍ମେଘ ନିଃସୀମ ଆକାଶ ଆଡ଼କୁ ଚାହିଁରହନ୍ତି ପଛେ ଅଭିନୟ ଆଡ଼କୁ ଏତେ ଟିକେ ନଜର ନଥାଏ ତାଙ୍କର । ରାମାୟଣ ବିଷୟରେ ସିଏ ଫେରୁଥିବା ଯାତ୍ରୀଙ୍କ ପାଖରୁ ବହୁ କଥା ଶୁଣନ୍ତି । ଆଉ କେତେ ଗୁମର କଥା ବି କହନ୍ତି । ଆମକୁ ସବୁ ପଚାରନ୍ତି-''ରାମାୟଣର ଲେଖକ କିଏ ?''

ଆମ ସମସ୍ତଙ୍କର ଉତ୍ତର-''ମହାମୁନି ବାଲ୍ମିକୀ''

ପୁଣି ତାଙ୍କର ପ୍ରଶ୍ନ-''ଆଚ୍ଛା ଆମେ ପଢୁଥିବା ରାମାୟଣର ରଚୟିତା କିଏ ?''

ଆମେ ସନ୍ଥ ତୁଳସୀ ଦାସ ବୋଲି କହୁଁ । ରାମାୟଣର ମୂଳରୂପ ସଂସ୍କୃତ ଥିବା ବେଳେ ସନ୍ଥ ତୁଳସୀଙ୍କର ଅନୁବାଦ ଉପରେ ସିଏ ଭିନ୍ନ କଥା କହନ୍ତି । ତାଙ୍କ ମତରେ ମୂଳ ବାଲ୍ମୀକି ଙ୍କ କୃତୀରୁ ଏ ପର୍ଯ୍ୟନ୍ତ ଅନେକ ଭାଷାରେ ରାମାୟଣ ଅନୁଦିତ ହୋଇଛି । ପଣ୍ଡିତ ମଣ୍ଡଳୀ ଏହାକୁ ମହାକାବ୍ୟ କରି ତୋଳିଛନ୍ତି ଆପଣାର ଲେଖନୀ ମୁନରେ । କିନ୍ତୁ ମୂଳ ଉତ୍ସରୁ ଅନୁଦିତ ଭିନ୍ନ ଭିନ୍ନ ରାମାୟଣର ବର୍ଣ୍ଣନାରେ ଏତେ ବିରୋଧାଭାଷ କେମିତି ଆସୁଛି ? ଆମେ ପଢୁଥିବା ରାମାୟଣ ସଂସ୍କୃତର ଅନୁବାଦ କି ?

ଏମିତିକି ତାଙ୍କ ମତରେ ଗୋଟିଏ ରାମାୟଣ ରାବଣଙ୍କୁ ଏକ ପାପାତ୍ମବୋଧ, ପ୍ରବଳ ପ୍ରତାପୀ ଲମ୍ପଟ ବୋଲି ଅଭିହିତ କରୁଥିବା ବେଳେ ଅନ୍ୟ ରାମାୟଣ ତାଙ୍କୁ ଜଣେ ଶ୍ରେଷ୍ଠ ରାମଭକ୍ତ, ମା' ସୀତାଙ୍କର ଏକ ବଳିଷ୍ଠ ପୂଜକ ବୋଲି ମତ ଦିଏ । କେହି କୈକେୟୀଙ୍କୁ ବିମାତାର ବରମାଲ୍ୟ ପିନ୍ଧାଉଥିବା ବେଳେ କାହାର ଚିତ୍ରଣରେ ସେ ଜଣେ ସନ୍ତାନ ବତ୍ସଳା ହିତୈଷିଣୀ ଜନନୀ ବୋଲି ଦେଖାଯାଏ । କେହି ମନ୍ଥରାଙ୍କୁ ଏକ ଚକ୍ରାନ୍ତକାରିଣୀ ଖଳନାୟିକାର ଭୂମିକା ଦେଉଥିବା ବେଳେ କାହାର ଲେଖନୀ ନିର୍ଝରିଣୀର ପୂତ ପବିତ୍ରତାରେ ଧୂଆ ବାକ୍‌ଦେବୀଙ୍କର ପ୍ରତିନିଧି ବୋଲି ପ୍ରମାଣ ରହିଛି ।

ଏତେ ଗୁଡାଏ ଅସମାଧିତ ପ୍ରଶ୍ନର ମାୟାଜାଲରେ ଆମପରି ଅନୁଭବ ନଦାରଦଙ୍କ ଅବସ୍ଥା ଏକ ମୂକପକ୍ଷୀ ସଦୃଶ ହୋଇଯାଏ । ସେ ଚକ୍ରବ୍ୟୁହଟି ଭେଦ କରିବା ପାଇଁ ଆମର ସ୍ୱଚ୍ଛ ଚିନ୍ତନ ମୁତ୍‌ଫରକା ମାରିଯାଏ । ବିସ୍ମିତ ହେବାକୁ ପଡେ ଯେ, ବହୁ ପ୍ରାଗ୍ ଐତିହାସିକ କାଳରୁ ରାମାୟଣ ପରି ଗ୍ରନ୍ଥ ଉପରେ ଥିବା ଅଖଣ୍ଡ ବିଶ୍ୱାସର ଅଭଂଗା ଦୁର୍ଗ ସମାଜର କାହା ଉପରେ ତାହେଲେ ଆଶ୍ରା କରି ତିଷ୍ଠି ରହିଛି ?

ଆମ ଜିଜ୍ଞାସୁ ମନକୁ ସେହି ହିଁ ପୁଣି ଭରି ଦିଅନ୍ତି ଆଶାରେ, ବିଶ୍ୱାସରେ । ତାଙ୍କ ମତରେ ଏ ସବୁ ବିଷୟ ଯଦିଓ ଚିନ୍ତାଦ୍ୟୋତକ, କୁହେଳିକାମୟ ତଥାପି ଦୃଷ୍ଟିଭଙ୍ଗୀରେ କୌଣସି ପାର୍ଥକ୍ୟ ନାହିଁ । ବୈଷମ୍ୟତା ନାହିଁ । ଏହାକୁ ଯୁକ୍ତିରହିତ ଭାବେ କେବଳ ଗ୍ରହଣ କରାଯାଇ ପାରେ । ଯେମିତି

Digitized by PPRACHIN, SOA

ମହୁ ର ସ୍ୱାଦ ଅନ୍ଧାର ଆଲୋକରେ ମଧ୍ୟ ପ୍ରଭେଦ ନଥାଏ । ଏଇ ସବୁ ଅମୂଲ୍ୟ ଗ୍ରନ୍ଥ ନିତ୍ୟ, ସୁନ୍ଦର, ଶାଶ୍ୱତ, ଏହାକୁ ଗ୍ରହଣ କରିବାରେ ଆନ୍ତରିକତା ହିଁ ଲୋଡ଼ା, ଅନୁସନ୍ଧିତ୍ସୁ ନୁହେଁ ।

ଆମେ ପୁଣି ପଚାରିବସୁ-ଏଇ ସବୁ ଗ୍ରନ୍ଥକୁ ପାଠକରି ଅନେକ ବିଦ୍ୱାନ୍, ପଣ୍ଡିତ ବୋଲାଇଥାନ୍ତି । କିନ୍ତୁ ତାଙ୍କ ଉତ୍ତର ଏ ବାବଦରେ ସକାରାତ୍ମକ ଯେ-'ପ୍ରକୃତରେ ଏହା ଅମୂଳକ ନୁହେଁ ଯଥାର୍ଥ । ଶାସ୍ତ୍ରାନୁମୋଦିତ ନ୍ୟାୟରେ ନୀତିରେ, ଭାବରେ, ମଣିଷ ଆପଣାର ହୃଦୟକୁ ଅନୁବନ୍ଧିତ କରିବା ଉଚିତ୍ । ସେ ଆହୁରି କହନ୍ତି ଶାସ୍ତ୍ର ଜ୍ଞାନଯୁକ୍ତ ହେଲେ ଯେ ବିଦ୍ୱାନ୍, ପଣ୍ଡିତ କୁହାଯିବ, ଶାସ୍ତ୍ରଜ୍ଞାନ ରହିତ ହେଲେ ଯେ ମୂର୍ଖ କୁହାଯିବ ଏ କଥା ମଧ୍ୟ ଠିକ୍ ନୁହେଁ । ତାଙ୍କ ମତରେ କାମ, କ୍ରୋଧ, ଲୋଭ, ମୋହ ପରି ବିକାର ମାନେ ସ୍ୱାଭାବିକ ଭାବରେ ପ୍ରତ୍ୟେକ ହୃଦୟରେ ସ୍ଥାନିତ ହୋଇଥାଆନ୍ତି । ଶାସ୍ତ୍ରଜ୍ଞାନ ଦ୍ୱାରା, ପରିସ୍ଥିତି ପରିବେଶର ଅନୁଭୂତିକୁ ନେଇ ଏଇ ସବୁ ବିକାର ମାନଙ୍କୁ ମାର୍ଜିତ କରି ପାରିଲେ ମୂର୍ଖ ପଣ୍ଡିତ, ଜ୍ଞାନୀ ମଧ୍ୟ ପଣ୍ଡିତ ହୋଇଥାଏ । ଶେଷରେ ସେ କହନ୍ତି ଏଇ ସବୁ ଗ୍ରନ୍ଥରୁ ଚରିତ୍ରମାନଙ୍କର ଜନ୍ମ ଜାତକ ନ ଖୋଜି ବରଂ ଚରିତ୍ର ମାନଙ୍କର ଆଦର୍ଶ ଜୀବନ ପ୍ରଣାଳୀକୁ ଗ୍ରହଣ କରିବା ଉଚିତ୍ ।

ଆମେ ସ୍ୱଚକ୍ଷୁରେ ମଧ୍ୟ ଦେଖିଛୁ । ମହାବାତ୍ୟାର ଧ୍ୱସ୍ତ, ବିଖଣ୍ଡିତ ଘନଘଟା ଭିତରେ ସିଏ କେମିତି ଏକ ଦୁଃଖ ଶୋକ ରହିତ, ନିର୍ବିକାର ଚିତ୍ତରେ ବିଚରଣ କରୁଛନ୍ତି । ସାରା ସଂସାର ଉଚ୍ଛନ୍ନ କରି ଦେଉଥିବା ବିଭୀଷିକା ଯେମିତି ତାଙ୍କ ଚାରିପାଖର ବହୁ ହାତ ଦୂରରେ ସଂଗଠିତ ହେଉଛି । ତାଙ୍କୁ ସ୍ପର୍ଶ ମାତ୍ର କରି ପାରୁନି । ଆମ ଗାଁର ବହୁ ବୟସ୍କଲୋକମାନେ ଯୁଗ ପ୍ରଳୟର ଆତଙ୍କ ବିଷୟରେ ଆଲୋଚନା କରୁଥିବାବେଳେ । ମାଳିକା ସଂବନ୍ଧୀ ବହୁ ବିତର୍କ ଚାଲୁଥିଲା ବେଳେ ତାଙ୍କ ମତ କିନ୍ତୁ ଭିନ୍ନ । ସେ ଯେମିତି ଏଇ ମହାପ୍ରଳୟର ବିଶ୍ୱାସୀ ନୁହଁନ୍ତି । ଏମିତିକି ମହାପୁରୁଷ ମାନଙ୍କର ଭବିଷ୍ୟବାଣୀକୁ ମଧ୍ୟ ନାପସନ୍ଦ କରନ୍ତି । ତାଙ୍କ ମତରେ ପ୍ରତ୍ୟେକ ସୃଷ୍ଟିର ବିଲୟ ଧ୍ରୁବ । ଜନ୍ମର ମୃତ୍ୟୁ । ହଜାର ହଜାର ଲୋକଙ୍କ ମୃତ୍ୟୁ ପାଇଁ ତାଙ୍କ ମନରେ ଦରଦ ଅଛି କିନ୍ତୁ ଆକସ୍ମିକତା କିଛି ନାହିଁ । ମୃତ୍ୟୁକୁ ଅହରହ ଭେଟୁଥିବା ମଣିଷଟିଏ ଯେମିତି । ତାଙ୍କ ଯୁକ୍ତିରେ ବହୁପୂର୍ବରୁ ଆପଣାର ମୃତ୍ୟୁ କୁ ଚିହ୍ନିନପାରୁଥିବା ଲୋକ ଏପରି ଆକସ୍ମିକ ମୃତ୍ୟୁରେ ଭାଙ୍ଗିପଡିବା ସ୍ୱାଭାବିକ । ଭବିଷ୍ୟକାରଙ୍କ ଅତୀନ୍ଦ୍ରିୟତାକୁ ସେ ସମ୍ମାନ ଦିଅନ୍ତି ଯଦିଓ ସଂପୂର୍ଣ୍ଣ ବିଶ୍ୱାସୀ ନୁହଁନ୍ତି । ମହାବାତ୍ୟା ପରେ ପରେ ଅଯାଚିତ ସାହାଯ୍ୟର ହାତ ବଢ଼ି ଆସିବା, ଶସ୍ୟ ହାନୀର ପରିପୂରକ ଅଧିକ ଅମଳକ୍ଷମ ଶସ୍ୟ ଉପୁଜାଇବାକୁ ନୂତନତ୍ୱର ସଂଜ୍ଞା ଦିଅନ୍ତି ସିଏ ।

ଆମେ କିଛି ପ୍ରମାଣ ଉପସ୍ଥାପନା କରୁ ଭବିଷ୍ୟକାରଙ୍କ ସଠିକ ନିର୍ଣ୍ଣୟ ଉପରେ, ଯେମିତି ଶ୍ରୀମନ୍ଦିରରୁ ପଥର ଖସିବା ଘଟଣା ।

ତାକୁ ମଧ୍ୟ ସିଏ ଏଡ଼େଇ ଯାଆନ୍ତି ଭିନ୍ନ ଢ଼ଙ୍ଗରେ ଯେମିତି ଏଥିରେ କିଛି ନୂତନତ୍ୱ ନାହିଁ ବରଂ ଦୂରଦର୍ଶୀତା ଓ ନିରୁପଣର ଦକ୍ଷତା ବୋଲି କହନ୍ତି । ତାଙ୍କର ଯୁକ୍ତି କୌଣସି ସାଧାରଣ ଗୃହର

Digitized by PPRACHIN, SOA

ଭିତ୍ତି ସ୍ଥାପନ ବେଳେ ଭାଗ କାର ମଧ୍ୟ ଗୃହର ଆୟୁଷ ସମ୍ବନ୍ଧରେ କହିପାରନ୍ତି । ସେମିତି ଶ୍ରୀମନ୍ଦିର ନିର୍ମାଣ କାଳର ଭାଗ ସଂବନ୍ଧରେ ପରିଚିତ ଥିବା ବ୍ୟକ୍ତି ମଧ୍ୟ ଏହାର ଆୟୁଷ ଓ କେଉଁ ଦିଗରୁ ଏହାର କ୍ଷୟ ଆରମ୍ଭ ହେବ କହିଦେଇ ପାରନ୍ତି । ସର୍ବୋପରି ଭବିଷ୍ୟକାରଙ୍କ ଭାଇବୋହୂ ଦେଢ଼ଶୁର ପ୍ରୀତିକୁ ଯେ ଏବେ ବହୁ ପଛରେ ପକାଇ ପିତା ପୁତ୍ରୀର ଅବୈଧ ସଂପର୍କ ସେମାନଙ୍କ ଦୂରଦର୍ଶିତାର ବହୁ ଆଗରେ ଉପନୀତ ।

ସାଂପ୍ରତିକ ସମାଜର ଅବକ୍ଷୟ ସଂବନ୍ଧରେ ପ୍ରଶ୍ନ କଲେ ସିଏ ଯେଉଁ ଯୁକ୍ତି କରନ୍ତି ବାସ୍ତବରେ ତାହା ଅକାଟ୍ୟ ଅକାଟ୍ୟ ଲାଗେ । ତାଙ୍କ ମତରେ ସୃଷ୍ଟି କେବେ ପ୍ରାକୃତିକ ପାଣି, ପବନ, ଅଗ୍ନିରେ ଧ୍ୱଂସ ହେବ ନାହିଁ । ବରଂ ମଣିଷ ମଣିଷ ଭିତରେ ଭାବର ଅଭାବ ଚରମ ସୀମାରେ ଉପନୀତ ହେଲେ ଧ୍ୱଂସ ହିଁ ସଂଭବ ।

ମଣିଷର କ୍ରୋଧ ହିଂସା ପରି ନିଜେ ଜଳି ଅନ୍ୟକୁ ଜଳାଇବାର ଦାହିକ ଠାରୁ ଅଗ୍ନିର ଦହନ କାରୀ ଶକ୍ତି ନ୍ୟୁନ ଅଟେ । ବିଶ୍ୱାସଘାତୀ ପରି ବିଷାକ୍ତ ପବନ, ପ୍ରତାରଣା, ଛଳନା, ପରଶ୍ରୀକାତରତା ପରି ନର୍ଦ୍ଦମାର ଜଳ ମଧ୍ୟ କ୍ଷତି କାରକ ନୁହେଁ ।

ମଣିଷର ପ୍ରକୃତି ସମ୍ବନ୍ଧରେ ସିଏ ଚେତାଇ ଦିଅନ୍ତି ବହୁ କଥା । ଯେମିତି ସାମାନ୍ୟ ମଶାଟିଏକୁ ମାରିବାକୁ କେତେ ଜବରଦସ୍ତ ଚପୋଟାଘାତ ମଣିଷ ନିଜ ଦେହରେ ବସାଇଥାଏ । ଅନ୍ୟର ଦୋଷକୁ ଦେଖେଇବା ପାଇଁ ଆପଣାର ତର୍ଜନୀ ଆଙ୍ଗୁଠିକୁ ସଦର୍ପେ ଉଠାଉ ଥିବାବେଳେ ପରୋକ୍ଷରେ ନିଜ ଆଡକୁ ଅବଶିଷ୍ଟ ଆଙ୍ଗୁଠିକୁ ସିଏ ଉଠାଇଥାଏ । ଏହା ତାହାର ଆତ୍ମଘାତୀ ପ୍ରବୃତ୍ତି ନୁହେଁ କି ?

ଏମିତି ବହୁ ଅଭାବୀତ ଦିଗପାଇଁ ସିଏ ଜଣେ ଦିଗ୍‌ଦର୍ଶକ ଥିବାବେଳେ ଦିନେ ଆମକୁ କୌଣସି ପ୍ରାକ୍ ସୂଚୀ ନଥାଇଁ ହତବାକ୍ କରି ଦେଇଥିଲେ । ଘରୁ ଏ ପରିଣତି ବୟସରେ ପାଦ କାଢ଼ିଥିଲେ ତୀର୍ଥ ପର୍ଯ୍ୟଟନରେ । ପୁଣି ଏକାକୀ । ନିମିଷକ ଭିତରେ ଗାଁ-ଟା ସାରା ପ୍ରଚାରିତ ହୋଇ ଯାଇଥିଲା-"ପଂକୁକକା ତୀର୍ଥ ଦର୍ଶନରେ ଯାଉଛନ୍ତି ।"

ଗାଁ ତୋଟା ପାଖରେ ତାଙ୍କୁ ସଶ୍ରଦ୍ଧ ବିଦାୟ ଦେବା ପାଇଁ ରୁଣ୍ଡ ହୋଇ ପଡିଲେ ପ୍ରାୟ ସବୁ ଲୋକ । ସ୍ତ୍ରୀ, ପୁରୁଷ, ଯୁବକ, ଶିଶୁ ମଧ୍ୟ ବାଦ ପଡ଼ି ନଥିଲେ ।

ନିର୍ଲିପ୍ତ ତାଙ୍କର ଚେହେରା । ନିରୁଦ୍ଦିଷ୍ଟ ଠିକଣାରେ ଆମ ସମସ୍ତଙ୍କୁ ଛାଡି ଯାଉଛନ୍ତି, ଗାଁକୁ ମଧ୍ୟ ଛାଡି ଚାଲିଯିବେ । ସର୍ଭିଙ୍କ ଆଖିରେ ତାଙ୍କ ବିଦାୟ ବେଳର ସେହି କରୁଣ ମୁହୂର୍ତ୍ତ ଲୁହ ଭରି ଦେଇଥିଲା । ମାନସିକ ଭାବେ କେହି ଏମିତି ଗୋଟାଏ ସମୟ ସହିତ ସାଲିସ୍ କରି ପାରୁନଥିଲେ । କିନ୍ତୁ ତାଙ୍କ ମୁହଁରେ ଦୁଃଖ ପରିବର୍ତ୍ତେ ସେଇ ଅମାୟିକ ହସ ଚେନାଏ ଲାଖି ରହିଥିଲା । ନିଜର ଆର୍ଥିକ ସ୍ୱଚ୍ଛଳତା ଥିବା ସତ୍ତ୍ୱେ ମଧ୍ୟ ତାଙ୍କ ପକେଟ ଥିଲା ଖାଲି । ହାତରେ ଧୂଆଁଳାଇ ରଂଗ କପଡାର ଛୋଟିଆ ପୁଡିଆଟିଏ ।

Digitized by PPRACHIN, SOA

ଭିତ ଭିତରୁ ପ୍ରାୟ କେତେକ ବୟସ୍କ, ଯୁବକ ମଧ ବଢ଼େଇ ଦେଇଥିଲେ ତାଙ୍କ ହାତକୁ କିଛି କିଛି ଅର୍ଥ ଅନ୍ତତଃ ତାଙ୍କ ରାସ୍ତାଖର୍ଚ୍ଚ ପାଇଁ । କିନ୍ତୁ କାହାରିଠାରୁ ଗୋଟିଏ ପଇସା ବି ସେ ନେଇ ନଥିଲେ ବରଂ ସଭକ୍ତିରେ ସବୁକୁ ଏଡ଼େଇ ଦେଇଥିଲେ ।

ଯୁବକ ମାନଙ୍କ ଭିତରୁ କେହି ଜଣେ ପଚାରି ଦେଲା-''ପଂକୁକକା, ଆମ ସମସ୍ତଙ୍କୁ ଏଇ ଗାଁ କୁ ଛାଡ଼ି ଶୂନ୍ୟ ହସ୍ତରେ, ପୁଣି ଏକାକୀ ତୀର୍ଥକରି ଯାଉଛନ୍ତି । ସାଙ୍ଗରେ କିଛି ହେଲେ ନେଉ ନାହାନ୍ତି କାହିଁକି ? ସମୟ ଅସମୟରେ ଆପଣଙ୍କ କାମରେ ଆସିପାରେ ।''

ପଂକୁକକାଙ୍କ ମୁହଁରେ ସେଇ ଅଭାବହୀନ ହସ ଖେଳିଗଲା । ସମସ୍ତଙ୍କ ଆଡକୁ ଚାହିଁ ସିଏ କହିଲେ-''ମୁଁ ତ ତୀର୍ଥ କରିବା ପାଇଁ ଆଉ ସ୍ୱର୍ଗକୁ ଯାଉନାହିଁ ? ଏଇ ମାଟିରେ, ପୃଥିବୀର ପରିସୀମା ମଧରେ ହିଁ ଘୁରି ବୁଲିବି ! ଏଥିରେ କାହାକୁ ଛାଡ଼ି ଯାଉଛି କେତେବେଳେ । ତା'ପରେ ମୋ ଏକାକୀ ଯିବା କଥା ଯାହା କହୁଛନ୍ତି, ମୁଁ କିନ୍ତୁ ଏକାକୀ ନୁହଁ । ସପତ୍ନୀକ ତୀର୍ଥ କରି ଯାଉଛି ।

ସପତ୍ନୀକ !!!

ସଭିଙ୍କ ମନରେ ଜିଜ୍ଞାସାର ଅନ୍ତ ନାହିଁ । ପଂକୁକକା ଙ୍କର ସତରେ କିଏ ଆଉ ଦ୍ୱିତୀୟ ସ୍ତ୍ରୀ ହୋଇ ସାରିଛନ୍ତି ଯା' ଭିତରେ ? ନା-ନା ଏ କଥା କେବେ ବି ସମ୍ଭବ ନୁହେଁ । ପ୍ରଥମ ସ୍ତ୍ରୀ ଈଶା ଚଉଠୀ ରାତିରେ ହିଁ ଆତ୍ମହତ୍ୟା କରିଥିଲା

ଏଥର ରୁଣ୍ଡ ହୋଇଥିବା ଲୋକମାନଙ୍କର ବହୁ ଆକାଂକ୍ଷିତ କଥାଟି ସିଏ କହିବାକୁ ଯାଇ ହାତରେ ଧରିଥିବା ସେଇ ପୁଡିଆଟି ଦେଖେଇଲେ ଆଉ କହିଲେ ମୁଁ ଆଉ ଥରେ ବାହାହୋଇ ସପତ୍ନୀକ ହୋଇନାହିଁ କି ସ୍ତ୍ରୀ ଈଶାର ବିୟୋଗରେ ବିପତ୍ନୀକ ନୁହେଁ । ଏଇ ହେଉଛି ତାର ସ୍ମୃତିର ଅସ୍ଥି ଯା... ମୋ ପାଇଁ ଏ ପର୍ଯ୍ୟନ୍ତ ଜୀବନ୍ତ ହୋଇ ରହିଅଛି । ତାକୁତ ମୁଁ ସାଙ୍ଗରେ ନେଇ ଯାଉଛି ! ଏକ ଅଙ୍ଗରେ ପରା ତୀର୍ଥ ଦର୍ଶନର ଫଳ ମିଳେନା ! ଯା' ଠାରୁ ଆଉ ଅଧିକ ସହଚର୍ଯ୍ୟ ମୋତେ କିଏ ଦେଇ ପାରେ ?

ସ୍ତମ୍ଭୀଭୂତ ଜନତା । କାହାରି ତୁଣ୍ଡରେ କଥା ନାହିଁ । କେତେ ସମୟର ନୀରବତାକୁ ଭଙ୍ଗ କରି ଯୁବ ସୁଲଭ ଢ଼ଂଗରେ ଆମ ଗାଁ ମାଧ କହିଲା-''ପଂକୁ କକା ! ପୋଲିସ ଫାଇଲ୍, ସରକାରୀ ନଥିପତ୍ରରେ ଆପଣଙ୍କ ସ୍ତ୍ରୀତ ମୃତ । ବିଗତ ଏତେ ବର୍ଷପରେ ସିଏ ପୁଣି ଆପଣଙ୍କର ଏଇ ଯାତ୍ରାରେ ସହଚର୍ଯ୍ୟ ଦେବେ କେମିତି ? ଯିଏ ଆପଣଙ୍କୁ ଅଗ୍ରାହ୍ୟ କରି ଆତ୍ମହତ୍ୟା କରିପାରନ୍ତି ଆପଣ ତାଙ୍କରି ସ୍ମୃତିକୁ ଏଇମିତି ଜୀବନ୍ତ ଭାବି, ଜାବୁଡ଼ି ଧରି ନିଜକୁ ତିଳ ତିଳ ଦଗ୍ଧ କରୁଛନ୍ତି କାହିଁକି ?''

ଏ ପ୍ରଶ୍ନରେ ଏକ ରହସ୍ୟମୟ ହସ ଖେଳିଗଲା ତାଙ୍କ ଓଠରେ । ପଂକୁକକା ସ୍ନେହପୂର୍ଣ୍ଣ କଣ୍ଠରେ କହିଲେ-''ମାଧ, ମୋ ସ୍ତ୍ରୀ ଈଶା ସରକାରୀ ନଥିପତ୍ରରେ ମୃତ ହୋଇପାରେ । ତାର ଦୈହିକ ପ୍ରେମ, ଶରୀରର ସହଚର୍ଯ୍ୟ ମୋ ପାଇଁ ମୃତ ହୋଇପାରେ ! ତାର ଆତ୍ମୀକ ପ୍ରେମ ମୋ ପାଇଁ କେବେ ନଶ୍ୱର ନୁହେଁ । ପୋଲିସ୍ ସେ ମୃତ୍ୟୁର କାରଣ ଜାଣେନା । ଆପଣମାନେ ମଧ

Digitized by PPRACHIN, SOA

ଅନଭିଜ୍ଞ, ମୁଁ ମଧ୍ୟ କାହା ସାମନାରେ ଈଶାକୁ ମୃତ ବୋଲି କହିନାହିଁ । କିନ୍ତୁ ଆଜି ସେ ବିଷୟରେ କିଛି ଲୁଚେଇ ବି ନାହିଁ ।'' ଛୋଟିଆ ଦୀର୍ଘ ଶ୍ୱାସ ଥରେଇ ଦେଉଥିଲା ତାଙ୍କ ଲୋଚାକୋଚା ଚର୍ମତଳେ ଛପି ରହିଥିବା ପିଞ୍ଜରା କାଠିକୁ ।

ସେଇ ଅବିଚଳିତ ମୁଦ୍ରାର ସିଏ କହିଚାଲିଥିଲେ ତାଙ୍କ ଅତୀତ । ଈଶା ବାହା ହୋଇ ଯେଉଁଦିନ ଆମଘରକୁ ଏରୁଣ୍ଡି ବନ୍ଧଡେଇଁ ଆସିଥିଲା, ବୋଧହୁଏ ସେହି ସମୟଠାରୁ ହିଁ ତା' ଅବିବାହିତ ପ୍ରେମର ପୂର୍ଣ୍ଣଚ୍ଛେଦ ଟାଣିଦେଇ ନୂଆବୋହୂ ହୋଇ ଘର ସଂସାର ଗଢ଼ିବ ବୋଲି ଆଶା ବାନ୍ଧିଥିଲା । ମୋର ସ୍ୱାମୀତ୍ୱକୁ ହୃଦୟର ସହ ସ୍ୱୀକାର କରୁଥିବାବେଳେ, ପୂର୍ବ ପ୍ରଣୟର ଫଳ ସ୍ୱରୂପ ସେ ଥିଲା ଅନ୍ତଃସତ୍ୱା । ଗୋଟିଏ ନିଛକ ସ୍ତ୍ରୀତ୍ୱର ଆବେଗରେ ଆଗେଇ ଆସୁଥିବାବେଳେ ପାପଗର୍ଭର ଦୁଷ୍କୃତି ତାକୁ ପଛକୁ ଭିଡି ଧରୁଥିଲା । ସ୍ପଷ୍ଟ ଭାବରେ ମୋ ସାମନାର ଏକଥା ସିଏ ସ୍ୱୀକାର କରିଥିଲା । ଆଉ ପ୍ରାୟଶ୍ଚିତ କରିବାର ଦୃଢ଼ ପ୍ରତିଜ୍ଞ ମଧ୍ୟ ଥିଲା । ସେ ପାପକୁ ଧୋଇବାର ପ୍ରୟାସ କଲା ଆତ୍ମହତ୍ୟାର ଉଦ୍ୟମ କରି । ସବୁ ଘଟଣା ମୋ ଆଖି ସାମନାରେ ଆଉ ଏମିତି ଗୋଟିଏ ରାତିରେ ଘଟୁଥିବାରୁ ମୁଁ ପଥର ପାଲଟି ଯାଇଥିଲି । ସେ ଆତ୍ମହତ୍ୟାର ସୁଯୋଗ ନେଇଥିଲା ଆଉ ମୁଁ ମଧ୍ୟ ସେ ସୁଯୋଗ ଦେଇ ଶେଷ ପର୍ଯ୍ୟନ୍ତ ଈଶ୍ୱରଙ୍କ ନିଷ୍ପତ୍ତିକୁ ଅପେକ୍ଷା କରୁଥିଲି । କିନ୍ତୁ ପ୍ରଥମ ପ୍ରଚେଷ୍ଟାରେ ସିଏ ସଫଳ ହୋଇ ତା' ପାପକୁ ଧୋଇଦେଲା । କେଇଟା ମୁହୂର୍ତ୍ତରେ ନବବଧୂ ଈଶାର ଅସାଡ ଦେହ ଲୋଟି ପଡିଲା ଫୁଲବିଛଣାରେ । ପ୍ରଥମ କରି ଅନୁଭବ କଲି ପ୍ରେମ ପ୍ରାପ୍ତିରେ ନଥାଏ ଥାଏ ତ୍ୟାଗରେ ।

ମୃତ୍ୟୁ ପୂର୍ବରୁ କେତେ ଘଣ୍ଟା ସେଇ ଆତ୍ମୀକ ମିଳନ ଘଟିଗଲା ଯେଉଁ ଶାଶ୍ୱତ ସ୍ନେହର ସେତୁରେ ସିଏ ପତି ପତ୍ନୀର ସଂପର୍କକୁ ଯୋଡ଼ି ଦେଇଗଲା । ସେ ଅବିସ୍ମରଣୀୟ ହୋଇ ରହିଗଲା ମୋ ପାଇଁ । ଯା'ଠାରୁ ଆଉ କି ପ୍ରେମର ଆବଶ୍ୟକତା ଯେ ଗୋଟିଏ ପୁରୁଷ ପାଇଁ ଥାଏ ଏ ଯାଏ ମୁଁ ସେ କଥା ଅନୁଭବ କରିନି । ହୃଦୟରୁ ହୃଦୟକୁ, ଆତ୍ମାରୁ ଆତ୍ମାକୁ ଦେହରୁ ଦେହାତୀତକୁ ନେଇ ସେଇ ପ୍ରେମର ସୂତାଖିଅଟି ଆମ ଦୁହିଁଙ୍କୁ ସବୁ ସମୟ ପାଇଁ ବାନ୍ଧି ରଖିଥିବ । ଆତ୍ମା ସଂବନ୍ଧୀ ପ୍ରେମରେ ସିଏ ଯେତେବେଳେ ମୋ ପାଖରେ ଅମର । ପୁଣି ମୁଁ ବିପତ୍ନୀକ ହେଲି କେମିତି ? ଆମ ପ୍ରଣୟର ମହାପାର୍ବଣ ପ୍ରଳମ୍ବିତ ହୋଇଗଲା ମାଟିରୁ ଈଥର ଯାଏ ।

ଜୀବନର କୌଣସି ବିଫଳତାକୁ ପଛ କରି ମୋର ଏ ତୀର୍ଥ ଯାତ୍ରା ନୁହଁ । ଏଇ ବିଦାୟରେ କେହି ବ୍ୟଥିତ ହେବାବି ଉଚିତ୍ ନୁହେଁ । ଜୀବନ ଯାତ୍ରା କେତେବେଳେ କେଉଁ ଘାଟରେ ଲଙ୍ଗର ଟାଣିବ କିଏ ଜାଣେ ? ତଥାପି ଏ ଗାଁ, ତୁମ ମାନଙ୍କୁ ପଛରେ ପକାଇ ଚାଲିଯିବି ବୋଲି ଦୁଃଖ ଆସିବାତ ସ୍ୱାଭାବିକ୍ । ଏଥର ମୋତେ ବିଦାୟ ଦିଅ ।

ଲୁହଭିଜା ଆମ ଆଖି ଧାରରୁ ଫଂକୁ କକା ଆସ୍ତେ ଆସ୍ତେ ଅପସରି ଯାଉଥିଲେ । ସମସ୍ତଙ୍କୁ ପଛ କରି ସିଏ ଚାଲି ଯାଉଥିବା ବେଳେ ଗୋଟିଏ ହାତ ତାଙ୍କର ପୋଛି ନେଉଥିଲା ତାଙ୍କ ଆଖିରୁ ଝରି ପଡୁଥିବା ମୁକ୍ତା ବିନ୍ଦୁକୁ ।

❖

Digitized by PPRACHIN, SOA

ମାଦୀ ପଚାରଇ ନରକୁ

ଗୁଟୁର୍‌-ଗୁଟୁର୍‌...ଗୁଁ....ଉଁ....

ଗୁଟୁର୍‌ ଗୁଟୁର୍‌....ଗୁଁ..........।

ମାଦୀଟି (ମାଈପାରା) କହିଲା ତା' ନରକୁ-"ଏ ଶୁଣିଲଣି । ଏ ଘରେ ଆଉ ରହିହବନି ।" ନର କହିଲା-"କାହିଁକି ?"

-ମତେ ଭୟ ହଉଚି । ଏଇମିତି ଗୋଟିଏ ଘରେ ରହିବା ପାଇଁ ବିବେକ କାହିଁକି ନାହିଁ -ନାହିଁ କରୁଚି । କହୁଛି ଯେମିତି ଏ ଘରେ ରହିଲେ ତୋର ମଙ୍ଗଳ ନାହିଁ ।

-"ଆଲୋ ମଙ୍ଗଳ ଅମଙ୍ଗଳ ଚିନ୍ତା କରିବା ପାଇଁ ତୁ କିଏ-ନା ମୁଁ କିଏ ? ଜଣେ ପରା ସବୁରି ଉପରେ ଅଛି । ଯଦି ସିଏ ଅମଙ୍ଗଳ ଚିନ୍ତା କରୁଥାଏ ତ ଅମଙ୍ଗଳ ହେବ । ନହେଲେ ନାଇଁ । ନର କଥାରେ ସମର୍ଥନ କରି ମାଦୀ କହିଲା-"ସେ କଥାତ ଠିକ୍‌ । ହେଲେ ଜାଣୁ ଜାଣୁ ଆମେ ନିଆଁରେ ପାଦ ରଖିବା-ପୋଡ଼ି ଯିବନି ?"

Digitized by PPRACHIN, SOA

ନର କହିଲା-"କେମିତି ? ସେମିତି ତ ଆମେ କିଛି କରି ନାହୁଁ।"

ଏଥର ମାଦୀ ଗଳାକୁ ଟିକେ ଚାପି ଚାପି କିହଲା-ଶୁଣ ତମେତ ଦିନ ତମାମ ଉଡ଼ି ବୁଲିବ ଅଧାର ନିଶାରେ । ରାତିରେ ଠା' ଧରୁ ଧରୁ ଘୁମେଇ ପଡ଼ିବ । ଆଉ କିଛି ଦିନଗଲେ ଅଣ୍ଡା ଦୁଇଟାରୁ ମୋର ଛୁଆ ଜନ୍ମିବେ । ଜଗି ଜଗି ରାତିରେ ମତେ ନିଦ ବା କାହିଁ ଆସୁଚି ।"

ନର କହିଲା-"ହେଲା-ହେଲା । ମୁଁ ମାନୁଚି ଦିନଟା ଯାକର ଖଟଣି ପରେ ମୁଁ ଅବଶ୍ୟ ସଅଳ ସଅଳ ଶୋଇ ଯାଉଛି । ହେଲେ କିଛି ସେମିତ ଅଘଟଣ ଘଟିଛି କି ? ଚାପା ପଡିଗଲା ଆହୁରି ମାଦୀଟିର ଗଳା, ଟିକେ ପାଖକୁ ଲାଗି ଆସି କହିଲା-"କାଲି ରାତିରେ ବ୍ରାହ୍ମଣ ବୁଢ଼ା (ଘରମାଲିକ) ମନ୍ଦିରରୁ ଗୋଟାଏ ସୁନାଚାନ୍ଦ, ଆଉ ରୁପାର କେତେକ ଗହଣା ଚୋରେଇ ଆଣିଛି । ହେଲେ କେବେ ଠୁଁ ଆଣିଲାଗି କେଜାଣି, କାଲି ସ୍ୱାମୀ ସ୍ତ୍ରୀ ଦି'ଜଣଙ୍କ ଭିତରେ କଥା ପଡିଥିଲା । ହୋ-ହାଲ୍ଲାତ କମିଗଲାଣି, ଲୋକେ ଭାବିନେଲେଣି ଯେ ମହାବାତ୍ୟାର ସମୁଦ୍ର କୁଆରରେ ସେ ସବୁ ଭାସି ଯାଇଚି । ହେଲେ ସେ ସବୁ ଭାସି ଯାଇନଥିଲା-କି ହଜି ଯାଇନଥିଲା । ଏଇ ଘରେ ଅଛି । ବୁଢ଼ା ମନ୍ଦିରର ପୂଜା ସିନା କରୁଚି । ହେଲେ ମନ ତା'ର ଏତେ ନୀଚ, ଛି-ଛି । ଏ ଘରକୁ ଆସିବା ଆମର ବର୍ଷ ଗୋଟାଏ ପୂରିଗଲାଣି, ଭିତରେ ଭିତରେ ଏମିତି କଥା ଜାଣିଥିଲେ-ନା ମୋଟେ ଏଠି ଦଣ୍ଡେ ରହିନଥାନ୍ତି ।"

ନରଟିକେ ଦୀର୍ଘଶ୍ୱାସ ନେଇ ଅବଶୋଷରେ କହିଲା -"କଣ ଆଉ କରିବା ? କେଉଁଠି ଯାଇ ରହିବା ? ଏଇ କଥା ଲାଗି ଖାସ୍ ମନ୍ଦିର ଛାଡ଼ିଲେ । ଜମିଦାର ଘର ଛାଡ଼ିଲେ । ବାଛି ବାଛି ତମରି କଥାରେ ଗରୀବ ଘର ଦେଖି ରହିଲେ । ଯା'କୁ ଛାଡ଼ିଲେ ଆଉ ବା ସଂସାରଟାରେ ଜାଗା କାହିଁ ? ତଥାପି ଏମିତି କାଣ୍ଡ ଯେତେବେଳେ ଏ ଘରେ ଘଟିଗଲା, ମୁଁ ଆଉ ତୁମକୁ ଏଠି ରଖିବି ନାହିଁ ।

ମାଦୀ କହିଲା-ମନେ ଅଛି ଏ ଘରକୁ ପ୍ରଥମ ଆସିଲା ଦିନ କଥା । ସ୍ୱାମୀ ସ୍ତ୍ରୀ ଦିହେଁ କଣ କଥା ହେଉଥିଲେ ଆମେ କାଳେ ଯେଉଁ ଘରେ ରହୁ ସେ ଘରେ ଶ୍ରୀ ବୃଦ୍ଧି ଧନ ବୃଦ୍ଧି ହୁଏ । ସତକୁ ସତ ଆମ ଆସିବା ବେଳ କଥା ଏଇନାକୁ କାହିଁ ? ମନ୍ଦିର ରୁ ଫେରି ଚକଟା ପଞ୍ଚାମୃତ ଖାଇକି ଏ ଘରେ ରାତି କଟୁଥିଲା, ଏବେକୁତ ସବୁ ବଦଳି ଗଲାଣି ।

ନରକହିଲା-"ହଁ-ଅ, ତା' ନୁହେଁ ଆଉ କଣ ? ଚଷମାଟା ନେଳି ହେଲେ ଧୋବ ଫରଫର ଜିନିଷଟା ବି ନେଳି ଦେଖାଯାଏ ।"

ମାଦୀ କହିଲା- "ତମ କଥା ମୁଁ କିଛି ବୁଝି ପାରୁନି ।"

ନର କହିଲା-'ତମେ ବୁଝି ପାରିବନି, ପରତଣ୍ଡି କାଟି, ପରଧନ ଲୁଟି ଯଦି ମଣିଷ ତା' ଶ୍ରୀବୃଦ୍ଧି ଧନବୃଦ୍ଧି କରାଏ; ଘୋଦର ଗୋଡ ପ୍ରସଂଗ ହେବ ସିନା, ଦେହର ମଙ୍ଗଳ ନୁହେଁ ।

Digitized by PPRACHIN, SOA

ମାଦୀ ଆଖିରେ ଜିଜ୍ଞାସା ଭରି ରହିଥିଲା-"ଆଛା ଖୁସିରେ ମଣିଷ ଅଳପ ଖାଇ କାହିଁକି ଦଣ୍ଡେ ଶାନ୍ତିରେ ରହିବାକୁ ଚାହୁଁ ନାହିଁ ?

ଏଥର ନର ଓଠରେ ସ୍ମିତହାସ୍ୟ । କହିଲା-"ଏବେକୁ ଆପଣା ଘିତିରେ କେହି ହେଲେ ସନ୍ତୁଷ୍ଟ ନୁହଁନ୍ତି । ରାଜ ଠୁଁ ପ୍ରଜା, ମଣିଷ ପଶିଆର ପ୍ରତିକୂଳ ସୁଅରେ ସମସ୍ତେ ଅଂଧାଧୁନିଆଁ ପହଁରି ଚାଲିଛନ୍ତି । ଜଣକୁ ଜଣେ ପଛକୁ ପକାଇ ଆଗକୁ ଯିବାର ନିଶାଗ୍ରସ୍ତ ସଭିଏଁ । ସୁବିଧା ଜନକ ସୁଲଭ ସୁଖକୁ ହାତ ପାହାନ୍ତାରେ ପାଇବାକୁ ସମସ୍ତେ ବ୍ୟଗ୍ର । ଭୁଲ୍ ହେଉ କି ଅବାଟ, ଅନ୍ୟାୟ ହଉ ପଛେ ଆଗକୁ ଯିବାଟାକୁ ସମସ୍ତେ ଏଠି ଉନ୍ନତି ଭାବୁଛନ୍ତି ।.ତେଣୁ ଘର ମାଲିକ କଣ ଆଉ କରନ୍ତା ? ମନ୍ଦିରରେ ପୂଜକ କାମ କରି ଭକତଙ୍କ ଦର୍ଶନୀରେ ଖାଲିସିନା ପେଟକୁ ଖାଉଥିଲା । ଘର ଖଣ୍ଡେ, ସ୍ତ୍ରୀ ପାଇଁ ଗହଣା ଖଣ୍ଡେ, ଏମିତି ଆଉ କିଛି ପାଇଁ...."

ମାଦୀ କହିଲା-"ଏଇଥି ପାଇଁତ ତମ କଥାରେ ମନ୍ଦିର ଛାଡ଼ିଥିଲି ।"

ବିରକ୍ତ ମିଶା ଗଳାରେ ନର କହିଲା-"ହୁଁ ମନ୍ଦିର ଛାଡି ନ'ଥାନ୍ତେ ! ଆଉ କଣ ସେମିତି ଗୋଟିଏ ମନ୍ଦିରରେ କିଏ ରହିପାରେ ! ମନ୍ଦିର ମାନେ ତମେ କଣ ବୁଝ କହିଲ ?"

ମାଦୀ କହିଲା ସ୍ୱଭାବ ସୁଲଭ ଢ଼ଙ୍ଗରେ -"କଣ ଆଉ ବୁଝିବି ! ମନ୍ଦିର ତ ମନ୍ଦିର, ଠାକୁର ପୂଜା, ଫୁଲ, ଧୂପ, ଚନ୍ଦନ ଲାଗି, କିସମ କିସମ ଭୋଗ, ଭକତ ଗହଳି, ପ୍ରବଚନ, କୀର୍ତ୍ତନ, ଭଜନ ଆଉ କଣ ? ଦିନକୁ ଦିନତ ଆହୁରି ସେଠି ମନ୍ଦିର ଗଢ଼ା ଚାଲିଥିଲା । ଲୋକେ କୁହାକୁହି ହେଉଥିଲେ ସେ ମନ୍ଦିର ବେଢ଼ାରେ ଆହୁରି କେତେ ମଣ୍ଡପ ଖୋଲିବ । ଭକ୍ତ ଜନଙ୍କ ପାଇଁ ମାଗଣା ଭୋଗ ବ୍ୟବସ୍ଥା ହେବ ।"

ନର କହିଲା-"ରଖ ତମର ଅନର୍ଗଳ ଭାଷଣ । କେଉଁ ଠାକୁର କହିଛନ୍ତି ମୋତେ ଫୁଲ ଦିଅ । ଧୂପ ଚନ୍ଦନ ଦେଇ ପୂଜା କର ଏଁ । ଆଉ ଠାକୁର ଯଦି ଖାଉଥାଆନ୍ତେ ପୃଥିବୀଟା ନିଅଣ୍ଟ ପଡୁଥିବା ଲୋକମାନେ ପୁଣି ଭୋଗ କୁଢ଼େଇ ପକାନ୍ତେ ଠାକୁରଙ୍କ ପାଖରେ !"

ମାଦୀ କହିଲା-"ଆଉ ତା' ହେଲେ ?"

ନର କହିଲା-"ଏ ସଚରାଚର ପୃଥ୍ୱୀ ଠାକୁର ଗଢ଼ିଛନ୍ତି । ତାଙ୍କ ଆଦେଶରେ ଆଲୋକ, ପାଣି ପବନ ସବୁ କିଛି, ଆଉ ତାଙ୍କରି ଗଢ଼ା ଜିନିଷ ତାଙ୍କୁ ମଣିଷ କାହିଁକି ଦି ଏ ? ସିଏ ପୁଣି ଗ୍ରହଣ କରନ୍ତି କାହିଁକି ?"

ମାଦୀ କହିଲା- "ନା'- ଏତେ କଥା ମୋ ମୁଣ୍ଡରେ ଢୁକିବ ନାହିଁ ।"

ନର କହିଲା-"ଶୁଣ । ଫୁଲଟିଏ ତୋଳିବାରେ ମଣିଷର ଯାଚଞ୍ଚା ପାଇଁ କାମରେ ଆସିପାରେ ହେଲେ ସେ ନୀରିହ ଫୁଲଟିର କି ଯାଏ ? ସେ କଥା ଛାଡ଼ । ଫୁଲଟିଏ ତୋଳିବାରେ ହେଉ କି ଠାକୁରଙ୍କ ଉଦ୍ଦେଶ୍ୟରେ ନୈବେଦ୍ୟଟିଏ ବାଢ଼ିବାରେ ହେଉ, ଭକତ ମନର ନିଷ୍ଠା ପବିତ୍ରତାକୁ

Digitized by PPRACHIN, SOA

ପରଖ କରୁଥାଆନ୍ତି ସିଏ । ହେଲେ ସେ ସବୁ ନିଷ୍ଠା ପବିତ୍ରତା ଏବେ ଆଉ ମଣିଷ ମନରେ ଅଛି ? ମନ୍ଦିର ଉପରେ ମନ୍ଦିର ତୋଳିବା ମଣିଷର ଆତ୍ମ ବଡ଼ିମାର ପ୍ରତୀକ । ତୁଚ୍ଛା ଦେଖେଇ ହେବାର ଭାବ । ଏଥିକୁ କି ଠାକୁର ସନ୍ତୁଷ୍ଟ ? ମନ୍ଦିର ବେଢ଼ାରେ ନାନାଦି ପାପକର୍ମ, ଅନାଚାର, ଭକତ ଭକତ ଭିତରେ ପ୍ରତିଯୋଗିତା, ଲଢ଼େଇ । ଆପଣାର ଧର୍ମ ଭାବକୁ ଅନ୍ୟଉପରେ ଜୋର ଜବରଦସ୍ତ ଲଦି ଦେବାର ପ୍ରୟାସ । ଆତ୍ମଜ୍ଞାନ ନଥିବା କିଛି ଶାସ୍ତ୍ରପଟୁ ତାର୍କିକ ମାନଙ୍କର ପ୍ରବଚନ ସଭା ଚାଲୁଚି ସେଠି । ସିଏ କି ମନ୍ଦିର ?''

ମାଦୀ କହିଲା-''ତା ହେଲେ ମନ୍ଦିର ଆଉ କେଉଁଠି ମିଳିବ ?''

ନର କହିଲା-''ମନ୍ଦିର ତ ସବୁଠି । ଏ ଦେହ ମନ୍ଦିର । ଏ ଘର ମନ୍ଦିର । ସେ ମନ୍ଦିରବି ମନ୍ଦିର । ହୃଦୟ ପବିତ୍ର ଥିଲେ ଆପଣା ସ୍ଥାନ ଆଦରି ଠାକୁରେ ବିଜେ ହୁଅନ୍ତି । ସ୍ନେହ ଶ୍ରଦ୍ଧା, ଆତ୍ମିକ ଜ୍ଞାନର ସମନ୍ୱୟ ଘଟିଲେ ଘର ମନ୍ଦିର, ମନ୍ଦିର ବି ମନ୍ଦିର, ବୁଝିଲ !''ମାଦୀ କହିଲା-''ହଁ-କିଛି କିଛି ଏ ଭିତରି କଥା ବୁଝୁଚି । ହେଲେ ମୋତେ ଏଥର ଟିକେ ବୁଝେଇ ଦିଅ ଯଦି ମନ୍ଦିରରେ ଏ ପ୍ରକାର ଅଭାବ ଦେଖି ସେଠୁ ଚାଲି ଆସିଲ ପୁଣି ସେ ଜମିଦାର ବାବୁଙ୍କ ଘରେ କେମିତି ବସା ବାନ୍ଧିଲ ?''

ନର କହିଲା-''ସେ କଥା ଶୁଣିବ । ମୋ ମନରେ ବି ଦିନେ ଏଇ ଧାରଣା ଥିଲା, ସଂସାରରେ ଯିଏ ବଡ଼ଲୋକ ତା' ପାଖରେ କିଛି ଐଶୀଶକ୍ତି, ଗୁଣ ନିହିତ ଥାଏ । ତା' ନହେଲେ ତାର ପ୍ରାସାଦ ଥିବାବେଳେ ଅନ୍ୟର ଝୁମ୍ପୁଡ଼ି ଘର କେମିତି ?''

ମାଦୀ କହିଲା-''ହଁ-ତ ମୁଁ ମଧ ସେତେବେଳେ ସେଇଆ ଭାବୁଥିଲି । ସେଇବେଳକୁ ବି ମୋ ପେଟଭାରି । ଭାବିଲି ତମେ ମୋତେ ଉଚ୍ଚା ସିମେଣ୍ଟ କାନ୍ଥ ଆଉ ନିରାପଦ ସ୍ଥାନ ଦେଖି ନେଇ ପାଉଛ ବସା ବାନ୍ଧିବାକୁ ସେଠି । ଯେଉଁଠି ଅଣ୍ଡାଟିକୁ ନିରାପଦରେ ରଖି ମୋ ଛୁଆର ମୁହଁ ଦେଖି ପାରିବି ।''

ନର କହିଲା-''ସେଇ ଛୁଆଙ୍କ ମୋହ ମୋ ମନରେ ଲାଗିଥିଲା ଅବଶ୍ୟ । କିନ୍ତୁ ସଂସାରର ସବୁ ବଡ଼ଲୋକଙ୍କ ବାବଦରେ ମୋର ଗୋଟିଏ ଭିନ୍ନ ଧାରଣ ଥିଲା ।''

ମାଦୀ କହିଲା-''ସମସ୍ତେ ତାଙ୍କୁ ତ ଧନୀ, ମାନୀ ଲୋକ ବୋଲି କହୁଥିଲେ । ବହୁ ଲୋକଙ୍କ ତୁଣ୍ଡରୁ ଯାହା ଶୁଣାଯାଏ ତାହାତ ଈଶ୍ୱରଙ୍କ କଥା ବୋଲି କହନ୍ତି !''

ଏଥର ନର କହିଲା-''ଧନୀ ଲୋକର ଭୁଲ ମୋ ମନରେ ବି ବସା ବାନ୍ଧିଥିଲା । କିନ୍ତୁ ଧନୀ ଲୋକକୁ ଯେ ବଡ଼ଲୋକ କୁହାଯିବ, ଏ କଥା ଠିକ୍ ନୁହେଁ । ବିତ୍ତଶାଳୀ ହେଲେ ଲୋକ ଧନୀହୁଏ । ହେଲେ ଯିଏ ବଡ଼ଲୋକ ସିଏ ତ ସବୁ କଥାରେ ବଡ, ମହାନ । ସମଦର୍ଶୀ, ସମଭାଷୀ, ସମଜ୍ଞାନୀ ଇତ୍ୟାଦି ଇତ୍ୟାଦି । କିନ୍ତୁ ସେ ସବୁରୁ ଗୋଟିଏ ବି ସେଇ ଧନୀ ବ୍ୟକ୍ତି ଘରେ ତମେ

Digitized by PPRACHIN, SOA

ଦେଖିଛକି ? ଏତେ ବଡ଼ ଘର । ଚାକର ବାକର, ପିଅନ ପିଆଦା, ଭାଇ ବନ୍ଧୁ, ସବୁରେ ଖାଲି ଗହଳ ଚହଳ । କିଏ କାହାକୁ ସେଠି ପଚାରେ, ଭଉଣୀ ଭାଇ କି ମାନେ ? ନା ଲଘୁଜନ ଗୁରୁଜନଙ୍କୁ ସମ୍ମାନଦିଏ । ଏତେ ଟିକିଏ ସ୍ନେହ, ସରାଗ ନାହିଁ । ଆପଣା ଆପଣାର ସ୍ୱାର୍ଥରେ, ସୁଖରେ ସମସ୍ତେ ମାତିଥାଆନ୍ତି । ଆଭିଜାତ୍ୟ ନାଆଁରେ ବ୍ୟଭିଚାର, ଭ୍ରଷ୍ଟାଚାର ଗନ୍ତାଘର ସେଇଟା ।''

ମାଦୀ କହିଲା-''ତା ହେଲେ ଏଇ ଧନୀ ନିର୍ଦ୍ଧନର ପ୍ରଭେଦ ଭଗବାନ ରଖୁଥିଲେ କାହିଁକି ? ଚାହିଁଥିଲେ ସିଏତ ସମାନ କରି ସମସ୍ତଙ୍କୁ ଗଢ଼ି ପାରିଥାଆନ୍ତେ ? ଏବେକୁ ଏତେନାଟ ହୁଅନ୍ତା ନାହିଁ ।''

ନର କହିଲା-''ଭଗବାନ ତ ସମାନ କରି ଗଢ଼ିଛନ୍ତି । ତାଙ୍କ ଗଢ଼ାରେ ଏତେ ଟିକେ ବି ଭୁଲ୍ ନାହିଁ । ମଣିଷ ଗୋଟିଏ । ରକ୍ତ ଗୋଟିଏ । ଆଖି, କାନ, ନାକ ସବୁ ଏକା ପରି । ଆଉ ସମାନ କଥା କହୁଚୁ । କେହି ନିର୍ଦ୍ଧନ କି ଧନୀ, କେହି ଉଚ୍ଚ କି ନୀଚ ସିଏ ସୃଷ୍ଟି କରି ନାହାଁନ୍ତି । ସବୁ ଆପଣାର କର୍ମଫଳ ଅନୁସାରେ ହିଁ ସିଦ୍ଧ ହୁଏ । ଭଗବାନ କାହାକୁ ଧନରେ ଧନୀ, କାହାକୁ ଜ୍ଞାନରେ ଜ୍ଞାନୀ, ଯଶରେ ଯଶସ୍ୱୀ, କାହାକୁ ଆତ୍ମଭାବରେ ବିଶ୍ୱାସୀ, କରି ଏମିତି ଅନେକ ଢଙ୍ଗରେ ଧନୀ କରିଛନ୍ତି । ଏବେକୁ ଏ ସବୁକୁ ପଛକୁ ରଖି ଅର୍ଥ, କ୍ଷମତା, ପ୍ରତିପତ୍ତି ପଛରେ ହିଁ ମଣିଷ ଧାଇଁଚି, ତା ନହେଲେ ସର୍ଭିଏ ସମାନ ।''

ମାଦୀ କହିଲା-''ତା'ହେଲେ ମଣିଷ ଦୁଃଖ-ଦୁଃଖ କହି ବ୍ୟଥିତ ହେଉଚି, ଅଭାବ ଅଭାବ କହି ପରକୁ ଲୁଟୁଚି କାହିଁକି ?''

ନର କହିଲା-''ଥରେ ତ କହିଛି, ଆପଣା ସ୍ଥିତିରେ ଯିଏ ସନ୍ତୁଷ୍ଟ ନ ହେଲେ ସିଏ ଦୁଃଖୀ । ଆପଣାର ଚାହିଦାକୁ ଯିଏ ସୀମିତ ରଖି ନ ପାରିଲା ସିଏ ଅଭାବୀ । ମହାପୁରୁଷ କହିଛନ୍ତି ପରା କାମନାର ବିନାଶରେ ଦୁଃଖର ବିନାଶ ବୋଲି ।''

ମାଦୀ କହିଲା-''ହଉ ହେଲା । କାମନା କରି ଧନୀ ଆହୁରି ଧନଶାଳୀ ହୁଏ କିନ୍ତୁ କାମନା କରି ଗରୀବଟିଏ କାହିଁକି ଧନୀ ହୋଇ ପାରେନା ?''

ନର କହିଲା-''ଧନୀ ଲୋକର ପ୍ରାଚୁର୍ଯ୍ୟ ପ୍ରାପ୍ତି ପଛରେ ତା'ର ଅଚ୍ଛ କର୍ମ ପଟୁତା ଓ ଅଧିକ ଅନୀତି ଥାଏ । ଗରୀବଟି ପଛରେ କର୍ମ ପଟୁତା ଯେତିକି ଅଧିକ ଭାଗ୍ୟବାଦୀତା ବିବଶତା ଥାଏ । ତେଣୁ ଏ ଉଚ୍ଚ ନୀଚର ବ୍ୟବସ୍ଥା ।''

ମାଦୀକହିଲା-''ହଉ ସେ କଥା ପରେ ହବ । ପାହାନ୍ତି ପହର ହେଲାଣି, ଆଉ କେଇଦଣ୍ଡ ପରେ ସକାଳ ହବ । କଣ କରିବ କୁହ । ଏଥରକୁ ଯିବା କୁଆଡେ ସ୍ଥିର କର ।''

ନର କହିଲା ଏକଦମ୍ ନିରାସକ୍ତ ଗଳାରେ -''ସେ କଥା ମୁଁ କିଏ ସ୍ଥିର କରିବାକୁ । ଯିଏ ଏ ଘରୁ ଆମକୁ ନଉଚି ସିଏ ସ୍ଥାନ ଠିକ୍ କରିଥିବ । ଯିଏ ଆଜି ପର୍ଯ୍ୟନ୍ତ ସବୁ ଠିକ୍ ଠାକ୍ କରି ରଖିଥିଲା ଆସନ୍ତା କାଲି ପାଇଁ ସିଏ ନିଶ୍ଚୟ କିଛି କରିବ ।''

Digitized by PPRACHIN, SOA

ମାଦୀ କହିଲା-"ନାଇଁ-ନାଇଁ, ସେମିତି କହିଲେ ଚଳିବ । ଆମେ ସିନା ଉଡ଼ିଯିବା, ହେଲେ ଅଣ୍ଡା ଦି'ଟା । ଆଉ କେତେ ଦିନ ପରେ ଛୁଆ ହୋଇ ଥାଆନ୍ତେ ।"

ନର କହିଲା-"ଏତେ ବୁଝେଇଲା ପରେ ମଧ୍ୟ ସେଇ ମୋହ ! ସେଇ ମାୟା ! ଯେ ପର୍ଯ୍ୟନ୍ତ ଏଇ ଟିକିଏ ଜିନିଷ ନଚେଢ଼ିଛି ମଣିଷ ସେଇମିତି ଜନ୍ମପରେ ଜନ୍ମନେଇ କର୍ମ ଚକ୍ରରେ ପେଶି ହେଉଥାଏ । ଏତକ ବିନାଶ ନ ହେଲେ ମଣିଷ ମୁକ୍ତ ନୁହେଁ । ଆଚ୍ଛା କହିଲ ଯା' ପୂର୍ବରୁ ତମର କେତେ ଛୁଆ ହୋଇଛନ୍ତି ? କାହାର ରକ୍ଷକ ତମେ ହୋଇ ପାରିଛ ? କେତେ ତମ ପାଖରେ ଅଛନ୍ତି ? ବୁଝିଲ ଉଡି ବୁଲିଲା ଠୁଁ ଫୁର୍ । ପୁଣି ସେଇ ଜାଲରେ କାହିଁକି ଛନ୍ଦି ହେଉଚ କହିଲ ? ଏ ପୃଥିବୀରେ ଖାଇବା ପାଇଁ ଦାନାର ଅଭାବ, ପିନ୍ଧିବା ପାଇଁ କନା, ରହିବା ପାଇଁ ଥାନ । ଏତେ ଅଭାବକୁ ପୁଣି ଆମେ କାହିଁକି ବୋଝ ସୃଷ୍ଟି କରିବା । ହଉ ତମେ ବାହାରି ପଡ ମୁଁ ଏ ଦୁଇଟି କଥା ଚିନ୍ତା କରୁଛି ।"

ଠକ୍-ଠକ୍ ।

ଖସି ପଡ଼ିଲା ନରର ନଖ ପନ୍ଝାରୁ ଅଣ୍ଡା ଦିଇଟା ତଳକୁ । ଆଖି ସାମନାରେ ମାଦୀ ଦେଖୁଥିଲା ତା' ଦୁଇ ଆସନ୍ତା ଭବିଷ୍ୟତଙ୍କର ଅପୂର୍ଣ୍ଣାଙ୍ଗ ଭ୍ରୁଣ ଲାଳ ଜୁବୁବୁବୁ ହୋଇ ଖସିପଡିଛନ୍ତି ମାଟି ଚଟାଣ ଉପରେ ।

ଟପ୍-ଟପ୍ ।

ଖସି ପଡ଼ିଲା ତା' ଆଖିରୁ ଶେଷ ଲୁହ ଦୁଇଟୋପା । ମାୟା ସବୁ ତୁଟିଗଲା କି କଣ !

ଫଡ୍-ଫଡ୍-ଫଡ୍-ଫଡ୍ ।

ବ୍ରାହ୍ମଣ ବୁଢ଼ା ସକାଳ ପ୍ରହରୁ ନିଦୁଆ ଆଖିରେ ଘରୁ ପାଦ କାଢ଼ିଲା ବେଳକୁ ପାଦ ପଡିଗଲା ସେଇ ଭ୍ରୁଣ ଦି'ଟାଙ୍କ ଉପରେ । ଧସ୍ କରି ଖସିଗଲା ତଳିପା ଯେ ପତୁ ପତୁ ରହିଗଲା । ଅଧାଗଢ଼ା ଛୁଆ ଦି'ଟାଙ୍କ କଅଁଳ ଅବୟବକୁ ଦେଖି ଶିହରିତ ହୋଇଉଠିଲା ସର୍ବାଙ୍ଗ । ଟାଙ୍କୁରୀ ଉଠିଲା ଲୋମକୂପ ଗୁଡ଼ା । ଅଣ୍ଡା ଦି'ଟାର କାହିଁକି ଏ ପରି ଅବସ୍ଥା ? ଉପରକୁ ଚାହିଁଦେଲା । ଝୁଡିଟା ଫାଙ୍କା । ଝୁଲୁଚି ମଥାନରେ । ପାରା ଦି'ଟା ବି ନାହାଁନ୍ତି ।

ମନର ଭୂତ ମନ୍ଦିର ଚୋରୀ ପାପପାଇଁ ଡରାଉଥିଲା କି କଣ ?

ସ୍ୱଗତୋକ୍ତି କଲା ମନେ ମନେ-"ଏ ଘରୁ ବୋଧେ ଲକ୍ଷ୍ମୀ ଛାଡ଼ିଗଲେ ।"

❖

Digitized by PPRACHIN, SOA

ମନ ଆଇନା

ଛାୟା ଶୀତଳ ଅରଣ୍ୟ । ନାନା ଜାତି ଫୁଲ ଫଳରେ ସବୁଜ ବୃକ୍ଷଲତା ଭରପୁର । ଗଛଡାଳରେ ପକ୍ଷୀଙ୍କର କାକଳୀ, ପରିବେଶ ଅତ୍ୟନ୍ତ ମନୋମୁଗ୍ଧକର । ପରିବେଶକୁ ଶାନ୍ତରୁ ପ୍ରଶାନ୍ତ କରେ ପ୍ରଶାନ୍ତ ଚିତ୍ତ ଗୈରିକ ବସନାବୃତ୍ତ ସନ୍ୟାସୀ, ଓ ତାଙ୍କର ଆଶ୍ରମ । ଏକ ଗୁରୁକୂଳ କହିଲେ ଅତ୍ୟୁକ୍ତି ହେବ ନାହିଁ । ପ୍ରତ୍ୟେହ ପ୍ରତ୍ୟୁଷରୁ ଆସନ୍ତି ଅନେକ କୋମଳ ମତି ବାଳକ ବାଳିକା, ସନ୍ୟାସୀଙ୍କର ଶିକ୍ଷାଦାନର ମହନୀୟତା, ଅପୁରନ୍ତ ଶିଷ୍ୟ ବତ୍ସଳତା, ଶିଷ୍ୟ ଶିଷ୍ୟା ମାନଙ୍କୁ ବିମୁଗ୍ଧ କରୁଥାଏ । ସର୍ବୋପରି ଏକ ଗୁରୁଙ୍କର ସକଳ ଭୂମିକାକୁ ଆନ୍ତରିକତାର ସହ ସଂପାଦନ କରିବାରେ ତାଙ୍କର ତିଳେ ମାତ୍ର କାର୍ପଣ୍ୟତା ପ୍ରକାଶ ପାଏ ନାହିଁ । ସୁତରାଂ ଶିଷ୍ୟମାନଙ୍କୁ ଅମାପ କରୁଣା, ସ୍ନେହ ଅଜାଡ଼ି ଦେଇ ସନ୍ୟାସୀ ନିଜକୁ ଧନ୍ୟ ମନେ କରନ୍ତି । ଶିକ୍ଷାଦାନ ଅନ୍ତେ ପ୍ରିୟ ଶିଷ୍ୟ ମାନଙ୍କୁ ବିଦାୟ ଦେଇ ପୁଣି ଆସନ୍ତା ସକାଳର ପ୍ରତୀକ୍ଷାରେ ରହନ୍ତି ସିଏ । ଆଶ୍ରମର ନିତ୍ୟ ନୈମିତ୍ତିକ କର୍ମକୁ ମଧ୍ୟ ନିଜେ ଆନ୍ତରିକତା ସହ ସମାପନ କରି ଭଗବତ ଚିନ୍ତାରେ ନିଜକୁ ନିୟୋଜିତ କରନ୍ତି । ଚପଳମତି ଶିଶୁ ମାନଙ୍କର ସାନିଧ୍ୟରେ ତାଙ୍କ ହୃଦୟରେ ନିତି ପ୍ରତି ଏକ ଅହେତୁକ ମମତା ଜାଗିଉଠେ । ଶିଷ୍ୟମାନଙ୍କର ବିଭିନ୍ନ ସନ୍ଦେହକୁ ସରଳ ଉଦାହରଣରେ ସେ ମୀମାଂଶା କରିବାକୁ ଚେଷ୍ଟା କରନ୍ତି । ଉପଦେଶ ଛଳରେ ସମସ୍ତଙ୍କୁ ପବିତ୍ର ଜୀବନ ଯାପନ କରିବାକୁ ଉତ୍ସାହିତ କରିଥାନ୍ତି ।

Digitized by PPRACHIN, SOA

ଏମିତି ଏକ ନୈସର୍ଗିକ ସୁଷମା କୋଳରେ ଦିନକୁ ଦିନ ଆଶ୍ରମ ପରମ ଶାନ୍ତିରେ ଉଦ୍‌ଭାସିତ ହୋଇ ଉଠୁଥାଏ । ଏକଦା ଆଶ୍ରମକୁ ବିଦ୍ୟାଧ୍ୟୟନ ନିମନ୍ତେ ଆସୁଥିବା ଶିଷ୍ୟମାନଙ୍କ ଭିତରେ ଏକ ଅଭାବନୀୟ ଘଟଣା ଘଟେ । ଯାହାର ସମାଧାନର ସୂତ୍ର ଚପଳମତି ବାଳକମାନଙ୍କୁ ମାନସିକ ଦ୍ୱନ୍ଦ ଭିତରେ ପକାଇ ଦିଏ ।

ଶରତର ନିର୍ମଳ ଆକାଶ ତଳେ ଦୁର୍ଗତି ନାଶିନୀ ମା' ଦୁର୍ଗାଙ୍କର ଉତ୍ସବ ସଦ୍ୟସମାପନ ହୋଇଥାଏ । ଆସୁରିକ ଶକ୍ତିର ବିନାଶ ନିମନ୍ତେ ଆଜାନୁଲମ୍ବିତ ଦଶଭୂଜାଙ୍କର ଅସ୍ତ୍ର ଶସ୍ତ୍ର ବିମଣ୍ଡିତା ମାଟିର ମୃଣ୍ମୟ ମୂର୍ତ୍ତିକୁ ଭକ୍ତ ପ୍ରାଣ ବିସର୍ଜନ ଦିଅନ୍ତି ପୂଜା ଶେଷାନ୍ତେ ନଦୀ କିମ୍ବା ଝରଣାର ଜଳରେ ।

ଆଶ୍ରମକୁ ଲମ୍ବିଥିବା କଳ ନାଦିନୀ ଝରଣାର ସ୍ୱଚ୍ଛ ଜଳରେ ସେଦିନ ମଧ୍ୟ ବିସର୍ଜନ ହୋଇଥାନ୍ତି ମୂର୍ତ୍ତି ସମୂହ । କୌତୁହଳ ବଶତଃ ଆଶ୍ରମ ଅଭିମୂଖେ ଆସୁଥିବା ଶିଷ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରେ ଭଗ୍ନ ମୂର୍ତ୍ତି ସମୂହର କିୟଦଂଶ । ନିଜ ମନର ଅବଦମିତ କୌତୁହଳକୁ ସାକାର କରିବାକୁ ଯାଇ ଜଣେ ଶିଷ୍ୟ ଝରଣାର ଜଳରୁ ଉଦ୍ଧାର କରି ଆଣେ ମହିଷାର ଏକ ମସ୍ତକ । କୁଟିଳ କେଶ, ତୀକ୍ଷ୍ଣ ନିଶ, କ୍ରୁଦ୍ଧଚକ୍ଷୁ, କଦାକାର ଦନ୍ତ ପଂକ୍ତିର ବୈଶିଷ୍ଟ୍ୟକୁ ନେଇ ସେ ଯାଏ ଅସୁରଟିର ମସ୍ତକ ଦିଶୁଥିଲା ଅତ୍ୟନ୍ତ ଭୟାନକ ।

ଅବଲୀଳା କ୍ରମେ ସେଇ ମସ୍ତକଟିକୁ ଏକ ଆକର୍ଷଣୀୟ ମସ୍ତକ, ଏବଂ ତାର ବିଭତ୍ସତାକୁ ଏକ ଶାନ୍ତ ମୁଖ ମଣ୍ଡଳରେ ପରିଣତ କରି ସବୁଦିନ ଆଶ୍ରମରେ ରଖିବାର ଅଭିପ୍ସା ସେମାନଙ୍କ ମନରେ ଜାତହୁଏ । ନିଜର ପ୍ରାରମ୍ଭିକ ପ୍ରଚେଷ୍ଟାରେ ସେହି ମସ୍ତକରୁ କୁଟିଳ କେଶରାଶିକୁ ଅଲଗା କରି ଦିଅନ୍ତି । କିନ୍ତୁ ଏହା ଶାନ୍ତ ପରିବର୍ତ୍ତେ ଆହୁରି ଭୟାନକ ଦିଶେ ।

ତାପରେ ସେମାନେ ପୁଣି ଆପଣାର ସୀମିତ ବୁଦ୍ଧିରେ ତାର ତୀକ୍ଷ୍ଣ ନିଶକୁ ମଧ୍ୟ ମୁହଁରୁ ଅଲଗା କରି ଦିଅନ୍ତି । ତଥାପି ମଧ୍ୟ ଯଥା ପୂର୍ବଂ ତଥା ପରଂ କଦାକାର ଦିଶେ ମହିଷାର ମୁଖମଣ୍ଡଳ । ନିଜ ଚେଷ୍ଟାରୁ ତା'ପରେ ମଧ୍ୟ ବିରତ ହୁଅନ୍ତି ନାହିଁ ଶିଷ୍ୟମାନେ । ଆଶ୍ରମର ପ୍ରାର୍ଥନା ସମୟ ଗଡି ଗଡି ଯାଉଥାଏ ।

ସେମାନଙ୍କ ଭିତରୁ ଆଉ କେହି ମତ ଦିଅନ୍ତି ତାର କ୍ରୁଦ୍ଧ ଆଖି ଯୋଡ଼ିକରୁ ଲାଲିମାକୁ ଧୋଇଦେବା ପାଇଁ । ଝରଣାର ଜଳରେ ସେ ନୟନ ଯୁଗଳରୁ ଲାଲିମା ଲିଭେଇ ଦିଆଯାଏ । ତଥାପି-ନା, ପୂର୍ବର ସେଇ କ୍ରୁରତା ଆହୁରି ସ୍ପଷ୍ଟ ହୋଇ ଭୟ ସୃଷ୍ଟି କରେ ଅପ୍ରାପ୍ତ ବୟସ୍କ ଶିଷ୍ୟମାନଙ୍କ ହୃଦୟରେ ।

ଏଥର ଆରମ୍ଭ ହୁଏ ତାଙ୍କ ପ୍ରଚେଷ୍ଟାର ଶେଷ ଅସ୍ତ୍ରୋପଚାର ସେଇ ମସ୍ତକର କଦାକାର ଦନ୍ତ ପଂକ୍ତି ପାଇଁ । ମୁଖ ମଣ୍ଡଳରୁ ଦନ୍ତ ପଂକ୍ତି ମଧ୍ୟ ଅପସାରିତ ହୁଏ । କିନ୍ତୁ କାହିଁ ??

ଏକ ପ୍ରଶାନ୍ତ ମୁଖମଣ୍ଡଳ ଦେଖିବାର ଆଶା ଧୂଳିସାତ୍ ହୁଏ କୌତୁହଳୀ ଶିଷ୍ୟ ମାନଙ୍କର । ନିଶ୍ଚେଷ୍ଟ, 'କିଂ କର୍ତ୍ତବ୍ୟ ବିମୂଢ଼ ହୋଇପଡନ୍ତି ସଭିଏଁ ।

Digitized by PPRACHIN, SOA

ହେଲେ ଏହାର କାରଣ କଣ ହୋଇପାରେ ? ଜାଣିବାର ଆଗ୍ରହ ପ୍ରକାଶ ପାଏ ସମସ୍ତଙ୍କ ମନରେ । ଏକ ଜିଜ୍ଞାସୁ ମନ ନେଇ ସେମାନେ ସେହି ଛିନ୍ନ ମସ୍ତକକୁ ସାଂଗରେ ଧରି ଉପସ୍ଥିତ ହୁଅନ୍ତି ଆଶ୍ରମରେ ।

ନିତ୍ୟ ନୈମିତ୍ତିକ ଶିକ୍ଷାଦାନର ବିଳମ୍ବ ତଥା ଶିଷ୍ୟ ଶିଷ୍ୟା ମାନଙ୍କର ଏ ପ୍ରକାର ଅବହେଳା ପାଇଁ ବ୍ୟସ୍ତ ହୋଇ ପଡନ୍ତି ସନ୍ନ୍ୟାସୀ । କାରଣ ପଚାରନ୍ତେ ଶିଷ୍ୟ ମାନଙ୍କ ଭିତରେ ଘଟିଥିବା ଘଟଣା ବଳୀ ଅବଗତ ହୋଇ ଏଥର ଶିକ୍ଷାଦାନ ପାଇଁ ପ୍ରସ୍ତୁତ ହୁଅନ୍ତି । କିନ୍ତୁ ଶିଷ୍ୟମାନେ ସେମାନଙ୍କ ମନର ସଂଶୟ ପ୍ରକାଶ କରନ୍ତି ଗୁରୁଦେବଙ୍କ ସାମ୍ନାରେ । ଯାହାର କାରଣକୁ ମୋଚନ କରିବାକୁ ଅନୁନୟ କରନ୍ତି ସେମାନେ । ଏଥର ଶିଷ୍ୟମାନଙ୍କ ତରଫରୁ ପ୍ରଶ୍ନଟି ହୁଏ କଣ ପାଇଁ ଏହି ଛିନ୍ନ ମସ୍ତକରୁ ବିଭତ୍ସତା ଦୂରୀଭୂତ ହେଉନାହିଁ ? କଣ କରାଯାଇ ପାରେ ଏହାର ମୁଖମଣ୍ଡଳରେ ସାମାନ୍ୟତମ ପ୍ରସନ୍ନତା ପ୍ରକାଶ କରାଇବା ପାଇଁ ?

ଗୁରୁଦେବ କୋମଳ ପ୍ରାଣ ସ୍ନେହର ଶିଷ୍ୟମାନଙ୍କୁ ଅତ୍ୟନ୍ତ ସରଳ ଭଙ୍ଗୀରେ ବୁଝେଇ ଦିଅନ୍ତି ତାର ମର୍ମ । ସହାସ୍ୟ ବଦନରେ କହନ୍ତି-ଦେଖ ପିଲାମାନେ, ଏଇଟି ହେଉଚି ଏକ ଅତ୍ୟନ୍ତ କ୍ରୋଧି, ପ୍ରବଳ ପ୍ରତାପୀ, ପାପୀ ମହିଷାର ମସ୍ତକ । ତୁମ୍ଭେମାନେ ସେଥିରୁ ତାର କୁଟିଳ କେଶକୁ ଅଲଗା କଲେ, ସେ ବିକୃତ ଦିଶିବା ସ୍ୱାଭାବିକ । ତୀକ୍ଷ୍ଣ ନିଶକୁ ଅଲଗା କଲେ ମଧ୍ୟ ଠିକ୍ ଏକା କଥା ହିଁ ହେବ । ତୁମ୍ଭେମାନେ ସେ ମସ୍ତକରୁ ଦନ୍ତପଂକ୍ତି, ଚକ୍ଷୁର ଲାଲିମାକୁ ଅଲଗାକଲ ତଥାପି ତାର ପୂର୍ବ ବିକୃତି ଆହୁରି ଭୟାନକ ଦିଶିଲା । ତାର କାରଣ ହେଲା । ମଣିଷ ହୃଦୟର ପ୍ରତିଛବି ମୁଖମଣ୍ଡଳରେ ହିଁ ପ୍ରତିଭାତ ହୋଇଥାଏ । ପ୍ରବୃତ୍ତି ମୁଖମଣ୍ଡଳ ପାଇଁ ସୌନ୍ଦର୍ଯ୍ୟ ରକ୍ଷାକାରୀ ଭୂମିକା ନେଇଥାଏ । ଯେହେତୁ ମହିଷା ଏକ ପାପାତ୍ମା, କ୍ରୋଧି ତାର ମୁଖମଣ୍ଡଳରେ କେବେ ହେଲେ ଶାନ୍ତ ପ୍ରକୃତିର ଆଭାସ ପରିପ୍ରକାଶ ହେବ ନାହିଁ ।

ମଣିଷ ଗୋଚରରେ ହେଉ ଅଗୋଚରରେ ହେଉ ଯଦି ଅନ୍ୟାୟ, ଅନୀତି, ଅତ୍ୟାଚାର, ଅଧର୍ମ କରିବସେ । ଏବଂ ମୁହଁରେ ଯେତେ ଚେଷ୍ଟା କରି ତାକୁ ଘୋଡ଼େଇ ବାକୁ ଛଳନା କରେ, ଅଭିନୟ କରେ ତାହା କେବେ ହେଲେ ଲୁଚି ପାରିବ ନାହିଁ । ଯେମିତି ମାଟିତଳେ ମଞ୍ଜି, ସମୟ ତଳେ ସତ୍ୟ, ଭସା ବାଦଲ ତଳେ ଜହ୍ନ, ତେଣୁ ମହିଷାର ମୁଖମଣ୍ଡଳରୁ ଶତ ପ୍ରଚେଷ୍ଟାରେ ମଧ୍ୟ କ୍ରୂରତାକୁ ଦୂରେଇ ଦେଇ ହେବ ନାହିଁ ।

ସନ୍ନ୍ୟାସୀଙ୍କ ଏଇ ଚିରନ୍ତନ ସତ୍ୟର ଅବତାରଣା ଯେତେବେଳେ ପରିସମାପ୍ତି ଆଡକୁ ଢ଼ଳିଯାଉଥିଲା, ଦିନର ଅନ୍ତିମ ସୂର୍ଯ୍ୟରଶ୍ମୀ ଖାଲି ଟେଟେଇ ଦେଉଥିଲା ପଶ୍ଚିମ ଦିଗରୁ, ଉଠ ଉଠ ପିଲେ ଅନ୍ଧାର ଆସୁଚି ନଇଁ,ଫେରିବା ବାଟକୁ ଅଝଟ ପିଲାକୁ ମାଆ ରିହଚ୍ଛନ୍ତି ଚାହିଁ ।

❖

Digitized by PPRACHIN, SOA

ଭଗବାନ କିଏ

ବୋଉ କଥା ଏବେ ବହୁତ ମନେ ପଡୁଛି ସିନା, ହେଲେ କେମିତି ସିଏ ଦେଖିବାକୁ, ସେ କଥା କଳ୍ପନାରେ ସିଏ ଭାବି ପାରୁନି । ଖାଲି ଯାହା ଶୁଣିଛି, ତା' ପରି ବୋଉ ତାର ଗୌର ବର୍ଣ୍ଣ ନଥିଲେ ବି, ଗୋରା, ସୁନ୍ଦର ସ୍ୱାସ୍ଥ୍ୟବତୀ ଥିଲା, ତା ପାଖରୁ ଟିକିଏ ମମତା ପାଇବା ଆଗରୁ, ତା ପଣତ କାନି ଧରି ଠୁକୁ ଠୁକୁ ଚାଲିବା ଆଗରୁ ଠାକୁର ତାକୁ ନିଜ ପାଖକୁ ନେଇଯାଇ ଥିଲେ, ତା' ପାଖରୁ ବହୁତ ଦୂରକୁ । ହାତ, ଆଖି, ପାଦର ଅପହଞ୍ଚ ଯାଗାକୁ । ବୋଉ ପାଇଁ ଲୁହ ଦି' ଟୋପା ଝରେଇ ପାରିଥାଆନ୍ତା ଯେ, ଲୁହର ମାନେ ସେତେବେଳେ ତା' ପାଇଁ ଅବୋଧ୍ୟ ଥିଲା ।

ସିଏ ଯେତେବେଳେ ବଡ଼ ହେଲା ଅନ୍ୟମାନଙ୍କୁ ଦେଖି ଖାଲି ଭାବେ ଏମାନଙ୍କ ପରି ମୋର ମଧ୍ୟ ବୋଉ ଥିଲା, ଆଉ ଆଜି ଯଦି ଥାଆନ୍ତା...ତା' ମନ ବୁଝିବାକୁ ବାପା ଥିଲେ । ବୋଉର ସ୍ନେହ ବାପାଙ୍କର ସବୁ ବ୍ୟବହାର ଭିତରେ ତା' ପାଇଁ ଯେମିତି ଖୁନ୍ଦି ହୋଇ ରହିଥିଲା । ସେଇଥିପାଇଁ ଶୁଭ୍ରା ବାପା ଆଉ ବୋଉର ସ୍ନେହ ସଦିଛା, ତାଗିଦ୍‌କୁ ପୃଥକ ପୃଥକ କରି ଅନୁଭବ କରିପାରୁନଥିଲା । ସେଥିରୁ କେଉଁଟା ବାପାଙ୍କର ଆଉ କେଉଁଟା ବୋଉର ହୋଇଥାଆନ୍ତ ।

ତାକୁ ଯେତେବେଳେ ଷୋହଳ ବର୍ଷ ହେବ ସେଇ ଦିନରୁ ହିଁ ବାପା ବାହାଘର କଥା କହୁଥିଲେ । ହୁଏତ ଆଉ କେତେଟା ବର୍ଷ ପରେ ଶୁଭ୍ରା ବାହାହେବ । ଘର କରିବ । ଏ ଘର ଛାଡି ଗୋଟିଏ ପୃଥକ ସଂସାର । ଅଲଗା ମଣିଷଟିଏ କୁ ନେଇ । ଶୁଭ୍ରା କିନ୍ତୁ ବୁଝିପାରେନା ବାପାଙ୍କର କହିବାର ବାସ୍ତବତା ତା' ଜୀବନରେ କେବେ ନା କେବେ ନିଶ୍ଚିତ ଆସିବ । ବାପାଙ୍କର ସ୍ୱପ୍ନ ଥିଲା ତାକୁ ବଡଘରେ ବାହାଦେବେ । ଉଚ୍ଚଶିକ୍ଷିତ ବର । ଭଲ ଖାନଦାନ୍, ହିଁ -ନହବ ବା କେମିତି ? ସିଏତ ଭଲ ପଢୁଥିଲା, ବାପାଙ୍କର ମଧ୍ୟ ସଂପତ୍ତି ଥିଲା । ଘରର ସ୍ୱଚ୍ଛଳତାରେ ସିଏ କେବେ ମଧ୍ୟ ଅନୁଭବ କରି ନଥିଲା ଅଭାବ-କଣ ?

Digitized by PPRACHIN, SOA

ସବୁ ପରେ ବାପାଙ୍କର ମନ କିନ୍ତୁ ଗୋଟିଏ କଥାରେ ଫିକା ପଡ଼ିଯାଇଥିଲା ଶୁଭ୍ରାତ ଦେଖିବାକୁ ସୁନ୍ଦର । ସେ ପାଇଁ କେହି ହେଲେ ବାଛିବେ ନାହିଁ । ସଫା ଗୋରା ଦେହ ସାଙ୍ଗକୁ ମୁହଁ ମଧ୍ୟ ଗୋଲ୍, ପୁରିଲା ଦେହ । ମୁହଁ ଉପରେ ନାକ ମଧ୍ୟ ସୁନ୍ଦର । କଳା ଭଅଁର ପରି ଆଖି । ଏତେ ସବୁ ଥାଇବି ତା' ଓଠର ସୌନ୍ଦର୍ଯ୍ୟ ତାକୁ ନିହାତି ଅସୁନ୍ଦର କରି ପକାଉଥିଲା ତା ଓଠ, ଅପେକ୍ଷାକୃତ ମୋଟା, ହସି ଦେଲେ ନିହାତି ବିକୃତ ଦେଖାଯାଏ ।

ସାଂଗମାନେ କଲେଜରେ ଫୁସ୍-ଫାସ୍ ହୁଅନ୍ତି । ସିଏ ବି ଅଇନାରେ ନିଜ ମୁହଁକୁ ଦେଖେ । ଏକାନ୍ତ ମୁହୂର୍ତ୍ତରେ ଅଇନାକୁ ଚାହିଁ ହସେ, ଯେତେ ଚେଷ୍ଟା କଲେ ବି ତା ମୁହଁରୁ ମନଖୋଲା ହସଟିଏ ବାହାରେ ନାହିଁ । ଏହି ସୌନ୍ଦର୍ଯ୍ୟ ବୋଧ ତା ମାନସିକତାକୁ ବିକୃତ କରିପକାଏ ଯେମିତି ।

ହସ, ବ୍ୟକ୍ତିତ୍ୱକୁ ଚିହ୍ନେଇବାର ମାପକାଠି । ହୃଦୟ କୁ ପରିପ୍ରକାଶ କରିବାର ଅବଲମ୍ବନ । ଯେଉଁ ହସର ଝଲକ୍ ହୁଏତ ତା'ର ବ୍ୟକ୍ତିତ୍ୱକୁ ଆହୁରି ଔଜଲ୍ୟତାରେ ଭରି ଦେଇଥାଆନ୍ତା । ତା' ପାଇଁ, ସ୍ୱାମୀ ଆଉ ସଂସାର ଭିତରେ ସଂପର୍କର ସେତୁକୁ ମଜବୁତ କରିପାରିଥାଆନ୍ତା । ପରକୁ ଆପଣାର କରିବାରେ ସମ୍ମୋହିତ କରବାରେ, ତାକୁ ସାହାଯ୍ୟ କରି ପାରିଥାଆନ୍ତା । ସେଇଟି ତା ପାଖରେ ଏକାନ୍ତ ଅଭାବ । ନାରୀତ୍ୱର ଶ୍ରେଷ୍ଠବିଭବ ବିହୀନ ଝିଅଟିଏ ଶୁଭ୍ରା ।

ସେ ହସେ ନାହିଁ । ସବୁ ସୁଖକର ଅନୁଭୂତି ପାଇଁ କେବଳ ଆଖିରେ ଆଉ ମୁହଁର ଭଂଗୀରେ ସମବେଦନା ଜଣାଏ । ବହୁତ ସମୟ ସେଇ ଅଭାବନୀୟ କଥାକୁ ଚିନ୍ତାକରେ । ବାପା ମଧ୍ୟ ଚିନ୍ତାଗ୍ରସ୍ତ, ସେ ଶୁଣିଛି ବାପାଙ୍କ ମନର କଥା ଯେ ଏତିକି ଟିକିଏ ପାଇଁ ତ ମୁଁ ଶୁଭ୍ରାକୁ କେଉଁ ଭିକାରୀ ହାତରେ ଟେକି ଦେବି ନାହିଁ । ଉଚ୍ଚଶିକ୍ଷିତ ଖାନଦାନ ଘରେ ନିଶ୍ଚୟ ବାହା ଦେବି । ଯୌତୁକ ଯେତେ ବି ପଡୁ । ଏଇ କଥା ବାପା ସଦର୍ପେ ଘୋଷଣା କରୁଥିଲେ ବି ଭିତରର ଭୂତଟା ଯେମିତି ତଣ୍ଟିଟାକୁ ଅଚ୍ଚ ଚାପି ଧରେ ।

କଲେଜ ବହିରେ ଶୁଭ୍ରାର ଆଖି ସବୁବେଳେ ଖୋଜି ବୁଲେ ହୁଏତ ତାକୁ କେଉଁଠି ମିଳିଯିବ ହସ ନଥିବା ଗୋଟିଏ ହସନ୍ତ ଜୀବନର ଉଦାହରଣ, କୌଶଳ । ହସ ନଥିବା ଗୋଟିଏ ସୁଖର ସଂସାର ।

କ'ଣ, ଏ ବିଷୟରେ କୌଣସି କବି କିମ୍ବା ଲେଖକ କିଛି ହେଲେ ଲେଖି ନାହାଁନ୍ତି ଯାହାକୁ ପଢ଼ିଥିଲେ ହୁଏତ ତା ମନକୁ ଅନ୍ତତଃ ସିଏ ବୁଝେଇ ପାରିଥାଆନ୍ତା ।

ଓଃ-ସ୍ୱାମୀ ସଂସାରଭିତରେ କେମିତି ଏଇ ଦୁର୍ବଳତାକୁ ନେଇ ଚଳିବ ? ସେ ପାଇଁ ବହୁ ଉପନ୍ୟାସ ପଢ଼େ, ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ପତ୍ରିକା ବାପା ତା' ପାଇଁ କିଣି ଆଣନ୍ତି । ସିଏ ବି ପଢ଼େ । ଧୀରେ ଧୀରେ ସିଏ ଲକ୍ଷ୍ୟକରେ ଯେଉଁ କଥାକୁ ସିଏ ଅନ୍ୟକୁ ଅଚ୍ଚ ହସ ମାଧ୍ୟମରେ ଗ୍ରହଣ କରିବା କଥା, ତା' ପାଖରେ ସେଇ ଦୁର୍ଲଭ ହସ ଟିକିଏ ନଥିଲେବି କୌଣସି ମତେ ତା ମୁଖର

Digitized by PPRACHIN, SOA

ଭଂଗୀରେ ଚଳେଇ ପାରୁଚି । ଅବଶ୍ୟ ସେଥିପାଇଁ ତାକୁ ଅପେକ୍ଷାକୃତ ସୌଜନ୍ୟତା ପ୍ରଦର୍ଶନ କରିବାକୁ ପଡୁଚି । କଣ୍ଠରେ କୋମଳତା ଆଣିବାକୁ ପଡୁଚି ।

ସିଏବି ଲକ୍ଷ୍ୟ କରିଛି ତା'ର ଏତାଦୃଶ ବ୍ୟବହାର ପାଇଁ ଧୀରେ ଧୀରେ ସମସ୍ତେ ତାକୁ ସହଜରେ ଗ୍ରହଣ କରିପାରୁଛନ୍ତି । ଘରକୁ ଅତିଥି ଆସିଲେ ବାପାଙ୍କ ଅନୁପସ୍ଥିତିରେ ମଧ୍ୟ ସମସ୍ତଙ୍କୁ ଯଥୋଚିତ ଆପ୍ୟାୟିତ କରି ପାରୁଚି । କାହାପାଇଁ ସିଏ ରୁକ୍ଷ ବୋଧ ହେଉନି । ସମସ୍ତେ ଯେମିତି ହସଟିକିଏ ନଥାଇ ବି ତା ପାଖରେ ସସ୍ନେହ ସାଲିସ୍ କରି ଯାଉଛନ୍ତି ।

ବାପା ବେଳେ ବେଳେ ତା ଅନୁପସ୍ଥିତରେ ମଧ ପଚାରି ବୁଝିନିଅନ୍ତି ଅନ୍ୟମାନଙ୍କୁ ଯେ ଶୁଭ୍ରାର ବ୍ୟବହାର କେମିତି ଲାଗିଲା ବୋଲି । ଛାତିକୁ ଫୁଲେଇ, ତା'ର ସୁପାରିଶ କରୁଥିବା ଲୋକମାନଙ୍କୁ କହନ୍ତି-ମୋ ଝିଅକୁ ଦେଖିଲେ ତ ? "କଣ ପସନ୍ଦ ହେଲାନି ?"

ମୁହଁରେ ତ ସମସ୍ତେ କହନ୍ତି, କିନ୍ତୁ ଶୁଭ୍ରା ଅନ୍ୟ ସମୟରେ ପରୋକ୍ଷରେ ବି ଶୁଣିଛି "ଶୁଭ୍ରାପରି ଝିଅ ସତରେ ବିରଳ ।"

ଝିଅମାନେ ଆଜିକାଲି ନିଜ ରୂପ ପାଇଁ ଏତେ ଆହ୍ଲାଦିତ ହୋଇପଡନ୍ତି ଯେ, ନିଜ ଭିତରେ ନିଜେ ଯେମିତି ଗୋଟିଏ ଗୋଟିଏ ଅହମିକାର ଅଭଂଗା ପାହାଡ, ଅସୁନ୍ଦରୀ ଝିଅଟିଏ ସହିତ କଥାବାର୍ତ୍ତା କଲାବେଳେ ଶୁଭ୍ରା ଅନୁଭବ କରେ ସୋନି ରୋଜି ଭଳି ସୁନ୍ଦରୀ ଝିଅ ମାନେ ନାକ ଟେକି ଟେକି କଥା କୁହନ୍ତି । ନିଜର ବଡ ପଣିଆ ଦେଖେଇ ହୁଅନ୍ତି । ଅଯାଚିତ ଭାବରେ କହି ହେଉଥାଆନ୍ତି । ସେମାନଙ୍କ ଚାଲି ଚଳଣ, ଆଚାର ବ୍ୟବହାର ରେ ଯେମିତି ସମସ୍ତଙ୍କୁ ଆଡ଼େଇ ଆଡ଼େଇ ଯିବାର ଭାବ ।

ଶୁଭ୍ରାପରି ଅନ୍ୟମାନେ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ଘରକରଣା, ସୌଜନ୍ୟତା ଶାଳୀନତା ଏ ସବୁ ଲେଖାଥିବା ପତ୍ରିକା ନ ପଢ଼ି, ଦେଶ ବିଦେଶର ନଗ୍ନ ନାରୀତ୍ୱକୁ ଢାବୁଡ଼ି ଧରିଥିବା ଗ୍ଲାମର କୁଇନ୍ ମାନଙ୍କର ମୁଖାକୃତି, ଅଂଗଭଂଗୀ,ଚାଲିଚଳଣ, ଠାରୁ ଆରମ୍ଭ କରି କଥାବାର୍ତ୍ତାର ଆଧୁନିକ ଢ଼ଂଗକୁ ଅବିକଳ ନକଲ କରିବାକୁ ବ୍ୟାକୁଳ ହୋଇ ପଡନ୍ତି ।

ଶୁଭ୍ରା ଦେଖେ କଲେଜ ରନିଂ ନୋଟ୍ ଭିତରେ ସୋନି କେତେଥର ଆଣିଚି ସେଇ ଅସମ୍ଭବ ସୁନ୍ଦରୀ ମାନଙ୍କର ଇତିବୃତ୍ତି ଲେଖାଥିବା ଜୀବନ ଓ ଯୌବନ ପତ୍ରିକା । ସେମାନଙ୍କ ଭିତରେ ଆଲୋଚନା ହୁଏ ଅମୁକ ବିଶ୍ୱସୁନ୍ଦରୀ, ସମୁକ ଭାରତ, ଚୀନ୍, ଆମେରିକା, ଇତ୍ୟାଦି ଇତ୍ୟାଦି ର ସୁନ୍ଦରୀ । କାହାର କେଉଁ ପ୍ରତିଯୋଗୀତାରେ କି କି ତ୍ରୁଟି ଯୋଗୁଁ ବିଫଳତା ମିଳିଲା । ଏମିତିକ ସେମାନଙ୍କ ଶାରୀରିକ ବର୍ଣ୍ଣନାର ପ୍ରତ୍ୟେକ ଇଂଚର ଟିକ୍ ନିଖ୍ । କାହାର କଟି କେତେ ଇଞ୍ଚ, କାହାର ଛାତି । କାହାର କଟି ତଳକୁ ସୁନ୍ଦର ତ କିଏବେକଠାରୁ ମୁହଁଯାଏ । କାହା ମୁହଁରେ ହସ ସୁନ୍ଦର ଦିଶେ । ହସିଲାବେଳେ ଗ୍ଲାମର କୁଇନ୍ ମାନଙ୍କର ଓଠଟା କେତେ ଇଞ୍ଚ ଖୋଲା ରହେ । ହାତ, ପାଦ,ନଖ, କେଶଠୁଁ ଆରମ୍ଭ କରି ଏମିତି କିଛି ଶରୀର ଅଂଶ ବାକି ରହେନା ତାଙ୍କ ଆଲୋଚନା ଭିତରେ ।

Digitized by PPRACHIN, SOA

କିନ୍ତୁ ବିକଳରେ ବିଳି ବିଳେଇ ହୋଇଥିବା ସେଇ ସୋନି ରୋଜି ପରି ଝିଅମାନଙ୍କ ଭିତରୁ କେହି କେହି ମଧ କୁହନ୍ତି ଯେ ଯେତେ ଚେଷ୍ଟା କଲେବି କାହାର କେଶ ଷ୍ଟାଇଲ୍ ଅମୁକ ପରି ଦିଶୁନି । କାହାର ମୁନିଆଁ ଯୋତା ପିନ୍ଧି ଚାଲିଲେ କଟିଟା ମୋଟା ଥିବାରୁ ଭଲ ଦିଶେନା । ଏମିତି ଅନେକ କଥା । ଯେଉଁଥରେ ସେମାନେ ନିଜକୁ ବି ଛୋଟ ଭାବି ମନ ଉଣା କରନ୍ତି । କିନ୍ତୁ ପରବର୍ତ୍ତି ମୁହୂର୍ତ୍ତରେ ନିଜ ଖୋଳପା ଭିତରକୁ ଫେରି ଆସିଲେ ସେ ସବୁ ଭୁଲି ଯାଉଥାନ୍ତି ।

ଭୋଜିରେ ବସି ଖାଇବା ବେଳେ ଶୁଭ୍ରା ଲକ୍ଷ୍ୟ କରିଚି କେମିତି ଗୋଟାଏ ତିନି ଆଙ୍ଗୁଠିରେ ଖାଉଥାଆନ୍ତି ଝିଅମାନେ । ଠିକ୍ କଣ୍ଟା ଚାମଚରେ ଖାଇଲା ପରି । ଏତେ ଟିକେ ଟିକେ ଆଙ୍ଗୁଠିରେ ଉଠେଇ ନେଇ ମୁହଁରେ ଖାପି ଦିଅନ୍ତି । ଆଉ ପାଟିରେ ଖାଦ୍ୟ ଗୁଡାକ ଖୁବ୍ କମ୍ ସମୟରେ ମିଳେଇ ଯାଏ ଯେମିତି ।

ଶୁଭ୍ରାର ମନେ ପଡେ ବାପା ତାକୁ ପିଲାଦିନେ ଖୁଆଇ ଦେଲାବେଳେ କହନ୍ତି "ଦେଖି-ବଡ଼-ଆଁଟା କଲୁ, ହୁଁ -ଆହୁରି ବଡ", ତା ପରେ ଡାଲି ମିଶା ଭାତ ଗୁଣ୍ଡାଟାକୁ ଏକା ବେଳକେ ଭର୍ତ୍ତି କରି ଦିଅନ୍ତି ତା ପାଟିରେ । ସିଏ ବି ଗାଉଁ ଗାଉଁ ହୋଇ ଢ଼ୋକି ନିଏ । ସେଇଦିନ ଠୁଁ ଖାଇବା ଶିଖିଥିଲେ ବି ଏବେ ସାଙ୍ଗମାନଙ୍କ ପରି ଘୃଣାର ଭାବ ଦେଖେଇ ନିତ୍ୟାନ୍ତ ଅନିଚ୍ଛା ଢ଼ଂଗରେ ଖାଇପାରେନା ।

କଥାବାର୍ତ୍ତାରେ ଝିଅମାନଙ୍କର ଯେମିତି କାଣ୍ଡଛାଣ୍ଡ ଭାବ । ପୁରୁଷ ମାନଙ୍କ ମୋଟର ସାଇକେଲ, ସ୍କୁଟର ପଛରେ ବସିବାର ଠାଣି, କାନ୍ଧରୁ ଓହ୍ଲେଇବାର କାଏଦା, ସବୁଗୁଡାକ ଚଳଣୀ ଭିତରେ ସେମାନେ ଯେମିତି ଗୋଟାଏ କୃତ୍ରିମ ଅନୁକରଣର ବିକଳ ଅଭ୍ୟାସକୁ ଆପଣେଇ ନେଉଛନ୍ତି ନିର୍ବିକାରରେ ।

ଏ ସବୁକୁ ମନ ଭିତରେ ଏକାଠି କଲାବେଳକୁ ଶୁଭ୍ରାଭାବେ କେବେ ତାକୁ ଏମିତି ଶିଖିବାକୁ ପଡି ପାରେ କି ? ଯଦିବା ଏ ସବୁର ନିତ୍ୟାନ୍ତ ପ୍ରୟୋଜନ ହୁଏ, ସିଏ କଣ ଏ ସବୁକୁ ଆପଣେଇ ପାରିବ ? ଏମାନଙ୍କ ପରି ଘଣ୍ଟା ଘଣ୍ଟା ମେକ୍-ଅପ୍ ନେବା, ଡ୍ରେସ୍ ପିନ୍ଧିବା, କଥାବାର୍ତ୍ତା କରିବା, ଚାଲିବା, ସମ୍ବୋଧନ କରିବାରେ ଯେଉଁ ଅତ୍ୟାଧୁନିକତା ରହିଚି, ସେ ତାକୁ ଅଭ୍ୟାସ କରି ପାରିବତ !

କିନ୍ତୁ ବାପା ତାର ଏଇ ଆଶଙ୍କାକୁ ଉତ୍ସାହରେ ଭରିଦେଇ କହନ୍ତି-"ଏସବୁର କିଛି ଆବଶ୍ୟକତା ନାହିଁ । ମଣିଷ ହୃଦୟରେ ମାନବିକତା, ସ୍ନେହ, ପ୍ରେମ ଥିଲେ ସବୁ ଠିକ୍ ଅଛି ।" ଏଇଟା ମାନବ ତନ୍ତ୍ରର ଉଦାହରଣ ହୋଇପାରେ ।

ସେତେବେଳେ ବୟସ ତାକୁ ପଚିଶ୍ ହେବ । ଯେଉଁ ବର୍ଷ ତାର ବାହାଘର ହେଲା, କେତେ ଆଡୁ କେତେ ପ୍ରସ୍ତାବ ଆସିଲା, କାହାକୁ ବାପା ନାହିଁ କଲେ ତ କିଏ ବାପାଙ୍କୁ ମନା କରିଦେଲେ । ବିଭିନ୍ନ ପ୍ରସ୍ତାବ ନେଇ ଆସୁଥିବା ଲୋକମାନଙ୍କ ମୁହଁରେ ସେଇ ଗୋଟିଏ ଆଲୋଚନା ଯେମିତି

Digitized by PPRACHIN, SOA

ସମୁଦ୍ରରେ ଝଡ଼ କେନ୍ଦ୍ରୀଭୂତ ହେଲାପରି ହୋଇ ରହିଯାଇଥିଲା । ଅପସରି ଯାଉନଥିଲା । ଶୁଭ୍ରା ହସିଲେ ବିକୃତ ଦିଶେ । ଘରକୁ ଆସୁଥିବା ଭଦ୍ରବ୍ୟକ୍ତି ସାମନାରେ ସିଏ ତା୍ ଅଭିଜ୍ଞତାରୁ ଶାଳୀନତା ପ୍ରକାଶ କରିବାରେ ଏତେ ଟିକିଏ ଅସାବଧାନତା ପ୍ରକାଶ ନକରୁଥିବା ବେଳେ ଏଇ ଦୁର୍ବଳତାଟି ଯେ ତାକୁ ଆଖିମିଟିକା ମାରି କେତେ ବେଳେ ଖସି ଯାଉଚି ଅନ୍ୟ ମାନଙ୍କ ପାଖକୁ ସିଏ ବୁଝିପାରେନା ।

ବାପା ବାହାଘର ପାଇଁ ବାରମ୍ବାର ବିଫଳତାରେ ବ୍ୟଥିତ ହୁଅନ୍ତି । କାରଣ ବି ଅନୁସନ୍ଧାନ କରନ୍ତି । ଦିନେ କିନ୍ତୁ ତାକୁ ଶୁଣେଇଲା ପରି କଥାଟା କହିଦେଲେ ଯେ ଏଇ ଦୁବଳତାର ବିଶେଷ ପ୍ରସାର ପ୍ରଚାରର ମାଧମ ଶୁଭ୍ରାର ନିକଟତମ ସାଙ୍ଗ ମହଲ । ଶୁଭ୍ରା ଭାବି ପାରେନା ଆଉ କିଛି । ଅବିଶ୍ୱାସ କଲା ପରି ସାଙ୍ଗମାନଙ୍କ ବ୍ୟବହାରରେ କିଛି ଖୋରାକ ପାଏନା ।

ଦିନେ ଅବିଶ୍ୱାସ ତା' ମନରେ ବସାବାନ୍ଧିଥିଲା । ବାପାଙ୍କ ଖାନଦାନୀ, ସମ୍ମାନ ଦୃଷ୍ଟିରୁ ଆସୁଥିବା ପ୍ରସ୍ତାବ ଗୁଡିକ ଭିତରେ ତା' ସାଙ୍ଗମାନଙ୍କର ଶୀତଳ ପ୍ରତିଯୋଗୀତାର ପ୍ରମାଣ ତାକୁ ମିଳିଯାଇଥିଲା । ଇର୍ଷାର ସଜ୍ଞା କ'ଣ ସିଏ ବୁଝିନଥିଲା । ତା ଦୁର୍ବଳତାର ଏକ ନଗ୍ନ ପ୍ରମାଣ ପରୋକ୍ଷରେ ସେମାନଙ୍କର ବିବାହ ପ୍ରସ୍ତାବରେ ମଧ ସହାୟକ ହେଉଥିଲା । ସିଏ ମନେ ମନେ ଖୁସି ହୋଇପାରେନା ଯଦିଓ ନିଜର ପ୍ରତ୍ୟକ୍ଷ ବିଫଳତା ତାକୁ କିଛି ପରିମାଣରେ କ୍ଷୁର୍ଣ୍ଣ କରେ । ମନେ ରଖି ନ ପାରୁଥିଲେ ମଧ ନିହାତି କେତେ ନିକଟ ସାଙ୍ଗ ଝିଅମାନଙ୍କର କଲେଜ ଆଫେୟାର କଥା ତା'ର ମନେପଡି ଗଲେ, ତାକୁ ହସ ଲାଗେ । ସେଇ ଝିଅ ମାନଙ୍କୁ ପାଖରେ ଦେଖିଲେ, ତାକୁ ଜଣାପଡେ ଯେମିତି ତା ସାଂଗମାନେ ତାଙ୍କର ପୁରୁଣା ଦୁର୍ବଳତା ଗୁଡାକୁ ବାହାଘର ବହୁ ପୂର୍ବରୁ ମୋଟା ଗୋଟାଏ ପଲସ୍ତରା ମାରି ଲୁଚେଇ ଦେଇଛନ୍ତି, ଯାହା ଭବିଷ୍ୟତର ବହୁଦିନ ପର୍ଯ୍ୟନ୍ତ ଗୋପନୀୟ ରହିପାରେ ।

ତଥାପି ତା'ର ଏଇ ସାକ୍ଷାତକାର ଗୁଡିକର ଦିନେ ପୂର୍ଣ୍ଣଚ୍ଛେଦ ପଡିଲା । ଅଜିତ ବାବୁଙ୍କ ସାଂଗରେ ତା'ର ବାହାଘର ଠିକ୍ ହୋଇଗଲା । ଏମ୍.ଏ. ପାଶ୍ କରିଥିବା ତା' ଇପ୍‌ସିତ ସ୍ୱାମୀ ଓଡ଼ିଆ ଅଧାପକଟିଏ । ସୁନ୍ଦର ସ୍ୱାସ୍ଥ୍ୟବାନ ମଧ । ସବୁଠୁ ବେଶି ଖୁସି ହୋଇ ଥିଲା ଅଜିତ୍ ବାବୁଙ୍କ ମାଆ କଥା ଶୁଣି ।

ମନେ ମନେ କେମିତି ଗୋଟିଏ ବ୍ୟାକୁଳତାର ସ୍ପର୍ଶ ଲାଗି ଯାଉଥିଲା କେବେ ତା' ବାହାଘର ହବ । ଶାଶୁ ଶ୍ୱଶୁରଙ୍କ ସ୍ନେହ ସାନିଧ ଭିତରେ ସିଏ ପ୍ରଥମେ ତା' ବୋଉର ଅଭାବକୁ ପୂରଣ କରିନେବ । କିନ୍ତୁ ମନ ଭିତରେ ସେଇ କ୍ଷତଟା ବେଳେବେଳେ ରକ୍ତାକ୍ତ ହୋଇ ଉଠେ । ଅଜିତ୍‌ବାବୁ ଉଚ୍ଚଶିକ୍ଷିତ । ଅଧାପକ । ସମାଜରେ ତାଙ୍କର ଯଥେଷ୍ଟ ସମ୍ମାନଥିବ । ହୁଏତ ତାର ଏଇ ଛୋଟିଆ ଅଭାବ ପାଇଁ ତାଙ୍କ ମନରେ ଆଘାତ ଲାଗିପାରେ । ନ ହୁଏତ ତାଙ୍କ ମହନୀୟତାର ପରିଚୟ ଦେଇ ତାର ଏଇ ଅଭାବକୁ ଅନୁଭବ କରି ମଧ ତାକୁ ସେ ପ୍ରୀତିର ଅଧିକାର ଦେଇ ପାରନ୍ତି ।

Digitized by PPRACHIN, SOA

ମନେ ମନେ ସିଏ କେତେ ଠାକୁରଙ୍କୁ ଡାକେ । ସବୁ ଥାଇବି ମଣିଷ ଯାହାର ଇଚ୍ଛାକୁ ସର୍ବାଗ୍ରେ ଲୋଡ଼ିବସେ । ସବୁ ଚିନ୍ତା ଚେତନାରେ ଯାହାର ନିଷ୍କରି ମୁରବି ପଣିଆ ଦେଖାଏ, ସବୁ ଅଭାବୀ ମୁହୂର୍ତ୍ତକୁ ପୂର୍ଣ୍ଣତାରେ ଭରିଦିଏ । ସେଇ ହେଉଛନ୍ତି ଠାକୁର । ଈଶ୍ୱର ।

ବାହାଘର ତିଥି ପାଖେଇ ଆସେ । ଘରେ ସମସ୍ତେ ଯେମିତି ତତ୍ପର ହୋଇ ଉଠନ୍ତି । ସାଙ୍ଗମାନେ ତା' ପାଖରେ ଭିଡ ଜମେଇ ବସନ୍ତି । ଦେଖେଇ ଦେଖେଇ କେତେ କଥା କହନ୍ତି । ଇର୍ଷା ବି ମନେ ମନେ କରନ୍ତି ଶୁଭ୍ରା ଅଧ୍ୟାପକ ସ୍ୱାମୀଟିଏ ପାଇ ଥିବାରୁ । ତିନି ତିନି ଥର ଫେଲ୍ ହୋଇ ଘରେ ବସିଥିବା ରୋଜୀ ନିଜ କଥା ନକହି ତା' ଭାଇର ଅମୁକ ଏଜେନ୍ସିରେ ସେୟାର । ସମୁକ କଂପାନୀର ପ୍ରଫିଟ୍ ବିଷୟରେ ନ ପଚାରିଲେ ମଧ୍ୟ ଗପି ଚାଲୁ ଥାଏ । ପରୋକ୍ଷରେ ସିଏ ସ୍ପଷ୍ଟ କରି ଦେବାକୁ ଚାହେଁ ଯେମିତି ତାକୁ ଅଧ୍ୟାପକ ଠାରୁ ମଧ୍ୟ ଭଲ ସ୍ୱାମୀ ମିଳିବେ । ବାହାଘର ସରିଯାଇଥିଲା । ବିନା କୌଣସି ପ୍ରତି ବଂଧକରେ । ବାପା, ଅଜିତ୍‌ବାବୁଙ୍କ ସର୍ତ୍ତ ନଥିବା ସତ୍ତ୍ୱେ ମଧ୍ୟ ସବୁ ଜିନିଷ ଦେଇଛନ୍ତି । ଆହୁରି ମଧ୍ୟ ଏଇ ଦୁଇଦିନ ଭିତରେ ଙ୍କାଇଁକୁ ଶ୍ୱଶୁର ଘର ବୁଲିଯିବାକୁ ନିମନ୍ତ୍ରଣ ଦେଇ ସାରିଛନ୍ତି । ଶୁଭ୍ରାର ଶାଶୁ ଶ୍ୱଶୁର ମଧ୍ୟ ନିର୍ବିବାଦରେ ମଞ୍ଜୁର କରିଛନ୍ତି ବାପାଙ୍କର ଏଇ ନିମନ୍ତ୍ରଣକୁ । ନ କରି ଥାଆନ୍ତେ ବା କେମିତି ? ଶୁଭ୍ରାକୁ ଛାଡ଼ିଦେଲେ ତା' ବାପାଙ୍କର ଆଉ କିଏ ବା ଥିଲେ ?

ଅଜିତ୍ ବାବୁ ଅବଶ୍ୟ ଟିକିଏ ନାରାଜ ଥିଲେ । ଏଇ କେତେଟା ଦିନ ଭିତରେ ପୁଣି ଶ୍ୱଶୁର ଘର ନିମନ୍ତ୍ରଣ ? ଯେଉଁଥି ପାଇଁ ତାଙ୍କୁ ମନେଇବାକୁ ପଡିଚି ଏକାନ୍ତ ମୁହୂର୍ତ୍ତରେ । ନୂଆ ମୁହଁର ଅନୁରୋଧଟା କେମିତି ମୁଖଭଂଗୀରେ ହେବାକଥା ଭାବିଲା ବେଳକୁ ତା'ର ଛାତି ଭିତରଟା ଦିବି ଦବି ଯାଉଚି । କେମିତି ସିଏ ଅନୁରୋଧ କରିବ ? ସେଇ ହସ ହସ ମୁହଁ ଯାହା ତା' ପାଇଁ ଦୁଷ୍ପ୍ରାପ୍ୟ । ତଥାପି ସେଇ ମୁହୂର୍ତ୍ତଟାକୁ ସିଏ କେମିତି ଟଳେଇ ନେଲା ଏବେବି ଭାବି ପାରୁନି ।

ମାତ୍ର ତା' ମୁହଁରେ ପଦୁଟିଏ କଥା ସମ୍ମୋହିତ କରିଦେଇଥିଲା ଅଜିତ୍ ବାବୁଙ୍କୁ । ଶୋଇବା ଘରେ ଅନ୍ତରଙ୍ଗତା, ଶରୀର ର ବ୍ୟବଧାନରେ ବି କମିଯାଉ ଥିଲା । ତା' ଅନୁରୋଧ ଶୁଣି ଅଜିତ୍‌ବାବୁ କହିଥିଲେ ହସି ହସି-"ତମର ଏଇଟା ପ୍ରଥମ ଅନୁରୋଧ ମୁଁ ରଖିବିନି ? ତା'ପରେ ଏ ବୁଲିଯିବାର ମୋର ବେଶୀ ଲାଭ ଯେତେବେଳେ, ନିଶ୍ଚୟ ଯିବି । କାହିଁକି ନା ଆର ମାସ ବେଳକୁ ମୋର ରିସର୍ଚ୍ଚ ପାଇଁ ବାହାରକୁ କିଛିଦିନ ଯିବାର ପ୍ରୋଗ୍ରାମ ଅଛି ।"

ଖୁସି ହୋଇଯାଇଥିଲା ଶୁଭ୍ରା । ପ୍ରଥମ ପରୀକ୍ଷା ରେ ସିଏ ଯେ ଜଣେ କୃତୀଛାତ୍ରୀ ହୋଇ ଏତେବଡ ହଂପସକୁ ସହଜରେ ପାର କରଯିବ ତାର ଧାରଣା ନଥିଲା । ସତରେ ! ତା ନିବେଦନରେ କଣ ଯାଦୁ ଥିଲା ! କେଜାଣି ଅଜିତ୍ ବାବୁ ମଧ୍ୟ ଆହୁରି ତାରିଫ୍ କରି କହୁଥିଲେ "ବାସ୍ତବିକ୍ ତମର କଥା ଗୁଡା ଖୁବ୍ ମାଦକଭରା । ନିହାତି ଆନ୍ତରିକତାରେ ପୂର୍ଣ୍ଣ ।"

Digitized by PPRACHIN, SOA

ଏମିତି ଦିନେ ବହୁତ ଚିନ୍ତା କରି-କରି ସିଏ ପଚାରିଥିଲା ଅଜିତ୍‌ବାବୁଙ୍କୁ କେତେ ଗୁଡାଏ ପ୍ରଶ୍ନ-ହୁଏତ ତୁମେ ମୋତେ ପାଇ ସୁଖୀ ନୁହଁ କି ? ମୋ ପାଇଁ ତୁମକୁ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି କି ? ମୁଁ ତୁମ ପାଇଁ ଆଉ କିଛି କରି ପାରେକି ? ଏଇ ପ୍ରଶ୍ନ ପଚାରିବାରେ ହୁଏତ ତା ଦୁର୍ବଳତାକୁ ସମାଧାନ କରିବାରେ ଉତ୍ତର ଯଦିଓ ଜଡିତ ଥିଲା, ତାପରେ ମଧ୍ୟ ଗୋଟିଏ ପୁରୁଷ ମନୋବୃତ୍ତିର ଆବେଗକୁ ମାପିବାର ସିଏ ନୂଆ ନୂଆ ଆକଳନ କରିବାକୁ ଚାହୁଁଥିଲା ।

ଆଉ ସବୁ ପ୍ରଶ୍ନର ଉତ୍ତର ପାଇବା ପୂର୍ବରୁ ସିଏ ମଧ୍ୟ ନିଜ ମନର ଉଦ୍‌ବିଗ୍ନତାକୁ ପ୍ରକାଶ କରିବାକୁ ଯାଇ ପଚାରିବସିଥିଲା । ସେଇ ପ୍ରଶ୍ନଟି "ମୋ ମୁହଁର ହସ ନ ଦେଖି,କିମ୍ବା ମୋର ହସିଲା ମୁହଁର ବିକୃତି ଦେଖି ଆପଣ ଖରାପ ଭାବୁ ନାହାଁନ୍ତି ତ ?"

ସବୁ ପ୍ରଶ୍ନର ସମାଧାନ ଯେ ଏମିତି ଗୋଟାଏ ଛୋଟିଆ କଥାରେ ପାଇଯିବ ସିଏ କେବେ ଆଶା କରି ନଥିଲା । ଅତ୍ୟନ୍ତ ଅମାୟିକ ଢ଼ଂଗରେ ଅଜିତ୍‌ବାବୁ ରାତ୍ରିର ସେଇ ମାଦକମୟ ମୁହୂର୍ତ୍ତରେ କହୁଥିଲେ-"ଶୁଭ୍ରା ଈଶ୍ୱରଙ୍କ ସୃଷ୍ଟିରେ କେହିହେଲେ ସ୍ୱୟଂ ସମ୍ପୂର୍ଣ୍ଣ ନୁହେଁ । ମୁଁ ନିଜେ ମଧ୍ୟ । ଅବଶ୍ୟ ତୁମ ବିଷୟରେ ତମ ନିକଟତମ ସାଙ୍ଗ ମାନଙ୍କଠାରୁ ବହୁ କଥା ଶୁଣିଛି । ପ୍ରାୟ ସମସ୍ତଙ୍କର ମଣିଷକୁ ଆକଳନ କରିବାର ଦିଗଟି ମୋତେ ଏକାପ୍ରକାରର ଲାଗେ । ଅନ୍ୟର ଦୋଷ ଖୋଜୁଥିବା ମଣିଷଙ୍କ ସଂଖ୍ୟା ବହୁ ଅଧିକ । ଅନ୍ୟର ଦୋଷ ଦୁର୍ବଳତାକୁ ଦ୍ୱିଗୁଣିତ କରି ତାର ଗୁଣକୁ ଏତେ ଅପାଂକ୍ତେୟ କରି ଦିଅନ୍ତି ଯେ ସତରେ ଯେମିତି ଏ ପୃଥିବୀର ମହତ ଲୋକଟିର ଅଭାବ । ତମେ ଜାଣି ଖୁସି ହେବ ଯେ ମୁଁ ସେଇ ମାନସିକତାର ବହୁ ଉର୍ଦ୍ଧ୍ୱରେ । ଆଉ ତୁମେ ସୁଖୀ ବୋଲି ଯାହା ପଚାରୁଛ, ତାର ସଂଜ୍ଞା ବହୁମୁଖୀ । ମୁଁ ମୋ ପାଇଁ ହୁଏତ ସୁଖୀ ନହୋଇ ପାରେ । ଗୋଟିଏ ବୋହୂ ପାଖରୁ ତା ଶାଶୁ ଘରେ ପ୍ରାୟ ସମସ୍ତେ ସୁଖ ଆଶା କରି ଥାଆନ୍ତି । ଶାଶୁ ଶ୍ୱଶୁରଙ୍କ ପାଇଁ ସେବା, ଭକ୍ତି, ଲଘୁଜନ ମାନଙ୍କ ପାଇଁ ସ୍ନେହ ସଂପ୍ରୀତି, ଯେଉଁ କ୍ଷେତ୍ରରେ ଗୋଟିଏ ବୋହୂକୁ ତା ମନକୁ ସାତ ଟୁକୁଡା କରି ବାଣ୍ଟିବାକୁ ପଡିଥାଏ । ସେ କ୍ଷେତ୍ରରେ ମୋର ନିଜସ୍ୱ ଦାବୀଟା ତମ ପାଖରେ ମୋତେ ସ୍ୱାର୍ଥପର କରିଦେବ । ମୋର ବିଶ୍ୱାସ ତମେ ଏ ସବୁକୁ ହୃଦୟଙ୍ଗମ କରି ମୋ ଅନୁପସ୍ଥିତରେ ମଧ୍ୟ ଏ ପରିବାରକୁ ସୁଖରେ ରଖିବାକୁ ଚେଷ୍ଟା କରିବ ।"

ଶୁଭ୍ରା ଆଖିରେ ଝଲମଲ୍ କରୁଥିବା ଆନନ୍ଦାତିଶଯ୍ୟା ଲୁହ ବିନ୍ଦୁ । ସିଏ ଅଣନିଶ୍ୱାସୀ ହୋଇଯାଇଥିଲା ପ୍ରେମର ଏକ ଅତଳ ସମୁଦ୍ରରେ । ନିମିଷକ ପାଇଁ ସିଏ ଭୁଲିଯାଉଥିଲା ଭଗବାନ ତା ହେଲେ ବିଶ୍ୱାସରେ, ଅନୁଭବରେ ନାହାନ୍ତି ତାଙ୍କର ରୂପଅଛି । ଆକାର ଅଛି । ଉପସ୍ଥିତ ମଧ୍ୟ ଅଛି । ଆଉ ଏବେ ସେଇ ଭଗବାନଙ୍କର ସ୍ପର୍ଶ ଅନୁଭବ କରୁଛି ଏବେ ତା ମସୃଣ ଚିବୁକ ଉପରେ । ସିଏ ଆଖିବୁଜି ଦେଲା ଝାପ୍‌ସା ଝାପ୍‌ସା ଅନ୍ଧାର ଭିତରେ ଆଉକିଛି ଦେଖିନପାରିବ ବୋଲି ।

Digitized by PPRACHIN, SOA

ତମଶା ସାପ

ଗୋ ଛାଏ ତଳି, କରଚୁଲି, କେତେଟା ରସଡିସ୍‌କୁ କୋଇଲା ପାଉଁଶରେ ମାଜୁଥିଲା ବିଶ୍ବ । ବେଳେବେଳେ ହାତ ତାର ଧିମା ପଡିଯାଉଥିଲା । ସେ ଆଡକୁ ଆଖିଟା ତାର ଯେତେ ନଥିଲା, ଆଖିତାର ଲାଖି ଯାଇଥିଲା ପାଣି ନାଳ ପାଖରେ ପଡିଥିବା କାଗଜ ଖଣ୍ଡିକ ଉପରେ । ଗୋଟିଏ ପୁରୁଣା ବର୍ଣ୍ଣବୋଧର ଚିରାପୃଷ୍ଠା କାଗଜ ଖଣ୍ଡିକ ଭିଜି ଯାଇଥିଲା ପାଣିରେ ତଥାପି ଅକ୍ଷର ଗୁଡାକ ଆଗ୍ରହରେ ସିଏ ପଢ଼ିଯାଉଥିଲା "କି ସୁନ୍ଦର ଆହା କି ଆନନ୍ଦ ମୟ ଏଇ ବିଶାଳ ସଂସାର ଇତ୍ୟାଦି ।

ଏଇ ଦି'ବର୍ଷ ପୂର୍ବରୁ ବୋଉ ତାର ଖୁବ୍ ଆଗ୍ରହରେ ପଢ଼େଇ ଦଉଥିଲା ତାକୁ ଯେତେବେଳେ ସିଏ ଚଟ ସିଲଟ ନେଇ ନୂଆନୂଆ ସ୍କୁଲକୁ ଯାଉଥିଲା । ତା ପରବର୍ଷ ପାଠ ପଢ଼ାରେ ତାର ଠୋକ୍ ପଡିଲା, ଅଭାବି ସଂସାରକୁ ପଛ କରି ବାପା ତାର ଚାଲିଗଲେ ପର ପାରିକୁ । ରୋଗ ଗ୍ରସ୍ତ ଅବସ୍ଥାରେ ଘରେ ପଡିପଡି ନିଜେ ତ ଚାଲିଗଲେ ଘର ଅବସ୍ଥା ମଧ ତଦ୍ରୂପ ଥିଲା ସେତେବେଳେ । ଆକାଶ ପରି ବିରାଟ ଛାତ ତଳେ ଆତ୍ମୀୟ ବୋଲି ଦି'ଜଣମାତ୍ର ରହିଗଲେ ବୋଉ ଆଉ ବିଷ୍ଣୁ । ଛୋଟ ଭାଇ କିଶୁ ଓରଫ କିଷନ ।

ଘରେ ଚୁଲି ଜଳିବାର ନାଆଁ ଧରୁ ନଥିଲା ଦିନେ ଓଳିଏରେ ଥରେ । ମାଗି ଖାଇବା ଅପେକ୍ଷା ନାଗି ଖାଇବାର ହିମ୍ମତ ଛାତିରେ ବାନ୍ଧି ବୋଉ ତାର ପର ଘର ପାଇଟି କରିବାକୁ ଯାଉଥିଲା । ପେଟ ବିକଳିଆ ଛୁଆ ଦି'ଟା ଘରଟା ଭିତରେ ତହଳ ବିକଳ ହଉଥିଲେ ବୋଉ ଅପେକ୍ଷାରେ ତା'ନ ହେଲେ ତୁଣ୍ଡରେ ଖୁବ୍ ମୁଠାଏ ଦେବାକୁ ବି କେହି ନଥିଲେ ଦୁନିଆଁରେ । ପ୍ରଥମ ଶ୍ରେଣୀରେ ପଢ଼ିବା ପାଇଁ ବୋଉ ସେଇବର୍ଷ କୋଉ ବାବୁ ଘରୁ ଆଣିଥିଲା ପୁରୁଣା ବର୍ଣ୍ଣବୋଧଟିଏ । ତାକୁ ଦେଖି ଦେଖି ଅକ୍ଷର ଚିହ୍ନିଥିଲା ବିଶୁ ଖଣ୍ଡି ଉତା ଦଉଥିଲା ପାଠ ପଢ଼ାରେ । ସ୍କୁଲରେ ପାଠ ପଢୁଥିବା ସାଂଗ ମାନଙ୍କ ଭିତରେ ଅବଶ୍ୟ ଭଲ ପାଠ ପଢୁଥିଲା । ତଥାପି ପାଠ ପଢ଼ାରୁ ମନ ଖସେଇ ଆଣିଥିଲା ଯେଉଁଦିନ ସାର ତାକୁ ପରୀକ୍ଷା ଚାନ୍ଦା ପାଇଁ ସ୍କୁଲରୁ ବିଦା କରିଦେଲେ, ସେଇଦିନଠୁ ସ୍କୁଲ ଆଡକୁ ଆଉ ଆଖି ଫେରାଇ ଚାହିଁନାହିଁ ।

ବୋଉର ଯେତେ ବୁଝାବୁଝି ତା' ମନକୁ ସାନ୍ତ୍ୱନା ଦେଇ ପାରୁ ନଥିଲା । ଏମିତି ଅଭାବରେ ପଢ଼ିବାତ କଷ୍ଟକର ଥିଲା ତା ପାଇଁ ହେଲେ ପେଟ ବିକଳରେ ନିଜେ ଆଉଟୁ ପାଉଟୁ ହେଉଥିଲା ବେଳେ ଦିନକୁ ଦିନ ସାନଭାଇ କିଶୁଟା ମଧ ଶୁଖି ଯାଉଥିଲା । ତା'ପରେ ବୋଉକୁ କହି ବାହାରି ଆସିଲା ଘର ଗାଁ ସରପଞ୍ଚ ରଘୁ ସାଆନ୍ତଙ୍କ କଥାରେ । ତାକୁ ଯୁଟିଗଲା ବି କାମଟାଏ ଭୁବନେଶ୍ୱରର ଉଠା ଦୋକାନରେ ଚାକିରୀଟାଏ । ପେଟ ବିକଳିଆ କି-ନା, ଖୁବ୍ ଭଲ ଲାଗିଲା ତାକୁ ଦିନକେତେ

Digitized by PPRACHIN, SOA

ଖାଇବା ପିଇବାରେ । ବୋଉ ପାଖକୁ ଖବର ଦେଲା ସିଏ ଭଲରେ ଅଛି ବୋଲି । ଆସନ୍ତା ସରସ୍ୱତୀ ପୂଜାକୁ ପଇସା ଓ ପାଣ୍ଟସାର୍ଟ ପଠାଇବ । କିଶୁକୁ ପାଠ ପଢ଼େଇବୁ । ବୋଉ ବି ଖବର ଦଉଥିଲା ତା'ପାଖକୁ । ହେଲେ ସିଏ କେତେବେଳେ ପାଉଥିଲା କେତେବେଳେ ନାହିଁ ।

ଉଠାଦୋକାନ ଚାକିରି ଆଜି ରୂପାଲିଛକତ କାଲି ସେକ୍ରେଟେରୀଏଟ୍ ଗେଟ୍ । ଠିକ୍ ଠିକଣା କିଛି ନଥିଲା ତାର । ରାତି ହେଲେ ବୋଉକଥା ବେଶି ମନେ ପଡୁଥିଲା । ଯେତେବେଳେ ସିଏ ଉଠା ଦୋକାନର ଜିନିଷ ପତ୍ରକୁ ଆଡ଼େଇ ଅଙ୍ଗାର କଳାରେ ଧୋଇ ହୋଇଥିବା ବିଛଣା ଖଣ୍ଡକ ପକେଇ ଦେଇ ନିଜର ଥକା ମେଣ୍ଟଉଥିଲା । ହାତ ପାଦ ଗୁଡାକୁ ପାଣି ଖାଇ ଯନ୍ତ୍ରଣା ଦଉଥିଲା । ଔଷଧ କହିଲେ ଖିଙ୍କାରି ଉଠେ ମାଲିକ ତାର । ସକାଳର ଆମ୍ବିଲା ଘୁଗୁନି ତା' ଭାଗରେ ଯୁଟୁଥିଲା ପୁଣି ସଂଜରେ । ତଥାପି ଭୋକ ବିକଳରେ ଖାଇ ଦିଏ ସିଏ । ମାଲିକର ସବୁ ଆଖାଡୁଆଗାଳି, ଗରାଖଙ୍କ ବିଦ୍ରୁପ ଯେତିକି ନବାଧେ ତାକୁ ବେଶୀ ବାଧେ ତା ବୋଉ କଥା କହି ମାଲିକ ଯେତେବେଳେ ଗାଳି ଦିଏ । "ହୁଃ-ଶଳା ମାସ ନପୁରୁଣୁ ଘରୁ ପଇସା ପାଇଁ ତାଗିଦା ଆସି ଯାଉଛି । ହେଲେ ଟୋକାର କାମକୁ ଦେଖ ।" ଥରେ ହାତରୁ ପଡି ଗ୍ଲାସଟିଏ ଭାଙ୍ଗିଗଲା ଯେ ଯାହାତ ଗାଳି । ତା ପରେ ବି ମନ ଶ୍ରାଦ୍ଧ ମେଣ୍ଟିଲାନି ମାଲିକର ମାସକର କେଇଟଙ୍କା ଦରମାରୁ ବି କାଟ ଖାଇଗଲା । ବୋଉ ଯେତେ କାକୁତି ମିନତି ହେଇ ଚିଠି ଲେଖିଲେ ବି କିଛି ପ୍ରଭାବ ନଥିଲା ମାଲିକ ମନରେ । ଟିକିଏ ଦୟା ଆସେନା । ତଥାପି ସିଏ ମନମାରି କାମ କରିଯାଏ । କିଛି ଭାବି ପାରେ ନା ସେ ଅଖାଡୁଆ ଗାଳିର ଅର୍ଥ ଗୁଡାକୁ । ଏମିତି ଭାବିବାର ଖିଅ ଯେତେବେଳେ ଲମ୍ବି ଯାଉଥିଲା ମାଲିକର ରୁକ୍ଷ ଗଳାର ଡାକ ତା' କଲିଜାରେ ଲାଗିଗଲା ଯେମିତି-"ଆବେ ସେଇ କେଇଟା ବାସନ୍ ସଫାକରୁ କରୁ ତତେ ଗୋଟାଏ ବେଳା ଲାଗିଯିବ ରେ । ସକାଳୁ ତ ଗେମିଦେଲୁ ପେଟେ, ସେଠି ଅଳସ ଭାଙ୍ଗୁଚୁ ନା କ'ଣ ?"

ଧଡପଡହେଇ ବାସନତକ ଧୋଇ ବିଶୁ ଉଠିଲା କେବିନ୍ ଆଡକୁ । ହେଲେ ଆଗରେ ଦେଖିଲା ତା' ବୋଉକୁ । ଖୁସିରେ ଗୋଟାଏ ଲହରୀ ଖେଳିଗଲା ତା' ମନରେ, ମରୁଭୂଇଁରେ ଯେମିତି ଜଳଟୋପାଏ ସନ୍ଧାନ ପାଇଗଲା ସିଏ । ହଠାତ୍ ଭୁଲିଗଲା ମାଲିକର ଗାଳିଗୁଡାକ । ହେଲେ ବୋଉ ଯେ ଏମିତି ତା' ଆଡକୁ ଚାହିଁଛି ମୁହଁରେ ହସ ନାହିଁ । ସରାଗ ନାହିଁ । ତାକୁ ଦେଖିସେତ ଖୁସି ହେବା କଥା । ଓଃ-ମାଲିକର ଗାଳି ଗୁଡାକ ତା କାନରେ ପଡିଗଲା କି ଆଉ । ବୋଉ ସବୁ ଶୁଣିଥିଲା ଆଉ ବୁଝି ପାରୁଥିଲା ପୁଅର ଅବସ୍ଥା କଥା । ଚାହିଁଲା ତା ପାଣିଖିଆ ପାଦ ପାଖରୁ ନୁଖୁରା ମୁଣ୍ଡ ଯାଏ । କୋଇଲା ଧୂଆଁରେ ତା ଗୋରା ଦେହରେ ଆସ୍ଥାନ ଜମେଇଥିବା ମଇଳାକୁ । ମଇଳା ପ୍ୟାଣ୍ଟ ସାର୍ଟ, ମୁହଁରେ ମଶାଖିଆ ଚିହ୍ନ । କିଛି ପଦେ ହେଲେ କହିବାକୁ ସାହସ ନଥିଲା । ତଥାପି ଟାଣି ଓଟାରି ହସଟାଏ ଖେଳେଇ ଦେଲା ମୁହଁରେ । ପୁଅକୁ ଡାକିଲା ପାଖକୁ । କ୍ୟାବିନ୍ କଡ଼ରେ ପଡିଥିବା ବେଞ୍ଚଉପରେ ବସି ଦୁଃଖ ସୁଖ ପଦେ ହବାକୁ । ହେଲେ ତାର ଆଶ୍ଚର୍ଯ୍ୟର ସୀମା

Digitized by PPRACHIN, SOA

ନଥିଲା; ବୋଉ ଯେ କାହିଁକି ଭୁବନେଶ୍ୱର ଆସିଛି । ସାଙ୍ଗରେ ବି କେହି ନାହାନ୍ତି । ତଥାପି ପଚାରିଲା ବୋଉକୁ -"ତୁ କଣ ଏକା ଏକା ଗାଁରୁ ଆସିଚୁ ? କିଶୁ କାଇଁ ?"

ବୋଉ କହିଲା -"ହଁ ଗାରୁ ସକାଳୁ ଯେଉଁ ଗାଡିଆସୁଛି ସେଇ ଗାଡିରେ ଉଠି ପଡିଲି, ଏଠି ଓହ୍ଲେଇ କେତେ ବୁଲିଲିଣି ଭାଗ୍ୟକୁ ତୁ ଏଇ ଛକରେ ଦେଖା ହେଇଗଲୁ" । ସତରେ ଖରାରେ ବୁଲିବୁଲି ବୋଉ ମୁହଁ ଶୁଖି ଯାଇଚି । ବିଶୁ ପଚାରିଲା -"ତୁ ଖାଇଚୁ ବୋଉ?" ବୋଉ ମୁଣ୍ଡ ଟୁଙ୍ଗାରି ନାଁ କହିଲା । ବେଳ ଗଡି ଗଲାଣି ବେପାର ଶେଷର ଶୁଖିଲା ଭାତ ତରକାରୀ ନେଇ ଦୁହେଁ ଖାଇବସିଲେ ସେଇ ବେଞ୍ଚ ପାଖରେ । ଖାଇଲାବେଳେ ବୋଉ କହୁଥିଲା କିଶୁର ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା । ସାର କହିଛନ୍ତି ପଇସାର ଲୋଡ଼ା । ପାଖରେ ତ ପଇସା ନାହିଁ । ପରୀକ୍ଷା କାଲିଛାଡି ପଅର ଦିନ । ସେଇଥିପାଇଁ ଚାଲି ଆସିଲି । ତୋ ମାଲିକଠୁଁ କିଛି ଆଗୁଆ ନବାକୁ । ବିଶୁ ଛାତିରେ ଛନକା ପଶିଗଲା ଯେମିତି ଆଗୁଆ ଟଙ୍କା କଥା ଶୁଣି । ମାଲିକ କଥା ସିଏ ଠିକ୍ ଜାଣେ । ମାସକୁ ଷାଠିଏ ଟଙ୍କା ଦରମା ବାବଦକୁ ଦଉଚି ବୋଲି ସେଥିରେ କାମବି ମନକୁ ଯାଉନି । ସେଇଥି ଲାଗି ଖାଇବାରେ ମଧ କମ । ବର୍ଷ ମୁଣ୍ଡକୁ ଦି'ହଳ ପ୍ୟାଣ୍ଟସାର୍ଟରୁ ମଧ ମିଳୁଛି ହଳେ ।

ଭାରି ଇଛା ଥିଲା ଏସନ ଫଗୁକୁ ଘରକୁ ଯିବାକୁ । ପନ୍ଦର ଦିନ ଥିଲା କହିଥିଲା ଗାଁରେ ଫଗଖେଳ ହେବ । କାହୁଆ, ଚେମା, ମଦନା, କେତେ ସାଙ୍ଗ, ଗାଁ ଦାଣ୍ଡରେ ଫଗୁ ଖେଳିବେ । ମାଉକି ବାଜିବ । ସମସ୍ତେ ନାଚିବେ ରାଧା କୃଷ୍ଣଙ୍କୁ ବିଭାନରେ ବସେଇ । ପିଚକାରୀ ମାରିବେ । ପାଖ ଗାଁର ମେଲଣ ଭାରି ମଜା । ବାଡି ଗଛରେ ଆମ୍ବ ବଉଳ ଧରିବଣି ବୋଲି ବୋଉକୁ ପଚାରିବୁଝିଲା । ବୋଉ କହିଲା"ହଁ-ଏସନ ଭାରି ବଉଳ ଧରିଚି ତୁ ବ୍ୟସ୍ତ ହ'ନା ମୁଁ କାହା ହାତରେ ହଉ ଆମ୍ବ ପଠେଇବି । ଭାରି ସୁଆଦିଆ ଆମ ବାରି ଆମ୍ବ । କାହ୍ନୁଆ, ଚେମା କେତେଥର ଟେକାମାରି ଝଡ଼େଇ ଦଅନ୍ତି ବୋଲି ଝଗଡା ବି ହୋଇଚି । ଏମିତି କଥା ହଉଚନ୍ତି ବିଶୁ କହିଲା-"ବୋଉ ତୁ ଏମିତି ଚିରା ଲୁଗାଟା ପିନ୍ଧି ଆସିଲୁ, ଆଉ ଭଲ ନଥିଲା କି ?" କଥା ବାଆଁରେଇଲା ବୋଉ "ନାଇଁରେ ଏଇ ଗାଡିରେ ଲାଗିଗଲା ଯେ ଦି' ଜାଗା ଚିରି ଗଲା ।   ପିଲା।   ମୁଣ୍ଡ କିନା କଥାଟା ଠିକ୍ ଭାବିରେ ବିଶୁ ବୁଝି ପାରିଲା ନାହିଁ । ଏଥର ଶୁଭିଲା ମାଲିକ ତାର ରଡ଼ିଲାଣି । "ହଇରେ କେତେ ସମୟ ଖାଇବ କିରେ ଧୂଆ ଧୋଇ କରି ବସ୍‌ଷ୍ଟାଣ୍ଡକୁ ଯିବା ପରା ।" ସଞ୍ଜୁ ପାଇଁ ପୁଣି ତା'ର କେତେ କାମ, ଗରମ ତେଲରେ ବରା ପକୁଡି ଛାଣିବ । ଗରାଖଙ୍କୁ ଡାକିବ । ଆଳୁ ପିଆଜ କାଟିବ । ବେଞ୍ଚ ସଫା କରି ବଡ ପାଟିରେ ରାସ୍ତାରେ ଯାଉଥିବା ଗରାଖଙ୍କ ଆଡେ ଚାହିଁ ଡାକ ଛାଡିବ -"ଆସନ୍ତୁ ସାର୍ ଗରମ ବରା-ପକୋଡୀ ଇତ୍ୟାଦି ଇତ୍ୟାଦି ।

ଖାଇବା ଶେଷ କରି ବିଶୁ ଉଠିଲା । ହାତ ଧୋଇ ଜିନିଷ ପତ୍ର ସବୁ ଚକଲଗା କ୍ୟାବିନ୍ ଭିତରକୁ ଉଠେଇଲା । ଆଉ ମାଲିକ ପାଖରେ ଠିଆହୋଇ ତା' ବୋଉର ଆସିବା କାରଣ କହିଲା । ମାଲିକ ପଇସା କଥା ଶୁଣି ଚିଡିଗଲା ଆଉ କହିଲା- "ହଇରେ ତୋର କାମ ଯାହା ତତେ ଆଗୁଆ

Digitized by PPRACHIN, SOA

ପଇସା ଦେଇ କିଏ ବେପାର କରିବ ? ଘଡ଼ିକି ଘଡି ତ ଫନ୍ଦି ଫିକର ବାହାର କରୁଚୁ, ଗାଁକୁ ଯିବାକୁ ସକଉଚୁ । କେତେ କାମ କରିବୁ ଯେ ଦି'ଶହ ଟଙ୍କା ଆଗୁଆ ଦେବି ?'' ଆଉ ଗାଁ କୁ ଯିବାକୁ କାନ୍ଦିବନି ସିଏ । ଫଗୁ ନଖେଳିବ ନାହିଁ । ମନଦେଇ କାମ କରିବ । ପଇସା ନଦେଲେ ଯେ କିଶୁ ପରୀକ୍ଷା ଦେଇ ପାରିବନି । ସବୁକଥା ଶୁଣି ମାଲିକ-ହୁଁ-ଟାଏ ମାରି ବୋଉ ମୁହଁକୁ ଚାହିଁଲା ଆଉ ଦୋଦୁଲ୍ୟମାନ ସମ୍ମତି ଟାଣିଲା । ତଥାପି ଦି'ଶହ ଟଙ୍କା ନୁହଁ କିଛି ଟଙ୍କା ଦେବ ବୋଲି କହିଲା । ବିଶୁ ତା' ବୋଉ ମୁହଁକୁ ଚାହିଁଲା-''ବୋଉ ତା' ହେଲେ କଣ ହବ କିଶୁ ପରୀକ୍ଷା କଥା ?'' ଏମିତି କଥା ଚାଲିଛି । ଚକଲଗା ଗାଡ଼ିକୁ ଠେଲି ଠେଲି ବିଶୁ ଚାଲିଛି ବସଷ୍ଟାଣ୍ଡ ଅଭିମୁଖେ । ପଛରେ ବୋଉ ଗଣ୍ଡିଲିଟା ଧରି ଚାଲିଛି ଆଉ ତା ପଛରେ ମାଲିକ ବୁଢ଼ା ଅନ୍ତଲ ପେଟକୁ ହଲେଇ ହଲେଇ ହାତରେ ପେଟ୍ରୋମାକ୍ସ ଧରି ଚାଲିଛି । ଗୋଟିଏ ନିର୍ଦ୍ଦିଷ୍ଟ ଜାଗା ବସଷ୍ଟାଣ୍ଡରେ ଗାଡିଟାକୁ ରଖିଲା ବିଶୁ । ବାହାର କଲା ଦି'ଟା ବେଞ୍ଚ । ମାଲିକ କଥାରେ ବ୍ୟାଗ ଧରି ବାହାରି ପଡିଲା ପାଖ ବଜାରରୁ ଆଳୁ ପିଆଜ ଆଣିବାକୁ । ଚୁଲ୍ଲିଟାଏ ବି କାଢ଼ିଦେଲା ବୋଉ ବସିବାକୁ । ବଜାରରୁ ଜିନିଷ ଧରି ଫେରିଲା ବେଳକୁ ବୋଉ ତା' କାମ କିଛି କରିସାରିଲାଣି । ମାଲିକ ବୋଧେ କହିଛି କି କଣ ? ଆଞ୍ଚରେ କୋଇଲା ଦେଇ ପଙ୍ଖା କରୁଚି । ଗ୍ଲାସ ପ୍ଲେଟ ଧୋଇ ଧାଡି କରି ରଖିଚି । ତା ପରେ ପିଆଜ କଟାର ନିତିଦିନିଆ ବାସ୍ନା ସଂଗକୁତେଲ କଡେଇରେ ଭାଜି ହେଇ ବାହାରୁ ଥିବା ଗରମ ପିଆଜି, ବରା । ବିକ୍ରି ଉଦ୍ଦେଶ୍ୟରେ ବଡ ପାଟିରେ ଡାକ ଛାଡ଼ିଲା ବିଶୁ ।

ବେପାର ବଢ଼େଇ ସେଦିନ ଖାଇ ବସିଲା ବେଳକୁ ରାତି ଦଶ କି ଏଗାର ହବ । ଭୋକ ଲାଗୁଥିଲେ ବି ବୋଉ ଚୁପ । କିଶୁକୁ ପାଠ ପଢ଼େଇ ମଣିଷ କରିବାକୁ ହେଲେ ଏମିତି ବହୁ କଥାରେ ତାକୁ ଯେ ଚୁପ ହେବାକୁପଡିପାରେ । ମାଲିକର ମନା କରିବା ଆଉ କିଶୁର ପରୀକ୍ଷା ବନ୍ଦ କଥା ଭିତରେ ଗୋଟିଏ ମା'ର ଭୂମିକା ଅଛି ନିଶ୍ଚେ ।

କେଜାଣି କାହିଁକି ମାଲିକ ଟିକେ କଅଁଳେଇ ଡାକିଲା ବିଶୁକୁ । ଗୋଟାଏ ପ୍ଲେଟରେ କିଛି ବରା ପକୋଡୀ ବୋଉକୁ ଦେବାକୁ କହଲା । ନୂଆ ଭୁବନେଶ୍ୱରକୁ ଆସିଛି କି ନା-ବୋଉତାର ଆଖି ପତେଇ ଦେଇଚି ରାଜଧାନୀ ରାସ୍ତା ଆଡ଼େ, ଭଳି କି ଭଳି ଆଲୁଅ । ଗାଡି ମୋଟର ଚିକ୍‌କଣ କୋଠା ବାଡ଼ି ସତେ ଯେମିତି ବାହା ହବାକୁ ଥିବା ସଜ ବୋହୂଟି ପରି ଦେଖା ଯାଉଚି ରାତିର ରାଜଧାନୀ । ବୋଉର ଧ୍ୟାନ ଭାଙ୍ଗି ଡାକିଲା ବିଶୁ । ଗୋଟିଏ ଦୀର୍ଘଶ୍ୱାସ ପକାଇ କେମିତି ଗୋଟାଏ ଆଗ୍ରହଶୂନ୍ୟ ଗଳାରେ ହଁଟାଏ ମାରି ବୋଉ ଉଠିଲା ଖାଇବାକୁ । ଖାଇଲାବେଳେ ବିଶୁ ପୁଣି ମାଲିକ ପଇସା ଦବା କଥା ବୁଝିନେଲା । ମାଲିକ ମନା କରିବାର କାରଣଟେ ଯେ କଟା ହେବାକୁ ଥିବା ଛେଳିର ମାଉଁସକୁଦେଖି ମୂଲ । ସତରେ ବିଶୁର ରେଟ୍‌ଟା ସେତେ ହେବ ନାଇଁ । ବୋଉ କହିଲା-''କାକୁତି ମିନତି କରିଛି ତ ଦେଖାଯାଉ କାଲି କଣ ହବ !''

ଖାଇବା ଶେଷ କରି ଗାଡିକୁ ସବୁ ଜିନିଷ ଉଠେଇ ପୁଣି ଠେଲି ଠେଲି ଚାଲିଲା ବିଶୁ ରାତି ର ହଣ୍ଡୀ ସ୍ଥାନକୁ । ସ୍ଥାନଟା ଏଇୟା ଯେ, ଗୋଟାଏ ବଡ ଅଫିସର ପାଚେରୀ କଡ ଆକାଶି ଗଛ ତଳରେ ପାଲଟଣା ପରିତ୍ୟକ୍ତ ଜାଗାଟିଏ ପାଖରେ ନର୍ଦ୍ଦମା, କ୍ୟାବିନ୍‌କୁ ଆଉଜେଇ ଦେଇ

Digitized by PPRACHIN, SOA

କଡକୁ । ବେଞ୍ଚ ଦି'ଟାକୁ ଯୋଡି ଦେଲା । ମାଲିକ ତାର ଥଳଲ ପେଟରୁ କମିଜଟା ହଟେଇ ଦେଇ ବିଛଣା ପାରି ଶୋଇଗଲା । ଆଉ ସାଙ୍ଗେ ସାଙ୍ଗେ ପେଟ୍ରୋମାକ୍ସଟାକୁ ବି ଲିଭେଇଦେଲା । ବିଶୁ ରାଜରାସ୍ତାର ଶୂନ୍ୟତା ଆଡକୁ ଚାହିଁ ଶୋଇବାକୁ ଚେଷ୍ଟା କଲା ପାଖରେ ବୋଉ ଶୋଇଚି । ବେଞ୍ଚତଳେ ଲୋମ ବିହୀନ କୁକୁରଟା ଶୋଇଚି ପୁରୁଣା ଅଖାଗଦାକୁ ଆଡେଇ । ଦୁର୍ଗନ୍ଧରେ ନାକ ଫାଟି ପଡୁଚି । ବୋଉକୁ ନିଦ ହେଲାଣି କି କଣ । ଚୁପ ଚୁପ ଉଠିଲା ବିଶୁ ଅନ୍ଧାରରେ ଅଣ୍ଟାଳି ହାତରେ ବାଡିଟିଏ ଧରି ହୁରୁଡେଇଲା କୁକୁରଟାକୁ । ଆଉ କେଉଁଠି ମୁଣ୍ଡ ଗୁଞ୍ଜି ପାରିବନି ଜାଣି କୁକୁରଟା କୁଁ-କୁଁ ହେଲା କେତେବେଳ ଯାଏ । ତଥାପି ତା'ର ବାଡିଟାକୁ ଦେଖି ଘାଟି ଛାଡିଲା ଅନ୍ୟ ଠା' ଉଦ୍ଦେଶ୍ୟରେ । ବିଶୁ ତାପରେ ଶୋଇଲା ଆସି ବୋଉ ପାଖରେ । ନିଦ ଆସିଗଲା ।

ନିତି ଦିନିଆ ଅଭ୍ୟାସରେ ଚାଉଁକିନା ନିଦ ଭାଙ୍ଗିଗଲା ବିଶୁର । ତଥାପି ଅନ୍ଧାର । ମଳହଣ ରାସ୍ତା ଆଲୁଅ ଝାପ୍‌ସା ହୋଇ ପଡିଚି । ବିଶୁ ଉଠିଲା ନିଦୁଆ ଆଖିରେ । ମନେ ପଡିଲା ପାଖରେ ବୋଉ ଶୋଇଥିଲା ତ, କଡ ଲେଉଟାଇ ଚାହିଁଲା । ନାଁ- ତ-ପାଖରେ ନାହିଁ । ଚାହିଁଲା ଆର ବେଞ୍ଚକୁ ସେଠି ଶୋଇଚି ବୋଉ, ଆଉ ମାଲିକ ବୁଢ଼ା କାହିଁକି ଯେ ବୋଉ ପାଖରେ ଶୋଇ ରହିଛି । ମନେହେଲା ତା'ର ନିଦ, ପାଖ ମସଜିଦ୍‌ର "ଆଲ୍ଲା ହୋ"...ଡାକ ପୂର୍ବରୁ ଭାଙ୍ଗେନା । କିନ୍ତୁ ତା' ବହୁ ପୂର୍ବରୁ ମାଲିକର ଗଧ ରଡିରେ ଭାଙ୍ଗେ । ରାତିଥାଏ ଢ଼େର ଫରଚା ହବାକୁ । କିନ୍ତୁ ଆଜି କଣ ପାଇଁ ମାଲିକର ଏତେ ଡେରି ? ବୋଧେ ବୁଢ଼ାଟା ନିଦରେ ଶୋଇଯାଇଚି । ଶୋଇଥାଉ । ଆଉ କିଛି ଭାବିପାରିଲାନି ବିଶୁ ପୁଣି ହାଇଟାଏ ମାରି ଶୋଇଗଲା ଯେ ସୂର୍ଯ୍ୟଙ୍କ କିରଣ ପାଚେରୀ କଡରେ ଲେସି ହେଇ ତା ଉପରେ ପଡିଲାଣି ଜଣାନାହିଁ ।

ସକାଳ ନିଦରେ ସିଏ ସ୍ୱପ୍ନ ଦେଖୁଚି । ଗାଁ ତୋଟାରେ ଗୋଟିଏ ବଡ ବରଗଛ ଡାଳରେ ବସା ବାନ୍ଧିଚି ଛୋଟ ଚଢ଼େଇଟି । ଖୁବ୍ ଖୁସିରେ ସେ ତା-ତୁତ୍ ତୁଦ୍ ଚୁଆ କଥା କହି ନାଚୁଥିବା ଛୁଆଟା ମୁହଁରେ ଆହାର ଦଉଚି । ମା' ଚଢ଼େଇ ମୁହଁରେ ଖୁବ୍ ଗୋଟାଏ ଆନନ୍ଦରଭାବ । ହଠାତ୍ ବୁଢ଼ା ଢ଼ମଣା ସାପଟା କେଉଁଠି ଥିଲା କେଜାଣି ବସା ଉପରକୁ ଝାମ୍ପଦେଲା ଆଉ ଏକାଥରକେ ମା' ଚଢ଼େଇଟି ତା ଆଁରେ । ବଡ ଗୋଟାଏ ଆଁ-ମୁନିଆ ଦାନ୍ତ । ସେ ଭିତରେ ହଜି ଯାଉଚି ମା' ଚଢ଼େଇର ହସ ଖୁସିର ସମୟ । ପିଲାମାନେ ତକୁ ହୋ-ହାଲ୍ଲା କରୁଛନ୍ତି କିନ୍ତୁ ସାପଟା ଚଢ଼େଇଟାକୁ ତା ଖାପଟାରେ ଧରି ଫେରି ଆସୁଛି ନିର୍ବିକାରରେ ଗଛ ଗଣ୍ଡିର ଫଟା କୋରଡ ଭିତରକୁ ।

ସ୍ୱପ୍ନଟା ଅଧା ରହିଗଲା । ବୋଉ ଡାକରେ ଆଖି ଖୋଲିଲା ସିଏ । ସକାଳ ଖରା ପଡିଗଲାଣି । ବୋଉ ତାର ଗାଧୋଇ ପାଧୋଇ କଣ ସଜ ହୋଇଗଲାଣି ଘରକୁ ଯିବାକୁ ? ଧଡ଼୍ ପଡ଼୍ ହୋଇ ଉଠିଲା ବୋଉକୁ ବସ୍‌ଷ୍ଟାଣ୍ଡରେ ଛାଡି ଦେଇ ଆସିବାକୁ । ଗାଁ ବସ୍‌କୁ ଖୋଜି ଉଠିଲା ବେଳକୁ ବୋଉ ତା' ଆଡକୁ ଚାହିଁଲା ଆଉ କେମିତି ଗୋଟାଏ ନୀରସ ଭଙ୍ଗୀରେ କହିଲା "ତୋ ମାଲିକ ଦୁଇଶହ ଟଙ୍କା ଦେଲେ, ତୁ ମନ ଲଗେଇ କାମ କରିବୁ, ମୋ କଥା ମନେ ପକେଇ କାନ୍ଦିବୁ ନାହିଁ । ମୁଁ ତୋ ପାଇଁ ଆଉ-ପଠେଇବି ।"

❖

Digitized by PPRACHIN, SOA

ମା'

ଦୀନବନ୍ଧୁ ଦଇତାରୀ ଦୁଃଖ ନଗଲା ମୋହରି, ହେଲକି ନିଷ୍ଠୁର ଚିତ୍ତ ନୀଳାଚଳେ ବିଜେକରି..

ଜଣାଣଟିର ଆବେଦନ ସ୍ୱୟଂ ଭଗବାନଙ୍କ ପାଖରେ ଯେ କେତେ ମର୍ମାନ୍ତିକ ସତରେ ! ଯେ କେହି ଏଇ ଜଣାଣଟି ଶୁଣିଲେ ଅନୁଭବ କରିପାରେ । ଭକ୍ତର ଭାବପୂର୍ଣ୍ଣ କଣ୍ଠରେ ବାସ୍ତବିକ୍ ଏହି ଗୀତଟି ଆକୁଳତାର ଏକ ଅନନ୍ୟ ଆତ୍ମ ନିବେଦନ ।

ବୃଦ୍ଧାଟିର ଏଇ ଗୀତର ଆତ୍ମ ନିବେଦନଟି ଖୁବ୍ କରୁଣ ରସ ଭରିଦିଏ । ଏକାଧାରରେ ତା'ର ବୟସ, ଶରୀରରେ ହିଁ ଏହି କରୁଣ ଭାବର ପବିତ୍ର ସଂଗମ ହୋଇଯାଏ । ଥରୁ ଥରୁ କଣ୍ଠରେ ସିଏ ରିଟାୟାର୍ଡ ମେଜର ବଳବୀର ଯୋଶୀଙ୍କ ଫ୍ଲାଟ ଦ୍ୱାର ଦେଶରେ ଗାଇବା ଆରମ୍ଭ କରିଦିଏ ପ୍ରତ୍ୟେକ ସକାଳେ, ଯେତେବେଳେ ଯୋଶୀଙ୍କ ସହଧର୍ମିଣୀ ସୁଲେଖା କିଛି ବାସି ରୁଟି ଓ ମୁଢ଼ି ବୁଣି ଦିଅନ୍ତି ଫ୍ଲାଟ ସାମନା ରାସ୍ତା ଉପରେ କାଉ, ଚଢ଼େଇଙ୍କ ଉଦ୍ଦେଶ୍ୟରେ । 'ସକାଳ ହେଲା ଉଠ-ଉଠ' ଗାଇ ଗାଇ ବୁଲୁଥିବା ପଞ୍ଝା-ପଞ୍ଝା କାଉ ଘେରି ଖାଉଥାଆନ୍ତି ବାସିରୁଟିର ଟୁକୁଡା, ଓ ମୁଢ଼ି । ପ୍ରାୟତଃ କିଛି ପୂର୍ଣ୍ଣ ଅର୍ଚ୍ଚନାର୍ଥେ ଯେ କେହି ବି କହି ପାରେ ଏକଥା ।

ନିତି ପ୍ରତି ଆସୁଥିବା ଏହି ଭିକାରୁଣୀ ବୁଢ଼ିଟାକୁ ଦେଖିଲେ କାହିଁକି ଯେ ଚିଡି ଉଠନ୍ତି ସୁଲେଖା । ଭିକାରୀ ମାନଙ୍କୁ ଦେଖିଲେ ତାଙ୍କ ରକ୍ତରେ କାହିଁକି ଅସହିଷ୍ଣୁତାର ମଞ୍ଜି ବୁଣି ହୋଇଯାଏ । ପଚାରିଲେ କହନ୍ତି ଏଇ ଭିକାରୀ ମାନେ ଦେଶରେ ଅକର୍ମଣ୍ୟତା ସୃଷ୍ଟି କରିବାରେ ହିଁ ଦାୟୀ । ପରାଙ୍ଗଭୋଜି ଦଳ ସୃଷ୍ଟି କରିବାରେ ଦାୟୀ । ଦେହରେ ଶକ୍ତିଥିଲେ ମଧ ଏମାନେ ଦୁର୍ବଳର ଅଭିନୟ କରନ୍ତି । ଯେତେ ମନ ଗଢ଼ା ମିଛ କାହାଣୀ ଏଇ ମାନଙ୍କ ଠାରୁ ହିଁ ଶୁଣିବାକୁ ମିଳେ ।

ଅବଶ୍ୟ ଏ କଥାକୁ ସଂପୂର୍ଣ୍ଣ ଅଗ୍ରାହ୍ୟ କରିବାର ଯୁକ୍ତି ଖୋଜି ପାଆନ୍ତି ନାହିଁ ସ୍ୱାମୀ ବଳବୀର ଯୋଶୀ । ତଥାପି କିଛିଟା ଯୁକ୍ତି କରନ୍ତି-ମାଗିଲା ଠାରୁ ହୀନ ନାହିଁ । ମାଗିଲାଲୋକ ମୃତ ବ୍ୟକ୍ତି ସମାନ ଇତ୍ୟାଦି ଇତ୍ୟାଦି । ଏଇଟା କିନ୍ତୁ ତାଙ୍କର ସୁଲେଖାଙ୍କ ସହିତ ତର୍କର ଯୁଦ୍ଧନ ହୋଇ ବରଂ ନିବେଦନର ଭିନ୍ନ ଏକ ମାର୍ଗ ହୋଇପାରେ ।

ସୁଲେଖା ଏକ ବିରାଟ ଦର୍ଶନତତ୍ୱରେ ବୁଝେଇବାକୁ ଚେଷ୍ଟା କରନ୍ତି ସ୍ୱାମୀଙ୍କୁ, ଯେ ମଣିଷ ନ୍ୟୁନ ହେବା, ଦୁର୍ବଳ କହିବା ଏକ ସ୍ୱକୀୟ ଅପରାଧ । ଏକ ସୁବିଧା ବାଦୀର ପଳାନୟ ମାର୍ଗ ଏଇଭିକ୍ଷାବୃତ୍ତି । କିନ୍ତୁ ଅନ୍ୟ ଏକ ତର୍କ ନିକଟରେ ସିଏ ଆତ୍ମସମର୍ପଣ କରି ଦିଅନ୍ତି । ଯେତେବେଳେ ସ୍ୱାମୀ ତାଙ୍କର କାଉ, ଚଢ଼େଇଙ୍କ ଉଦ୍ଦେଶ୍ୟରେ ସକାଳର ବାସିରୁଟି, ମୁଢ଼ିକୁ କଟାକ୍ଷ କରନ୍ତି ।

Digitized by PPRACHIN, SOA

ସୁଲେଖାଙ୍କର ଏଇ ଦାନଟା ଯେ ବିଦେଶରେ ପାଠ ପଢୁଥିବା ତାଙ୍କ ପୁଅବିଶ୍ୱାସର ମଙ୍ଗଳ ଉଦ୍ଦେଶ୍ୟରେ ଅଭିପ୍ରେତ କହିଲା ବେଳେ, ବଳବୀର ଯୋଶୀ ହସିଉଠନ୍ତି । ସ୍ୱାମୀଙ୍କର ବ୍ୟଙ୍ଗୋକ୍ତିରେ ସିଏ ଲହୁ ଲୁହାଣ ହେଲାପରି ଅନୁଭବ କରନ୍ତି । ସ୍ୱାମୀଙ୍କ ସହିତ ଆଉ ତର୍କ କରିବେ କଣ ପୁଅର ମଙ୍ଗଳ କାମନାରେ ମୂହ୍ୟମାନ ମାତୃ ହୃଦୟ ତାଙ୍କର ବିଚଳିତ ହୋଇଯାଏ ।

ମେଜର ଯୋଶୀ ବିଜୟ ପ୍ରାପ୍ତିର ହସ ହସି ଏଥର କହନ୍ତି-କାଉ, ଚଢ଼େଇଙ୍କ ଆଶୀର୍ବାଦ ଠାରୁ ଏଇ ଅସହାୟ ବୃଦ୍ଧାଟିର ଆର୍ଶୀବାଦ ତମ ବିଶ୍ୱାସ ପାଇଁ କୌଣସି ଗୁଣରେ ନ୍ୟୁନ ହେବ ନାହିଁ । ମନା କରନି-ତାକୁ ଦିଅ । ଅତଏବ ବୃଦ୍ଧାଟିର ଫଟା ଉସଥାଳିରେ କିଛି ଦାନାର ସାମଗ୍ରୀ ଆସି ପଡ଼ିଯାଏ ।

ବୃଦ୍ଧାଟି ମଧ୍ୟ ଏକଥା ଶୁଣିଛି କେତେଥର । ହେଲେ ପେଟ ଚାଖଣ୍ଡକ ଯାହାର ସର୍ବସ୍ୱ, ତା'ପାଇଁ ମାନ ଅପମାନର ବିଣାକାଠି ଧରିବା ହାସ୍ୟାସ୍ପଦ ବ୍ୟାପାର ଜାଣି ଚୁପ ରହିଯାଏ ଦି'ଟା ପାଇବା ଆଶାରେ । ମେଜର ଯୋଶୀ ମଧ୍ୟ ଆହୁରି ବୁଝାନ୍ତି -ଯଦିଓ ପରିସ୍ଥିତି ପରିବେଶ ତାଙ୍କୁ ଭିକାରୀ କରି ଦେଇଛି ପ୍ରତ୍ୟେକ ଗୃହସ୍ଥ ପାଇଁ ସେମାନେ କିନ୍ତୁ ଜଣେ ଜଣେ ଅତିଥି । ଅତିଥି ସତ୍କାର ହୁଏତ ନ କରିପାର ସଭକ୍ତିରେ ଦି'ଟା ଦାନ କରିବାରେ କାର୍ପଣ୍ୟତା ଉଚିତ୍ ନୁହଁ । ଦାନରେ ଧନର କ୍ଷୟ ହୁଏ ନାହିଁ । ହାତପାତି ମାଗିବାରେ ସେମାନେ ଯେ ଆମ ପାଖରେ ନ୍ୟୁନ ହୋଇ ଯାଆନ୍ତି, ଏ କଥା ନୁହଁ । ଆମେ ସମସ୍ତେ କି ଧନୀ, କି ବଳବାନ ଦିନେ ତ କାହା ପାଖରେ ନ୍ୟୁନତାର ଅନୁନୟ କରୁ । ସିଏ ଭଗବାନ ନ ହୁଅନ୍ତୁ କାହିଁକି, ଆମ ନ୍ୟୁନତା ତ ଆମର ନିଜସ୍ୱ ।

ମେଜର ଯୋଶୀଙ୍କର ଏଇ ଦର୍ଶନରେ କିନ୍ତୁ ଥଳକୂଳ ପାଆନ୍ତି ନାହିଁ ସୁଲେଖା । ତଥାପି ନିଜ ଯୁକ୍ତିରେ ସିଏ ବଳବତ୍ତୀ ଜଣା ପଡୁଥାନ୍ତି । ଆପଣାର ସ୍ଥିତିକୁ ବଜାୟ ରଖିବା ପାଇଁ ହେଲେ ମେଜର ଯେ ଏଇ ପାଇଁ କଳି କରନ୍ତି ତା' ମଧ୍ୟ ନୁହଁ, ଦିନ ବି ଗଡି ଚାଲେ, ଭିକାରୁଣୀଟି ମଧ୍ୟ ପ୍ରତ୍ୟହ ସକାଳୁ ଆସେ ଆଉ ତା ଜଣାଣ ଆରମ୍ଭ କରିଦିଏ । କଣ ଦି'ଟା ମିଳିଗଲେ ଚାଲିଯାଏ ।

ସେଦିନ କଣ ଯେ ଗୋଟାଏ ବଡ଼ ପୂଜାରେ ବ୍ୟସ୍ତ ହୋଇ ପଡୁଥିଲେ ସୁଲେଖା ବଡିଭୋରୁ । ଯାବତୀୟ ଘର କାମ ନକଲେ ନଚଲେ । ପ୍ରଭାତ ପୂଜା ବିଧି କେତେ ଦଣ୍ଡ ଗଡି ଗଲାଣି ।ସେତିକି ବେଳେ ଦୁଆର ମୁହଁ ଗ୍ରୀଲ ଗେଟ ପାଖରୁ ଶୁଭିଲା-"ଦୀନବନ୍ଧୁ ଦଇତାରୀ...." ଘୋଷା ପଦଟା ପରେ ଗୀତଟି ଅନ୍ତରା ଧରିଲାଣି ତଥାପି ବନ୍ଦ ହେବାର ନାହିଁ । ସତର୍କ ହୋଇଗଲା ମେଜରଙ୍କ କାନ । ସକାଳ ବିଛଣାରେ କିନ୍ତୁ ଏ ଭାବନାର ଜଣାଣଟି ତାଙ୍କୁ ଏକ ରକମର କିଂକର୍ତ୍ତବ୍ୟ ବିମୂଢ଼ କରି ଦେଉଥିଲା । ଗୀତଟି ଶୁଣିବେ, ନା-କ'ଣ ଦିଟା ଦେଇଦେବେ । ଦି'ଟା କଣ ଦେଇଦେଲେ ଯେ ଗୀତଟି ବନ୍ଦ କରି ଚାଲିଯିବ ବୁଢ଼ୀଟି । ଭାବର ଭଙ୍ଗା ପଡ଼ିବ । ସୁଲେଖା ଉଦ୍ଦେଶ୍ୟରେ ଡାକିବା ହେଉଛନ୍ତି । ଗୀତଟି ବନ୍ଦ ହୋଇଗଲା । ଭାରି ଗୋଟାଏ ଅସ୍ୱସ୍ତିକର ବୋଧକଲେ ମେଜର ମନେ ମନେ । ବୋଧହୁଏ ସୁଲେଖା ବୁଢ଼ୀର ଥାଳିରେ କିଛି ଦେଇଦେଲେ । ନଚେତ୍-ନା, ଏ

Digitized by PPRACHIN, SOA

ଜଣାଣଟି ବନ୍ଦ କରିବାର ନୁହେଁ । ଅବଶ୍ୟ ଜଣାଣଟି ବୋଲାଇ ବୁଢ଼ୀଟିକୁ କଷ୍ଟଦେବା ଉଦ୍ଦେଶ୍ୟରେ ନୁହଁ ବରଂ ସଂପୂର୍ଣ୍ଣ ଗୀତଟି ତା' କଣ୍ଠରେ ଶୁଣିବା ମୋହରେ ମେଜର ବିଛଣା ଛାଡ଼ିଲେ ।

ଫାଟକ ପାଖରେ ଜଣାଣଟି ବନ୍ଦ କରି ବୁଢ଼ୀଟି କଣଯେ କହୁଥିଲା ସୁଲେଖାଙ୍କୁ । ଆଉ ସୁଲେଖା ବିରକ୍ତ ହୋଇ କହୁଥିଲେ-''ଏ ଯା-ଯାଃ- ଆଜି ମୋର ବହୁତ କାମ । ଘରେ ଟିକେ ହୋମ କରିବି । ତୁ ପରେ ଆସି ନେଇଯିବୁ । ମୁଁ ବ୍ୟସ୍ତରେ ଅଛି ।''

''ମା-କିଛି ନଦେଲ ନାହିଁ ବାବୁଙ୍କୁ ଟିକିଏ ଡାକି ଦିଅନ୍ତୁ ।''

ବାବୁଙ୍କ କଥା ଶୁଣି ଆହୁରି ଚିଡ଼ିଉଠିଲେ ସୁଲେଖା । ଭାବିନେଇଥିଲେ ବୋଧହୁଏ ବାବୁଙ୍କ ଆଗରେ ତାଙ୍କର ଏଇ କାର୍ପଣ୍ୟତା ବିଷୟରେ କହି କିଛି ଅଧିକ ନେବାର ଆଳ କରିବ । ତେଣୁ ଆହୁରି ତୀବ୍ର ହୋଇଗଲା ତାଙ୍କ ସ୍ୱର । -''ଏ ! କହିଲି ପରା ପରେ ନବୁ ! ବାବୁଙ୍କ ପାଖରେ ଆଉ କି କାମ ?''

-''ମା' ଆପଣ ଏମିତି ଅସହିଷ୍ଣୁ କାହିଁକି ହେଉଛନ୍ତି ? ମୁଁ କିଛି ନେବି ନାହିଁ । ଖାଲି...''ତୁଣ୍ଡରେ କଥା ସରିନଥିଲା ବୁଢ଼ୀଟିର, ଫାଟକ ପାଖରେ ପହଞ୍ଚିଗଲେ ମେଜର ଯୋଶୀ । ସ୍ୱାମୀଙ୍କୁ ଦେଖି ନିଜ କୃତକର୍ମର ସପକ୍ଷରେ ଯୁକ୍ତି ଦର୍ଶାଇବାକୁ ଆଗତୁରା କହିଉଠିଲେ ସୁଲେଖା- ''ଦେଖୁଛ-ଦେଖୁଛ ଏ ବୁଢ଼ୀଟାକୁ । ମୁଁ ଆଗରୁ ଯାହା କହେ ତମେ ସେ କଥା କିଛି ହେଲେ ଶୁଣନି । ଆଜି ଶୁଣ । ଏମାନଙ୍କର ଗୋଟାଏ ସାଧାରଣ ଜ୍ଞାନ ନାହିଁ । ମୁଁ କହୁଛି ଘରେ ପୂଜାକାମ । ଘରସାରା କାମ ପଡ଼ିଚି । ତୁ ଟିକେ ପରେ ଆସି ନେଇଯିବୁ । ମୋ କଥା ଶୁଣୁଛି ସିଏ ? ପୁଣି କହୁଛି ବାବୁଙ୍କୁ ଡାକିଦିଅ । ଭାବିଛି ବାବୁ ଆସିଗଲେ ମୁଁ ଦେଇଦେବି ।'' ନିଜର ଦାନୀ ପଣିଆ ଉପରେ ଏ ପ୍ରକାର କୁଠାରଘାତ ପାଇଁ ମନେ ମନେ ଆହତ ହୋଇଥିଲେ ସୁଲେଖା । ଏଣୁ ନିଜ ଯୁକ୍ତି ଉପରେ ହଠାତ୍ ଯେମିତି ଆହୁରି ତେଜିୟାନ ହୋଇଉଠିଲେ ।

''ଏ-ଯାଃ-ଏଠୁ କହୁଚି ।''ଥରେ ବାବୁ ଙ୍କ ମୁହଁ ଥରେ ବୁଢ଼ୀର ମୁହଁକୁ ଚାହିଁ କହିଲେ ସୁଲେଖା-''ଆଜି ବାବୁ କୁହନ୍ତୁ କି ଯିଏ ବି କୁହନ୍ତୁ, ତତେ ଆଉ କିଛି ମିଳିବନି ।''

ମେଜର ଯୋଶୀ ଭାବୁଥିଲେ କହିବାକୁ-କଣ ଏ ସବୁ ହେଉଛି ? ଗୋଟିଏ ଭିକାରୁଣୀ ସାଙ୍ଗରେ ତକରାଳ କରିବାଟା....। କିନ୍ତୁ କଣ ଭାବି କେଜାଣି ସୁଲେଖାଙ୍କ ଉଗ୍ରମୂର୍ତ୍ତି ଦେଖି ଚୁପ ରହିଗଲେ । ବାବୁଙ୍କର ଚୁପ ରହିବା ବୋଧହୁଏ ଆହୁରି ବଳିଷ୍ଠ କଲା ସୁଲେଖାଙ୍କୁ ଆହତ ବାଘୁଣୀ ପରି ସିଏ ହିଂସ୍ର ହୋଇ ଗର୍ଜି ଉଠିଲେ ।-

''ଏ- ଯାଉଚୁ-ନା, କହିଲି ପରା ଆଜି କିଛି ମିଳିବନି ।''

ଏଥର ବୁଢ଼ୀଟି ସେଇ ଅନୁନୟଭରା କଣ୍ଠରେ କହିଲା-''ମା ମୁଁ ସବୁଦିନ ପରି ଆଜି ଆଉ ଆପଣଙ୍କ ପାଖକୁ ନେବାକୁ ଆସିନାହିଁ କିଛି ଦେବାକୁ ଆସିଛି ?''

Digitized by PPRACHIN, SOA

କଥାର ଅର୍ଥ କିଛି ବୁଝି ପାରୁନଥିଲେ ସୁଲେଖା । ମେଜର ଯୋଶୀ ମଧ ଅବାକ୍ । ସମସ୍ତେ ଭାବୁଛନ୍ତି କଣ ହୋଇପାରେ ଏଇ କଥାର ଅର୍ଥ-''ଦେବାକୁ ଆସିଛି ।''

ଏଥର ବୁଢ଼ିଟି ଆରମ୍ଭ କଲା-''ବାବୁ ଆପଣ ଆଶ୍ଚର୍ଯ୍ୟ ହେଉଛନ୍ତି ନା ? ସବୁଦିନ ହାତପାତି ମାଗୁଥିବା ଭିକାରୁଣୀଟା ଆଜି କଣ ଦେବାକୁ ଆସିଛି ? କଣ ଆଉ ଦେଇ ପାରନ୍ତି ବାବୁ ? ଏଇ କେତେଦିନ ହେବ ରାସ୍ତାଘାଟ ଯୁଆଡେ ଯାଉଛି କେଉଁ କାରଗିଲ୍‌ରେ କାଳେ ଭାରତ ପାକିସ୍ଥାନ ଯୁଦ୍ଧ ହେଉଚି । ଏବେକୁ ସିଏ ବନ୍ଦ ହୋଇ ଆହୁରି ବି କେଉଁଠି ଯୁଦ୍ଧ ଲାଗିଚି । ଭାରି ଗୁଳି ଗୁଳା ଫୁଟୁଚି । ଉଭୟ ପକ୍ଷର ବହୁ ଲଢୁଆ ସୈନିକ ପୁଅ ମରୁଛନ୍ତି । କାଲି ଆମ ଏଇ ବଜାର ରାସ୍ତା ଦେଇ ଆସୁଥିଲି ଗୋଟିଏ ସୈନିକ ପୁଅକୁ ଲୋକେ ଶୋଭାଯାତ୍ରାରେ ନେଉଥିଲେ । କେତେ ଫୁଲତୋଡା, କେତେ ଆତ୍ମୀୟ ସ୍ୱଜନ ମାନଙ୍କର କାନ୍ଦ ବୋବାଳି, ସହି ପାରିଲିନି । ତା'ର ବିଧବା ସ୍ତ୍ରୀ ମୁହଁକୁ ବି ଦେଖିଚି । ଏ ଲଢ଼େଇ ଆଉ କେତେ ଦିନ ଚାଲୁଥିବ ?

ତା ପରଠଁ ଆପଣଙ୍କ ପାଖକୁ ଆସିଚି । ବହୁ ଦିନରୁ ସାଇତି ରଖିଚି ଅଳପ କେତେ ଧନ । ସ୍ଥିର କରିଚି ମନେ ମନେ ଏତକ ସେନା ସୁରକ୍ଷା ପାଣ୍ଠିକୁ ପଠେଇ ଦେବି । ଭାବିଲି ଆଉ କାହାକୁ ଦେବି ? ଠିକଣା ଜାଗାରେ ପହଞ୍ଚିବ କି ନାହିଁ । ଆପଣ ପରା ସେଇ ବିଭାଗରେ ଚାକିରି କରିଛନ୍ତି ? ଆପଣଙ୍କୁ ଜଣାଥିବ । ତେଣୁ ବଡ ଭରଷାରେ ଆସିଚି । ଏତକ କହିସାରି ବୁଢ଼ୀଟି ବାହାର କଲା ତା ଛିଣ୍ଡା ଝୁଲାରୁ ଗୋଟିଏ ମୁଣି । ତାକୁ ମେଜର ଯୋଶୀଙ୍କ ପାଦତଳେ ଥୋଇଦେଲା । କହିଲା-ପଠେଇ ଦେବଟି ବାବୁ ? ହେଲେ ମୋ' ନାଆଁରେ ନୁହଁ ଗୋଟିଏ ଭିକାରୁଣୀ ମାଆ ନାଆଁରେ ।

ଅବାକ୍ ହୋଇ ଚାହିଁରହିଥିଲେ ସୁଲେଖା, ମେଜର ଯୋଶୀ । ତୁଣ୍ଡରେ କଥା ନଥିଲା । ଆଖି ଆଗରେ କାହାକୁ ସିଏ ଦେଖୁଛନ୍ତି ? ସିଏ କଣ ପେଟ ଚାଖଣ୍ଡକ ପାଇଁ ହାତ ପାତୁଥିବା ଗୋଟିଏ ଭିକାରୁଣୀ ନା-ଭାରତର ମାଆ ! ସଂତାନ ବତ୍ସଳା ମାଆ ।

ଏଥର ମେଜର ଯୋଶୀଙ୍କ ଆଖିରେ କରୁଣାର ଭାବ ଉକୁଟି ଆସିଲା । ସେ ଭାବର ସମୁଦ୍ର ଏତେ ଲମ୍ବା ଥିଲା ଯେ, ଯେମିତି ସିଏ ଖୁବ୍ ଗୋଟାଏ ନୂଆ ପହଁରାଳି ଯିଏ ଆର ପାରିକୁ ଯିବାକୁ ସଂପୂର୍ଣ୍ଣ ଅକ୍ଷମ । ମେଜର ଯୋଶୀ କହିଲେ-''ଆଚ୍ଛା ମା' ମୁଁ ତ ନିଶ୍ଚୟ ପଠେଇବି । ତମର ଏଇ ମହତ୍ ଦାନ ଆମର ଭାରତୀୟ ସୈନିକ ମାନଙ୍କର ମନୋବଳକୁ ଦ୍ୱିଗୁଣିତ କରିବ ।''

ମେଜର ଯୋଶୀଙ୍କ ପଠେଇଦେବି ପ୍ରତିଶ୍ରୁତି ପାଇଁ ଉତ୍ସାହିତ ହୋଇପଡୁଥିବା ବୁଢ଼ୀଟିର ମୁଖ ମଣ୍ଡଳ କିନ୍ତୁ ପୁଣି ନିରାଶାରେ ଭରିଗଲା । ଆଘାତ ପାଇଲା ପରି ଅନୁଭବ କଲା ବୁଢ଼ୀ ।

ମେଜରଙ୍କୁ ଜଣା ନଥିଲା ବୋଧହୁଏ ତାଙ୍କ ପରି ଗୋଟିଏ କ୍ଷୁଦ୍ର ନାମ ମାତ୍ର ମଣିଷଟି ପାଇଁ ଗୋଟାଏ ପୃଥିବୀର ବିଶାଳତା ନେଇ ମାତୃ ହୃଦୟଟିଏ ଖୋଲା ପଡିଚି । ଏଥର ବୁଢ଼ୀଟିର ମନୋଦଶାକୁ ବୁଝିପାରି ଅତ୍ୟନ୍ତ କୋମଳ କଣ୍ଠରେ ସିଏ କହିଲେ-ଆଚ୍ଛା ମା' ତମର ସାଇତା

Digitized by PPRACHIN, SOA

ଧନକୁ ମୁଁ ଭାରତୀୟ ସେନା ସୁରକ୍ଷା ପାଣ୍ଠିକୁ ପଠାଇଦେବି ବୋଲି ପ୍ରତିଶ୍ରୁତି ଦେଲା ପରେ ମଧ ପୁଣି କାହିଁକି ମନ ଦୁଃଖ କରୁଛନ୍ତି ? ଏହାର କାରଣ କଣ ହୋଇପାରେ ମା ?

ବୁଢ଼ୀଟି ଅନ୍ତରର ବେଦନାରେ ଖଣ୍ଡ ବିଖଣ୍ଡିତ ହୋଇ ଯାଉଥିଲା । ମେଜରଙ୍କ ଆଖିରେ ବିରାଟ ବିସ୍ମୟର ଗଡଖାଇ ଖାଲି ଯାହା ସିଏ ତଳକୁ ତଳକୁ ଖସିବା ଆରମ୍ଭ କରୁଛନ୍ତି ।

ଏଥର ବୁଢ଼ୀ ଆରମ୍ଭ କଲା ମେଜରଙ୍କୁ ଚାହିଁ -ମା' ବୋଲି ସଂବୋଧନ କରୁଛ । ମାଆର ଛାତିରେ କି ଯେ ଯନ୍ତ୍ରଣା ତୁମେ ଅନୁଭବ କରିପାରିବ ନାହିଁ । ମୁଁ କାହାର ମା ? ଏଇ ଭାରତର ଶହୀଦ ପୁଅ ମାନଙ୍କର ?

ମେଜର ଯୋଶୀଙ୍କର ଜିଜ୍ଞାସାର ଅନ୍ତ ନାହିଁ । ପୁଣି ପ୍ରଶ୍ନ କଲେ-''ଆଉ ତାହେଲେ ତମେ....?

ତାହେଲେ ଶୁଣ । ଆଜକୁ ପଞ୍ଚଷଠୀ ବର୍ଷ ପୂର୍ବେ ମୁଁ ସେତେବେଳେ ଚଉଦ କି ପନ୍ଦର ବର୍ଷର ଅନୂଢ଼ା କିଶୋରୀ, ଆମ ଭାରତ ଦେଶ ପରାଧୀନ ଥିଲା । ଶିକ୍ଷା ଦୀକ୍ଷାର ଘୋର ଅଭାବ । ଅରାଜକ ମୂଳକ । ଅତ୍ୟାଚାର ବ୍ୟଭିଚାର ସୀମା ନଥାଏ । ବାପୁ ଥାଆନ୍ତି କେଉଁ ହଜାରି ବାଗ୍ ଜେଲରେ । ଛୁଆଁ ଅଛୁଆଁ ଭେଦଭାବରେ ଭାରି କଟକଣା ଦେଶରେ ଜାରିଥିଲା । ମା' ରମାଦେବୀଙ୍କ ପ୍ରେରଣାରେ ଆମ ଗାଁ ଆଉ ବସ୍ତି ମଧ ସ୍ଥଳରେ ଆମେ ଗୋଟିଏ ଗାନ୍ଧୀ ସେବାଶ୍ରମ ଗଢ଼ିଥିଲୁ । କହିବା କଥାରେ ନୁହଁ ବରଂ ଦିନେ ବାପୁ ଆମ ଗାଁ ଦେଇ ସତ୍ୟାଗ୍ରହୀ ମାନଙ୍କ ସାଙ୍ଗରେ ବୁଲି ଯାଇଥିଲେ । ସେଇ ବାପୁଙ୍କର ଆଦର୍ଶରେ ସେଠି ସେବାଶ୍ରମଟି ଗଢ଼ିଉଠିଲା । ବାପୁ ଜେଲରୁ ଥାଇ ଆହ୍ୱାନ ଦେଲେ ମଣିଷ ଏକ । ଜାତି ଭେଦ ମଣିଷ ଗଢ଼ା କଥା, ଈଶ୍ୱରଙ୍କ କଥା ନୁହଁ । ଏଇ ପଦକ କଥାରେ ଆମ ଭିତରେ ବଡ ଗୋଟାଏ ଉତ୍ସାହ ଆଣିଦେଇଥିଲା । ସେବାଶ୍ରମରେ କାମ କରୁଥିବା କିଛି ହିନ୍ଦୁ ମୁସଲମାନ ଯୁବକ ଯୁବତୀ ବଡ ଉତ୍ସାହରେ ମାତିଗଲୁ । ଗାଁ-ଗାଁ ବୁଲି ଛୁଆଁ ଅଛୁଆଁ ପାଇଁ ଲୋକଙ୍କୁ ବୁଝେଇଲୁ । ସତରେ ହିନ୍ଦୁ କଣ ? ମୁସଲମାନ କଣ ? ରକ୍ତର ରଂଗ ଏକା, ମଣିଷର ଅବୟବ ଏକାପରି । ମାଟିର ପରିଚୟ ଗୋଟିଏ । ଆଶ୍ରମରେ ଆମର ଦିନରାତି କାମ ଲାଗି ରହିଥାଏ । ପ୍ରଭାତ ଫେରି, ରାମଧୂନ୍ ସାଙ୍ଗକୁ, ଗାଁ ସଫେଇ । ଏଇ ଆଦର୍ଶରେ ମସ୍‌ଗୁଲ ଥିଲା ବେଳେ ସୌକତ ଖାଁ ନାମକ ଜଣେ ମୁସଲମାନ ଯୁବକ ମୋ ମନରେ ଆସ୍ଥାନ ଜମେଇ ବସିଗଲେ । ମୁଁ ତାଙ୍କୁ ଭଲ ପାଇଲି । ସିଏ ମଧ ମୋତେ ମୋ ପ୍ରେମକୁ ହୃଦୟଠୁ ଅଧିକ ଭଲ ପାଉଥିଲେ । ଖାଲି ବାହା ହେବାର ଉପଯୁକ୍ତ ସମୟକୁ ଅପେକ୍ଷା ଥିଲା ।

ଭାରତ ସ୍ୱାଧୀନ ହେଲା । ତା ପରେ ପାକିସ୍ଥାନ ବିଭାଜନ ପାଇଁ ହିନ୍ଦୁ ମୁସଲମାନ ଦଂଗା, ବିଶ୍ୱସଘାତୀ ଇଂରେଜ ମାନଙ୍କର ବିଷମଞ୍ଜି ଫୁଲ ଫୁଟିଲା । ଫଳ ବି ଧରିଲା ।

ବାପା ମୋର ଜଣେ ସାଧାରଣ କୃଷକ । ଅଭାବ ଅନଟନରେ ମୋତେ ବାହା ଦେବାକୁ ଅକ୍ଷମ । ମୁଁ କିନ୍ତୁ ସୌକତଙ୍କ ପ୍ରେମରେ ଉବୁଟୁବୁ । ଗର୍ଭବତୀ । ଯେତେବେଳେ ହିନ୍ଦୁ ମୁସଲମାନ ଦଂଗା ଭୀଷଣ ଆକାର ଧାରଣ କରୁଥିଲା । ସେତେବେଳେ ମୁଁ ଆସନ୍ନ ପ୍ରସବା । ପ୍ରସ୍ତାବ ରଖିଥିଲି

Digitized by PPRACHIN, SOA

ସୌକତଙ୍କ ସାମନାରେ ମୋତେ ତାଙ୍କ ଘରକୁ ନେଇଯିବାକୁ । ହେଲେ ତାଙ୍କ ସମାଜ ତାଡନାରେ ସିଏ ସାହସ କରି ପାରିଲେ ନାହିଁ ଗୋଟିଏ ହିନ୍ଦୁ ନାରୀକୁ ବାହା ହୋଇ ଘରକୁ ନେଇ ଯିବାକୁ । ଭାରତ ବିଭାଜନ ହେଲା । କରାଚୀରେ ରହୁଥିବା ସୌକତ ସେତେବେଳେ ରାତାରାତି ମୋତେ ଶେଷଥର ପାଇଁ ଭେଟିବାକୁ ଆସିଥିଲେ । ଯେତେବେଳେ ମୁଁ ହାଁସପାତାଳରେ ଦୁଇଟି ପୁତ୍ର ସନ୍ତାନର ଜନନୀ ହୋଇ ସାରିଥିଲି । ବୋଧହୁଏ ସୌକତ ଙ୍କ ହାତରେ ଆଉ ସମୟ ନଥିଲା କି କ'ଣ । ପାକିସ୍ଥାନକୁ ତାଙ୍କ ଭାଇମାନଙ୍କ ସହ ଚାଲିଯିବାର ଶେଷ ନିଷ୍ପତ୍ତି ନେଇ ସାରିଥିଲେ । ଭଗବାନ ଯେ କି ଉଦ୍ଦେଶ୍ୟରେ ସମାନ ଦୁଇଟି ଭ୍ରୁଣକୁ ମୋ ଗର୍ଭରେ ସ୍ଥାନ ଦେଇଥିଲେ କେଜାଣି । ସେଇ ରାତି ଅନ୍ଧାର ଭିତରେ ସିଏ ଗୋଟିଏ ପୁଅକୁ ମୋ କୋଳରୁ ନେଇ ଚାଲିଗଲେ । ପ୍ରତିଶ୍ରୁତି ଦେଇ କହିଗଲେ ସେ ଆଉ ସାରା ଜୀବନ ବାହା ହେବେ ନାହିଁ । ପୁଅକୁ ମଣିଷ ପରି ମଣିଷ କରିବେ । ଆଉ ମୁଁ ସେଇ କଥା ପଦକର ସମ୍ବଳକୁ ମୋ ନାରୀତ୍ୱର ସୁରକ୍ଷା କବଚ ଭାବି, ମୋ କଅଁଳ ଛୁଆଟାର ମୁହଁକୁ ଚାହିଁ ରହିଗଲି ଭାରତରେ । ମୋ ଜନ୍ମମାଟିରେ ।

ପୁଅ ବଡ ହେଲା । ବାସ୍ତୁହରା, ସ୍ୱାମୀହରା ଗୋଟିଏ ନାରୀ ପକ୍ଷରେ ବଞ୍ଚିବାର ରାସ୍ତା ବା କ'ଣ ଥିଲା ? ଛୁଆଟାର ଭୋକିଲା ମୁହଁକୁ ନ ଦେଖିପାରି ଭିକ ମାଗି ବୁଲିଲି । ତଥାପି ମୁହଁରେ ଅଧାର ଅଭାବ । ପରଘରେ ପାଇଟି କଲି । ଯେଉଁ ବାବୁଘରେ ଛାଡିଦେଇ କାମ ଖୋଜିବା ପାଇଁ ଘୁରି ବୁଲେ, ଦିନେ ସଂଜରେ ଫେରି ଦେଖିଲି ସେ ବାବୁ ଆଉ ସେ ଘରେ ନାହାନ୍ତି । ଦୁଇଟି କନ୍ୟା ସନ୍ତାନ ତାଙ୍କର । ତେଣୁ ପୁଅଟାକୁ ଭାରି ମୋର ଆଦର କରୁଥିଲେ । ହେଲେ ଗୋଟିଏ ମାଆକୁ ଏମିତି ଅସହାୟ କରି ପୁଅକୁ ନେଇ କୁଆଡେ ଚାଲିଗଲେ ଯେ ଆଉ ଖୋଜି ପାଇଲିନି । ପୁଣି ପେଟ ଚିନ୍ତାରେ ଭିକ ମାଗିବୁଲିଲି ।

ଏବେ ଦୁଇ ପୁଅଙ୍କ କଥାହିଁ ଭାବୁଛି । ଗୋଟିଏ ପାକିସ୍ଥାନରେ ଗୋଟିଏ ଭାରତରେ । ସତରେ କଣ ଗୋଟିଏ କଳ୍ପିତ ରେଖା ଏ ମାଟିକୁ ଅଲଗା କରି ଦେଇ ପାରିଲା ? ଗୋଟିଏ ମାଆର ମନକୁ କଣ କାଟି ଦି'ଖଣ୍ଡ କରିଦେଇ ପାରିଛି ? ମୁଁ ସେଇମିତି ଗୋଟିଏ ମାଆ । ଦୁଇ ପୁଅଙ୍କ ଭିତରେ ମୁଁ ଗୋଟିଏ ଗର୍ଭ ଦେଖୁଛି । ଭାରତକୁ ଦେଖୁଛି ପାକିସ୍ଥାନକୁ ଦେଖୁଚି । ଯୁଦ୍ଧ ହେଉଛି । ଉଭୟ ପକ୍ଷ ମରୁଛନ୍ତି, କ୍ଷମତା ଆଶାରେ ଲଢ଼େଇ ଚାଲିଚି । ଗାଦି ସମ୍ଭାଳିବା ପାଇଁ ଲଢ଼େଇ, ହେଲେ ମରୁଛନ୍ତି ଗୋଟିଏ ମାଆର ସନ୍ତାନ । ସେତେବେଳେ-ଗୋଟିଏ ମାଆର ଏତିକି ସାଇତା ଧନକୁ ଆପଣ ହିଁ କେଉଁ ଯୁଦ୍ଧ ପାଣ୍ଡିକୁ ପଠାଇବେ ବଚାର କରିବେ । ମାଆର ନିକିତିରେ ମୁଁ ଦୁଇପୁଅଙ୍କୁ ତଉଲି ପାରିବି ନାହିଁ ।

ଲୁହଭିଜା ଆଖିରେ ଭିକାରୁଣୀଟି ଚାଲି ଯାଉଥିଲା । ପଇସା ମୁଣିଟି ଥୁଆ ହୋଇଥିଲା ଫାଟକ ନିକଟ ମେଜର ଯୋଶୀଙ୍କ ପାଦତଳେ । ନିର୍ବାକ ହୋଇ ଚାହିଁରହିଥିଲେ ସୁଲେଖା ଓ ଯୋଶୀ ।

❖

Digitized by PPRACHIN, SOA

ଅଲୋଡା

ଡାଏଟ୍ ବାଲାର ଗାଡି ଚକା ମେଡିକାଲର ଆଉ ଗୋଟାଏ ୱାର୍ଡ଼ ଆଡକୁ ଗଡି ଚାଲିଥିଲା । ତା' ପଛେ ପଛେ ଚାଲୁଥିଲା ବୁଢ଼ୀଟି । ହାତରେ ଗୋଟିଏ ରସଥାଳି, ଡାଏଟ୍ ବାଲା ପାଖରୁ କିଛି ଖାଦ୍ୟ ପାଇବା ଆଶାରେ ଅନୁନୟ ବିନୟ କରିଚାଲିଥିଲା । ଶୁଣି ନଶୁଣିଲା ପରି ଘୃଣାର କଟାକ୍ଷ ପକାଇ ଆଗକୁ ଠେଲି ଚାଲିଚି ଲୋକଟା ଗାଡିକୁ ଆଉ କହୁଛି ମେଡିକାଲ କର୍ତ୍ତୃପକ୍ଷଙ୍କ ନିଷ୍ଠୁର ଆଦେଶ କଥା, ଯେ ଏଠି ତା'ର ରହିବା ଦିନ ସରି ଯାଇଚି । ଏବେ ଘରକୁ ଫେରି ଯିବା କଥା । ହେଲେ ବୁଢ଼ୀଟି ଅବା ଶୁଣୁଚି କୋଉଠୁଁ ? ଶ୍ରବଣ ଶକ୍ତି ହରେଇଚି କି କଣ ?

ଏଥର ଡାଏଟ୍ ବାଲା ଖୁବ୍ ବଡ ପାଟିରେ କାନ ପାଖରେ ଆସି ଶୁଣେଇ ଦେଲା -"ଏ ବୁଢ଼ୀ ତତେ ଆଉ ଖାଦ୍ୟ କି ଶୋଇବା ଖଟିଆ ମିଳିବ ନାହିଁ । ମେଡିକାଲରେ ରହିବା ଦିନ ତୋର ସରିଯାଇଚି ।" ତା ସତ୍ତ୍ୱେ ମଧ ବୁଢ଼ୀଟି ଆପଣାର ଇପ୍‌ସିତ ଗାଡି ପାଖରୁ ଘୁଞ୍ଚିବାର ନାଆଁ ଧରୁନି । ତଥାପି କିଛି ଲାଭ ହେଲା ନାହିଁ । ଗାଡିଟା ଅନ୍ୟ ୱାର୍ଡ ଅଭିମୁଖେ ଚାଲିଗଲା ।

ନିରାଶ ହୋଇ ବୁଢ଼ୀ ପାଦ ଫେରେଇଲା ନିଜ କୋଠରୀ ଆଡେ । ପାଠ ନପଢ଼ି ଥିଲେ ବି ଇଂରାଜୀ ଅକ୍ଷରର ଆକୃତିକୁ ଚିହ୍ନି ନିଜ ଖଟିଆ ଠାବ କରିବାରେ ବିଶେଷ କିଛି ଅସୁବିଧା ହେଲା ନାହିଁ । କିନ୍ତୁ ଦୁଃଖ ଯେତେବେଳେ ଆସେ କଥାରେ କହନ୍ତି ଭାଇ ବନ୍ଧୁ କୁଟୁମ୍ବ ସହିତ ଆସେ ।

Digitized by PPRACHIN, SOA

ଡାଏଟ୍ ବାଲାର ନିରାଶ ବାଣୀଠାରୁ ବର୍ତ୍ତମାନ ପରିସ୍ଥିତି କିନ୍ତୁ ଆହୁରି ଅଲଗା, ଅଧିକ ନୈରାଶ୍ୟ ଜନକ । ବୁଢ଼ୀର କୋଠରୀ ସାମନା ପାହଚ ତଳକୁ ବିକ୍ଷିପ୍ତ ହୋଇ ଛିଟିକି ପଡିଚି ତା' ଜୀବନ ଜୀବିକାର ପ୍ରିୟ ଗଣ୍ଠିଲିଟି । ତା'ରସ ମଗ,ଗ୍ଲାସ ଇତ୍ୟାଦି ନିଜସ୍ୱ ଜିନିଷ ଗୁଡାକୁ ଏମିତି ବପର୍ଯ୍ୟସ୍ତ ଅବସ୍ଥାରେ କିଏ ଫୋପାଡି ଦେଇଛି ଜାଣିବାକୁ ଅତ୍ୟନ୍ତ ବ୍ୟାକୁଳ ହୋଇ ଚାହୁଁଥିଲା ପାଖ ଖଟିଆରେ ଶୋଇଥିବା ରୋଗୀମାନଙ୍କ ଆଡକୁ ।

ବହୁଦିନର ପରିଚିତ ନିଜ ଖଟିଆ ପାଖରୁ ବୋଧହୁଏ ତା ଉରର ପାଇଯାଇଥିଲା ସିଏ । ଜଣେ ନବାଗତ ରୋଗୀ ତା ଖଟିଆ ଉପରେ ବିଛଣା ପକେଇ ସାରିଥିଲେ । ପାଖରେ ରୋଗୀଙ୍କର ଜଣେ ଯୁବକ ଲୋକ ତାଙ୍କୁ ଶୁଆଇ ଦେଉଛନ୍ତି । ଯନ୍ତ୍ରଣାରେ ଚିପୁଡି ହୋଇ ପଡୁଥିବା ଦୁର୍ବଳ ରୋଗୀ ଲୋକଟାର ପିଠି ପଟକୁ ଗେଞ୍ଜି ଦେଉଛନ୍ତି ଗୋଟିଏ ତକିଆ । ତଥାପି ଯନ୍ତ୍ରଣାର ଅନ୍ତ ନାହିଁ ।

ବୁଢ଼ୀ ଆଖି ସାମନାରେ ଏ ଦୃଶ୍ୟ ଦେଖି ନିଜର ଅଧିକାର ବିଷୟରେ ଯୁବକ ଜଣକୁ ସୂଚିତ କରାଇବା ପୂର୍ବରୁ ଡାକ୍ତର ଖାନାର ଜନୈକ କର୍ମଚାରୀ ଖିଙ୍କାରୀ ଉଠି କହିଲା-''ଏ ବୁଢ଼ୀ ମୁଁ ତୋ ଗଣ୍ଠିଲକୁ ବାହାରକୁ ଫିଙ୍ଗି ଦେଇଚି । ତୁ ଆଉ ଏଠି ରହି ପାରିବୁନି, ସୁପରିନ୍ ଟେଣ୍ଡଙ୍କ ଅର୍ଡର ଏ ବେଡରେ ନୂଆରୋଗୀ ରହିବେ ।

ପାଖ ବେଡର ଚିହ୍ନା ରୋଗୀଗୁଡା କହିଲେ -''ବାବୁ ବୁଢ଼ୀକୁ ଟିକେ ବଡ ପାଟିରେ କୁହନ୍ତୁ ତାକୁ ଶୁଭିବନି ।''

ଏଥର କର୍ମଚାରୀ ଜଣକ ହାତ ଇଶାରାରେ ବୁଝେଇ ଦେଲେ ସବୁ କଥା । ଅଗତ୍ୟା ବୁଢ଼ୀ ପାଦ ଫେରେଇଲା ତା ଗଣ୍ଠିଲି ଆଡେ । ଶେଷଥର ପାଇଁ ତା ବହୁ ଦିନର ଜାଗାକୁ ଛାଡିଯିବା ପୂର୍ବରୁ ଚାହିଁଲା ସେଇ ନବାଗତ ରୋଗୀଆଡେ । ବୁଢ଼ା ଲୋକଟା କି ରୋଗରେ ପଡିଚି କେଜାଣି । ଭାରି ଦୁଃଖ ପାଉଚି ବୋଧହୁଏ । ପାଖରେ ଯୁବକ ଜଣକ ତା' ପୁଅ ହବ ପ୍ରାୟ । ସାନ୍ତ୍ୱନା ଦେଉଚି ।

ବୁଢ଼ୀକୁ ତା ନିଜ ପୁଅ ରାକେଶ ପରି ଲାଗୁଚି । ଠିକ୍ ତାରି ଠାଣି । ରାକେଶ ଠାରୁ ତଫାତ୍ ଏତିକି ଯେ ଏ ଯୁବକ ଜଣକ ଖୁବ୍ ବଡ ଲୋକ ପରି ଜଣା ଯାଉଛନ୍ତି । ତା' ନିଜ ପୁଅ ଆଉ ଏମିତି ନୁହଁ । ଛୋଟ ଚାକିରି । ଭଡାଘର, ଦରମା ମାଫିକ୍ । ଭାରି ଚଳିବାକୁ ଅସୁବିଧା ହୁଏ । ଏ ବୁଢ଼ୀ ବୟସରେ ଯାବନ୍ତ ରୋଗ ବୈରାଗକୁ ଚାକିରୀ ପଇସା ଉପରେ ନିର୍ଭର କରି ହୁଏନା । ତା ପରେ ପୁଅର ତିନିଟା ଛୁଆ ପାଠ ପଢୁଆ । ତାକୁ ଷାଠିଏ ବର୍ଷରୁ ଅଧିକ ହେଲାଣି । ନିଜ କାମ ନିଜେ କରି ପାରେନା । ହାତ ପାଖକୁ ଗଣ୍ଡେ ଖାଇବାକୁ ଦେବା ଦରକାର । ଦେହ ପା' ଅଭାବକୁ ସେବା ସୁଶ୍ରୁଷା ଟିକେ ଲୋଡ଼ା । ଏତେ ସରିକି କିଏ ଆଉ ସାହାହେବ ?

Digitized by PPRACHIN, SOA

ବୁଢ଼ୀ ରହିବା ଘର ଗୁହ ମୃତ ହେଲେ ପିଲା ଗୁଡାଙ୍କ ଉପରେ ପ୍ରଭାବ ପଡିବ ଜାଣି ବୋହୂ ସବୁବେଳେ ଚିଡ୍ ଚିଡ୍ । ପୁଅ ମଧ ତଦ୍ରୂପ । କିଛି ଦିନ ସିନା ଏମିତି କଟି ଯାଇ ପାରେ ହେଲେ ସବୁଦିନ ନୁହେଁ ।

ପୁଅର ଭଡାଘରୁ ଏ ମେଡିକାଲ ଆସିବା ଦିନ କାହିଁକି ଯେ ରାକେଶ କହିଲା-"ଚାଲ୍ ବୋଉ ! ତୋ'ର ଦେହ ପା' ସବୁବେଳେ ଖରାପ ରହୁଚି । ତତେ ବଡ ଡାକ୍ତରଖାନାର ଭଲ ଡାକ୍ତରଙ୍କ ପାଖକୁ ନେଇଯିବି ।"

ଏତେଦିନକେ ପୁଅର ଚୈତନ୍ୟ ଉଦୟ ହୋଇଚି କି କଣ ? ଆଜି ବୋଉର ମନ କଥା ବୁଝି ପାରିଛି । ଅନ୍ତରମ୍ଭା କାନ୍ଦି ଉଠୁଚି ଜାଣି ବୋଉର କି ଆଉ କୋହ ସମ୍ଭାଳା ପଡନ୍ତା ! ଦି' ଟୋପା ନିଗାଡି ପକାଇ ଥିଲା ସିଏ । ସେ ଲୁହରେ ଧୋଇଯାଉଥିଲା ତାକୁ ହତାଦର କରିବାର ଅଭିମାନ ଆଉ କହିଥିଲା -"ଏ ବୟସରେ ଆଉ ଡାକ୍ତରଖାନାରେ କାହିଁକି ପଇସା ଖର୍ଚ୍ଚ କରିବୁ ? କେଇଟା ଦିନ ଆଉ ବଞ୍ଚିବି ଯେ ? ବଜାର ସହର ଜାଗା । ପାଣି କିଣା ସମୟ ପରିବାର ଖର୍ଚ୍ଚକୁ ମାରି କାହିଁକି ମୋ ପିଛେ ପଇସା ବରବାଦ କରିବୁ ?"

କିନ୍ତୁ ପୁଅର ମନ କି ଆଉ ମାନନ୍ତା ? ବୋଉ ର କଥା ନ' ଶୁଣି ରିକ୍ସା ଡାକିଦେଲା । ବଡ ଡାକ୍ତରଙ୍କୁ ଦେଖାଇଲା କି ରୋଗ ହୋଇଥିଲା କେଜାଣି ମେଡିକାଲର ଏଇ ଖଟିଆରେ ଶୁଆଇ ଦେଲା । ଏବଂ କହିଲା -"ଦେଖ୍ ବୋଉ ମୁଁ ସବୁଦିନ ଏଠିକି ଆସିପାରିବିନି, ଅଫିସ୍ ଡ୍ୟୁଟି । ମଝିରେ ମଝିରେ ଆସୁଥିବି । ତୋ ବୋହୂ ପିଲାଛୁଆଙ୍କୁ ଛାଡି ଏତେବାଟ ଆସିବା ମଧ ସମ୍ଭବ ନୁହେଁ । ତଥାପି ତୋର ଏଠି କିଛି ଅସୁବିଧା ହେବନି । ଔଷଧ ଠିକ୍ ସମୟରେ ମିଳିବ । ତୁ ଭଲ ହୋଇଗଲେ ମୁଁ ତତେ ନେଇ ଯିବି ।"

ତା ପରେ ଚାଲିଲା ଏଠିକା ଜୀବନ । ଦୀର୍ଘ ଦି'ବର୍ଷ । ଦିନପରେ ରାତି, ରାତି, ପରେ ଦିନ । ଡାକ୍ତର ବାବୁ ଆସନ୍ତି ଯାଆନ୍ତି , ଖାଲି ବିରକ୍ତ ହୋଇ କହନ୍ତି-"ଏ ବୁଢ଼ୀ ତୋର ଆଜି ବି କେହି ଅଟେଣ୍ଡାଣ୍ଟ ଆସି ନାହାଁନ୍ତି ? କିଏ ଔଷଧ କିଣିବ ?"

ବୁଢ଼ୀ ପାଖରୁ ହଁ-କି-ନାଇଁ କିଛି ନଶୁଣି ବିରକ୍ତ ହୋଇ ଚାଲିଯାଆନ୍ତି । କିନ୍ତୁ ପୁଅ ରାକେଶର ଦେଖା ନାହିଁ ।

ଔଷଧତ ମିଳେ ନାହିଁ, କେବଳ ଖାଇବା ଗଣ୍ଡେ ଆଉ ଶୋଇବା ପାଇଁ ଖଟିଆଟା ।

ଏତେ ବଡ ଦୀର୍ଘ ରହଣିରେ ଆଜି ପୂର୍ଣ୍ଣଚ୍ଛେଦ ପଡିଲା । ଆଗରୁ ଜାଣିଥିଲେ ହୁଏତ ଚିଠି ଖଣ୍ଡେ ଦେଇ ପାରି ଥାଆନ୍ତା । ସିଏ ବି ହେଲା ନାହିଁ । କିଏ ବା ଏଠି ଅଛି ଏତେ କାମ କରିବାକୁ ?

ହେଲେ ପାଖରେ ତାର ପଇସା ଟିଏ ନାହିଁ । କଲିକତା ସହର ପଡିଉଠି ଧାଉଁଚି । ସମସ୍ତେ ଏଠି ବ୍ୟସ୍ତ ମଣିଷ ପରି ଜଣା ପଡନ୍ତି । ଫୁରସତ୍ ନଥାଏ । ରାତି ଦିନ ସବୁ ସମାନ । ଏତେ ଗୁଡାଏ

Digitized by PPRACHIN, SOA

ବାଟକୁ ରିକ୍ସା ଖର୍ଚ୍ଚ କିଏ ଦେବ ? ଏମିତି କେତେ କଥା ଭାବୁ ଭାବୁ କେତେବେଳେ ଗଣ୍ଠିଲିଟି ଧରି ସିଏ ପାଦ ଉଠାଇଲାଣି ସୁପରିନ୍‌ଟେଣ୍ଡଙ୍କ ରୁମ୍ ଆଡକୁ ତାକୁ ଜଣା ନାହିଁ ।

ଅଫିସ ଭିତରକୁ ଉଠିପଡି ବାବୁଙ୍କ ପାଖରେ ଠିଆହୋଇ ଓଳଗି ହୋଇ କହିଲା-"ପୁଅ ତୁ ତ ମୋ ଅବସ୍ଥା କଥା ଜାଣିଚୁ, ମୁଁ କଲିକତା ସହରରେ ରାସ୍ତାଘାଟ ଭଲକରି ଚିହ୍ନି ପାରେନା । ମତେ ଟିକେ ମୋ ପୁଅ ପାଖରେ ପହଞ୍ଚେଇ ଦେଲେ ତୋର ବଡ ଧର୍ମ ହେବ ।"

ବୁଢ଼ୀ ଲୋକଟିର ଅନୁରୋଧ ସୁପରିନ୍‌ଟେଣ୍ଡଙ୍କୁ କଣ ଲାଗିଲା କେଜାଣି ପଚାରିଲେ- "ଏ ବୁଢ଼ୀ ତୋ ନାଆଁ କଣ ?"

-"ଭାରତୀ" ସଂକ୍ଷିପ୍ତ ଉତ୍ତର ବୁଢ଼ୀର ।

ଅଫିସିର ରେଜିଷ୍ଟର ଦେଖି କହିଲେ "ଆଚ୍ଛାତୋର ବେଡ଼ ନମ୍ବର ୧୦୧ ନା ? ତୋତେ ଆଜି ଡିସଚାର୍ଯ୍ୟ କରାଯାଇଚି । ଅଥଚ ତୋ ପୁଅତ ଏ ଯାଏ ଆସିଲା ନାହିଁ । ବୁଝିଲୁ ଆଉ ଅଧିକ ଦିନ ମେଡିକାଲରେ ରହିହେବ ନାହିଁ । ମୁଁ ତୋ ଅବସ୍ଥା କଥା ବୁଝୁଛି ଯେ ..ହଉ-ଟିକେ ଅପେକ୍ଷା କର । ମୁଁ ଦେଖୁଚି ତୋ ପୁଅର ଠିକଣାରେ ପଠେଇବାର ବ୍ୟବସ୍ଥା କରିବି" ।

କିଛି ସମୟ ଉତ୍ତାରୁ ବାବୁ ଶଣି ପଚାରିଲେ-"ଆଚ୍ଛା ତୋ ପୁଅ ନାଁଆ....?"

-"ରାକେଶ ସୁବୁଦ୍ଧି ।"

ବୁଢ଼ୀ ପାଖରୁ ରାକେଶ ସୁବୁଦ୍ଧି ନାଆଁ ଶୁଣି ଡାକ୍ତର ବାବୁ ରେଜିଷ୍ଟରରୁ ଯେଉଁ ଠିକଣାଟା ବଡ ପାଟିରେ ପଢ଼ିଲେ ବୁଢ଼ୀ କିଛି ବୁଝି ପାରିଲା ନାହିଁ । ଚାରିଆଡ ଅକସ୍ମାତ ଅନ୍ଧାର ଛାଇ ହୋଇଗଲା । ଲଥିକରି ଅଫିସ୍ କାନ୍ଥକୁ ଆଉଜି ବସିପଡିଲା ବଡ ବିସ୍ମୟରେ ଠାକୁରଙ୍କ ଉଦ୍ଦେଶ୍ୟରେ ସ୍ୱଗତୋକ୍ତି କଲା -

-"ପ୍ରଭୁ ତୋ ହାତ ଗଢ଼ା ଦୁନିଆଁ କି ବିଚିତ୍ର ସତେ ! ମା' ପାଇଁ ପୁଅର ଠିକଣା ଅଭାବ !"

ଆଉ ବୁଝିବାକୁ ତାକୁ ଡେରି ହେଲା ନାହିଁ ରେଜିଷ୍ଟରରେ ପୁଅ ରାକେଶ ଯେଉଁ ଠିକଣା ଦେଇଛି ସେଇଟା ସଂପୂର୍ଣ୍ଣ ଭୁଲ ବୋଲି ।

ସେ ଯାହା ହେଉନା କାହିଁକି ବୁଢ଼ୀ ସୁପରିନଟେଣ୍ଡଙ୍କ ଦୟାରୁ ଯେଉଁ ରିକ୍ସାରେ ପୁଅର ଭଡାଘର ଖୋଜିବାକୁ ଆସିଥିଲା, ବହୁକଷ୍ଟରେ ଚିହ୍ନି ପାରିଲା ଗଳି ରାସ୍ତାଟା । ଘରଟା ଚିହ୍ନି ଓହ୍ଲେଇ ପଡିଲା ରିକ୍ସାରୁ । ଦେଖିଲା ସେଠିତ ଆଉ କେହି ଭଡାଟିଆ ରହୁ ନାହାଁନ୍ତି । ଗୋଟିଏ ମିଆଁ ପୁଅ ଯୋତା ଦୋକାନ ଖୋଲିଚି । ବୁଢ଼ୀ ଦୋକାନୀ ପାଖକୁ ଯାଇ ବଡ ଅସହାୟ ଭାବରେ ପୁଅ ରାକେଶ କଥା ପଚାରିବାରୁ, ମିଆଁ କଣ ବୁଝିଲା କେଜାଣି ଖାଲି ଏତିକି କହିଲା-

"ହମକୋ ମାଲୁମ ନେହିଁ, ଆଗେ ଦେଖୋ ।"

❖

Digitized by PPRACHIN, SOA

ରଂଗର ନାୟିକା

ଶାଢ଼ୀ ବଦଳଉଛି ମାମିନା, କଣ ଦିଶୁଚି ମ ! ଭାଷାରେ କଣ ଯେ କହିବ ଦେବାଶୀଷ ବୁଝିପାରୁନି । ପୁରୁଷ ଗ୍ରୀନ୍‌ରୁମ୍ ପୋଷାକ ଗଦାକୁ ଆଡେଇ ଏପଟୁ ଛୋଟ ପାଟିରେ ଡାକ ଦେଲା ମହିଳା ଗ୍ରୀନ୍‌ରୁମ୍‌ର ମାମିନା ଆଡକୁ । ଏ କ୍ୟାମ୍ପ ଯାତ୍ରା ବନ୍ଦ କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ ମାମିନାକୁ । ହେଲେ ତା ନିଜ ଆଡୁ ଦେବ ମନା କରିଦେଇ ପାରିବ କେମିତି ଯେ, ଘରକୁ ଯିବାକୁ । ଯେତେ ମନ ଥିଲେ ବି ରୋଗୀଣା ମା' ସାନଭାଇ ଶୁଭକଥା ମନେ ପଡିଲେ କ୍ୟାମ୍ପ ଛାଡିବାକୁ ଇଚ୍ଛା କରି ପାରୁନି । ମାଲିକର ତାଗିଦା ଯାତ୍ରା ଉତ୍ସବ ଅଭିନୟ, ମାମିନା ଗଲେ ଆଉ ଯିଏ ତା' ପାର୍ଟଟା କରିବ ସେମିତି ପାରିବ ନାହିଁ । ଉତ୍ସବର ପୁରସ୍କାର ରାଶିକୁ ହାତେଇବାକୁ ମାଲିକ ହାଉ ହାଉ ହଉଚି । ଏ କ୍ୟାମ୍ପରୁ ଯଦି ମାମିନା ନାଚ ବନ୍ଦ କରିଦବ ପଇସା ମିଳିବ ନାହିଁ ଘରକୁ ଯିବାକୁ । ଖାଲି ହାତରେ ପୁଣି ଏ ଅବସ୍ଥାରେ ଘରକୁ ବା ଯିବ କେମିତି ? ତା'ପରେ ବାପା ବୋଉ ଘରର ସମସ୍ତଙ୍କ ଇଚ୍ଛା ବିରୁଦ୍ଧରେ ମାମିନାକୁ ବାହା ହୋଇଥିଲା ଦେବ । ବାହାଘରତ ଆଉ ଶଂଖ ସବାରୀ ବାହାଘର ନୁହଁ । ଏଇ ପାର୍ଟିରେ ସେଇବର୍ଷ ଦେବକୁ ନାୟକ ଭୂମିକାର ପ୍ରଥମ ସୁଯୋଗ ମିଳିଥିଲା । ମାମିନା ମଧ୍ୟ ସେଇ ବର୍ଷ ପାର୍ଟିକୁ ଆସିଥିଲା ତା ବାପା ସାଙ୍ଗରେ । ଯେତେବେଳେ ଘରକୁ ପଇସା ପଠେଇବାକୁ ମାଲିକ ପାଖରେ ଗୋଡ ଭାଙ୍ଗି ଠିଆ ହୋଇଥିଲା ଦେବ, ମାଲିକ ତାକୁ ପଚାରୁଥିଲା ଗୋଟିଏ ପରେ ଗୋଟିଏ ପ୍ରଶ୍ନ । ମାମିନା ମଧ୍ୟ ଉତ୍ତର ଦେଉଥିଲା ଲାଜ ମିଶା ଗଳାରେ ଯେ ସେ ଆଇ.ଏ. ପାଶ୍ କରିଛି ! ଯେ କୌଣସି ଭୂମିକା ସିଏ କରିପାରିବ । କିନ୍ତୁ ତା କହିବା ପୂର୍ବରୁ ମାମିନାର ରୂପଟା ଯେମିତି ଆପେ ଆପେ ଦାବି କରୁଥିଲା ନାୟିକା ଭୂମିକା ପାଇଁ ସିଏ ପୁରାପରି ଯୋଗ୍ୟ । ତା' କଥାର ମିଠାସ୍, ମୃଗ ଆଖି, ଲାଜରା ହସରେ ଗୋଟିଏ ଧାରୁଆ ତରବାରୀ ଚମକୁ ଥିଲା ଯେମିତି । ଅଚାନକେ ମାଲିକ କ୍ଷତ ବିକ୍ଷତ ହୋଇଗଲା ବୋଧେ ଅଗ୍ରୀମ ଚାହୁଁଥିବା ତା ବାପା ହାତକୁ ବଢ଼େଇ ଦେଇଥିଲା ଟଙ୍କା ତିନି ହଜାର । ମୂଲ ଛିଣ୍ଡିଲା ବାର ହଜାର ବର୍ଷକୁ ।

ତାପରେ ଚାଲିଲା ଯାତ୍ରା ପାର୍ଟିର ଅଭିନୟ ଜୀବନ । ରିହରସଲ ଘରେ ନିର୍ଦ୍ଦେଶକଙ୍କ କଡା ମିଠା କଥା ଭିତରେ ଅନଭ୍ୟସ୍ତ ଅଂଗ ଅବୟବ, ଦର୍ଶକ ମାନଙ୍କ ମର୍ଜିକୁ ଆଖି ଆଗରେ ରଖି ଚଳେଇବାକୁ ପଡିଲା, ନୃତ୍ୟ ନିର୍ଦ୍ଦେଶକ ମଧ୍ୟ ତଦ୍ରୂପ । କେତେବେଳେ କୋଣାର୍କର ନଟୀ ତ କେତେବେଳେ ବେପଥୁ ଉଦ୍‌ଜୀବକ ମଡେଲ ପରି ନିଜର ଛାତିରେ କଟିରେ, ଆଖିରେ, ହସରେ, ଆବେଦନର ଭିନ୍ନ ଏକ ଆମନ୍ତ୍ରଣର ଭାଷା ମାଖିବାକୁ ବାଧ୍ୟ ହେଲା ସିଏ । ତା' ଅନଭ୍ୟସ୍ତ କଟିକୁ ଦୁଇ ହାତରେ ଜାବୁଡି ଧରି ନୃତ୍ୟ ନିର୍ଦ୍ଦେଶକ ନାଚ ଶିଖାଇଲା ବେଳେ କେମିତି ଅସ୍ୱାଭାବିକ ଅନୁଭୂତି

Digitized by PPRACHIN, SOA

ତା ମନରେ ଖୁନ୍ଦି ହୋଇ ଯାଉଥିଲା ଯେ ତୁଣ୍ଡ ଖୋଲି କିଛି କହି ପାରୁ ନଥିଲା । ମ୍ୟାନେଜର ରମନ୍ତ୍ର ମିଛ ବାହାନାରେ ବାରମ୍ବାର ଡାକ ଆଉ ତାଙ୍କର ମଦୁଆ ଆଖି ମୁହଁକୁ ଚାହିଁ ପାରୁନଥିଲା ସିଏ । ତଥାପି ନଗଲେ ନଚଳେ । ଯାହାଙ୍କ ସୁପାରିଶରେ ତା ଚାକିରି ଜୀବନ । ମାମିନା ମଧ ବୁଝେ ତାଭଳି ଆହୁରି ଅନ୍ୟ ଝିଅ ମାନଙ୍କ ଜୀବନ ଜୀବିକା କଥା, କାହାରି ଜମିବାଡ଼ି ନାହିଁ । କାହାରି ବେରୋଜଗାରୀ ବାପା ଭାଇ, କିଏ ମାମୁଁଙ୍କର ଝିଅ ଥିବା କାହାକୁ ପଇସା ଲୋଭରେ ଆସିବାକୁ ପଡ଼ିଛି ଏଇ ଜୀବନ ଭିତରକୁ ଏମିତି ଅନେକ ଅସୁଖର କାହାଣୀ । ସେଥିରେ ମାମିନାବି କାହାଣୀ ଯୋଡେ । ହେଲେ ଅନୁଭବ କରେ ଏଇଟା ଯେମିତି ଗୋଟିଏ କଏଦୀଖାନା । ସମସ୍ତେ ଜଣେ ଜଣେ କଏଦୀ । କିଏ ଚୋରୀ, କିଏ ଜନାକାରୀ, କିଏ ଖୁନୀ ।ହେଲେ ସମସ୍ତଙ୍କର ଗୋଟିଏ ଦୋଷ ପାପ କରିଛନ୍ତି । ତେଣୁ ଏ ଜୀବନ । ମନେ ମନେ ଭାବେ ସିଏ ସତରେ ଅଭାବ ନଥିଲେ କିଏ ବା କାହିଁକି ଏଠିକି ଆସନ୍ତା ?

ଚାକିରି ଜୀବନ ପାଞ୍ଚ, ସାତବର୍ଷ ପରେ ଥରେ ତାର ମନେ ପଡେ ଗାଁକୁ ଯାଇଥିଲା । ରଥ ଯାତ୍ରା । ସେଇ ବେଳକୁ ପାର୍ଟି ଛୁଟି, ବର୍ଷା ଦିନ କି ନା। ମହାପ୍ରଭୁଙ୍କ ରଥଯାତ୍ରା ପାଖ ଗାଁ ରେ ହୁଏ । ଭାରିଲୋକ ଗହଳି ହୁଏ । ଗହ ଗହ ନାଦରେ ଫାଟି ପଡେ ବଡ ଦାଣ୍ଡ । ପାର୍ଟିକୁ ଆସିବା ଦିନରୁ ମୋଟେ ଦେଖିବାର ସୁଯୋଗ ନଥିଲା । ସେ'ବର୍ଷ ବାପା ତାର ଜୁଲମ କରି କହିଥିଲେ ଗୁଣ୍ଡିଚା ଦେଖିଯିବାକୁ । ଯାଇଥିଲା ବି । ଏତେ ଜିଗର କରିବା ପଛରେ କଣ କଥା ଥିଲା ସିଏ ବୁଝିଲା, ଯେ ସେଇବର୍ଷ ତା' ବାହାଘର କଥା ବାପା ବୁଝିଥିଲେ । ବରପକ୍ଷ ଯାତ ଗହଳିରେ ତାକୁ ଦେଖିବେ । ଅନୌପଚାରିକ ଭାବରେ । ମାମିନା ଲୋକ ଗହଳିରେ ତା ସାଙ୍ଗମାନଙ୍କ ସହିତ ବୁଲୁଥିବ । ସିଏ ସଜ ହେଉ ଥିଲା ଘରେ । ପାର୍ଟିରୁ ଲୁଚେଇକି ଆଣିଥିବା ସୁନାରଂଗର ନକଲି ଚେନ୍, ମୁଦି, କାନଫୁଲଠୁ ଆରମ୍ଭ କରି ଆହୁରି କେତେ ସଜରେ । ଭଲ ଶାଢ଼ୀ ଖଣ୍ଡେ ବି ଆଣିଥିଲା । କୁଆରୀ ମନ କି-ନା, ଦେଖେଇ ହବାର ଗୋଟାଏ ଅପୂର୍ବ ସମୟ । ସଉକ କରିବାର ଏକ ନିର୍ଭୟ ସାଶ୍ରୟ । ପିନ୍ଧିଥିଲା ମଧ ଭାରି ଯତ୍ନକରି । ସବୁଦିନ ମେକ୍‌ଅପ୍ ଅଭ୍ୟାସର ମୁହଁଟା ଅପେକ୍ଷାକୃତ ସଫା ଆଉ ଆକର୍ଷଣୀୟ ମଧ ଦିଶୁଥିଲା । ହେଲେ ଈର୍ଷାରେ ଫାଟି ପଡୁଥିଲେ କି କ'ଣ ତା ରୂପରେ, ଗାଁ'ର ସାଙ୍ଗ ଝିଅ ଗୁଡାଙ୍କ ଫୁସ୍ ଫାସ୍ ତା' କାନରେ ପଡିବାରୁ ସବୁ ସରାଗରେ ମାମିନାର କିଏ ଯେମିତି ଝାଡୁ ମାରି ଦେଇଥିଲା । ବାଆଁରେଇ ବାଆଁରେଇ କୁହାକୁହି ହେଉଥିଲେ- ତୁଛାକୁ ଏତେ ମୁଦି ନାଇଁ ଗୋଡ ଙ୍କଚାଡୁ କେତେ । ଯାତରାରେ ତ ରାତି ଗୋଟାକୁ ମରଦ ଗୋଟାଏ ସେଥିରେ ପୁଣି ଛଇ, ଘରେ ପଛେ କୁଲା ଦେଇ ଓଷା ବେକରେ ପୁଣି....।

କଥା ନସରୁଣୁ ଆଉ କିଏ କହେ;''ଲାଜ ନାହିଲୋ ଇମିଟେସନ ଗୁଡାକୁ ପିନ୍ଧି ଦେଖେଇ ହଉଚି । ଝିଅତ ଯାତରା ପାର୍ଟିର ନାଚବାଲୀ, ବାପକୁ ଦେଖ, ଯୋଡୁଚି ବାହାଘର ପରେ ବାହାଘର । ଆଲୋ ଶୁଣିଚୁ-ଡିହସାହୀରେ ଗୋଟିଏ ପ୍ରସ୍ତାବ ଥିଲା ଯେ ପୁଅ ଯେମିତି ଶୁଣିଛି ନାଚବାଲୀ ବୋଲି ଯ ।ହା କହିଲା-ଛାଡ ସେ କଥା ।

Digitized by PPRACHIN, SOA

ବାସ୍ତବରେ ଏମିତି କେତେ ଯାଗାରୁ ଆସନ୍ତି ଯେ, ସଭିଙ୍କ ମୁହଁରେ-"ନାଚ ବାଲୀ" ।

ଏତେ କଥାକୁ ଶୁଣିବାକୁ ଆଉ ତାର ଧୈର୍ଯ୍ୟ ନଥିଲା । ଗହ ଗହ ଲୋକଙ୍କୁ ଆଡେଇ ସିଧା ଘର ମୁହାଁ ହେଲା ବେଳକୁ, ବାପା ପଛରୁ ଡାକୁଥିଲେ-"ମହାପୁରୁ ପରା ରଥକୁ ଉଠି ନାହାନ୍ତି ଘରକୁ ଯିବୁ କିଆଁ?"

ବିରକ୍ତିରେ ହଁ-ଟାଏ କହିଦେଇ ଆଉ ପହଣ୍ଡି ଆଡେ ନଅନାଇ ଘରକୁ ଚାଲିଆସିଥିଲା ସିଏ । ପରେ ବାପା ବୋଉଙ୍କ କଥାରୁ ଜାଣିଲା ଯେ, ପୁଅ ତାକୁ କାଲେ ସେତିକିରେ ତାକୁ ଦେଖି ପାରିଥିଲେ । ହେଲେ ମନା କରିଦେଲେ ।

ତାପରେ ସିଏ ଚାଲିଆସିଲା ଛୁଟି ନ ପରୁଣୁ ପାର୍ଟିକୁ । ଯାତ୍ରା ଜୀବନରେ ଦିନେ ନାୟୀକାର ଏକ ଭାବପ୍ରବଣ ଦୃଶ୍ୟରେ ନିଖୁଣ ଅଭିନୟ କରୁ କରୁ ଧରା ପଡିଯାଇଥିଲା ଦେବାଶୀଷ ନଜରରେ । ଲାଇଟ୍ କଟ୍ ସୁଯୋଗରେ ନୁହେଁ, ଗୋଟିଏ ଅଭିନୟ ସମ୍ମୋହନରେ ଏମିତି ଢ଼ଳି ପଡିଥିଲା ସିଏ ଦେବର ଛାତି ଉପରେ ଯେ, ସେ ଛାତିର ପ୍ରଶସ୍ତତା ଭିତରେ ନିଜର ସତ୍ତାକୁ ହଜେଇ ଦେଇଥିଲା । ଦେବ ମଧ ସେଇ ଅନ୍ଧାର ର ଅନୁଭୂତିରେ ତାକୁ ଆଉ ଏକ ରାସ୍ତା ଦେଖେଇ ଦେଇଥିଲା । ସେଇଟା ଜୀବନର ରାସ୍ତା । ଅଭିନୟର ନୁହଁ । ପ୍ରେମର ରାସ୍ତା ନୁହଁ,ପ୍ରଣୟର ରାସ୍ତା । ମିଛି ମିଛିକା ନାୟିକାର ରାସ୍ତା ନୁହଁ ଘର ସଂସାରରେ ସ୍ତ୍ରୀ ହେବାର ରାସ୍ତା ।

ସେଇଦିନଠୁଁ ମାଲିକର ତାଗିଦ୍, ମ୍ୟାନେଜରର କାମୁକ ଆଖି, ଘରର ଇଜ୍ଜତ ଏ ସବୁକୁ ଫେଣ୍ଟା ଫେଣ୍ଟି କରି ସିଏ ଯେଉଁ ନୂଆ କଳା କୋଣାର୍କ ଗଢ଼ିଲା ସେଇଟା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ତ କଲା ନାହିଁ, ଖାଲି ଯାହା ମାଲିକ ଦେବ ଆଉ ମାମିନା ପାଇଁ ସୌଜନ୍ୟତା ଦୃଷ୍ଟିରୁ ଫି-କ୍ୟାମ୍ପରେ ଗୋଟିକିଆ ଘର ବରାଦ କରୁଥିଲା ।

ଅଭିନୟ ଭିତରେ କେତେବେଳେ ଦେବର ନାୟୀକାତ କେତେବେଳେ ଅନ୍ୟର ନାୟୀକା, କେତେବେଳେ ଦେବ ଗାଲରେ ଶକ୍ତ ଚାପୁଡା ମାରିବାର ଅଭିନୟତ । ଦେବର ତା ପାଦତଳେ ମଥା ରଖି କ୍ଷମାଭିକ୍ଷା କରିବାର ଭୂମିକା ।

ସବୁପରେ ବାସ୍ତବ ଜୀବନରେ ଜଣେ ସ୍ୱାମୀ ସଂସାରର ସଧବା ମାମିନା, ହାତରୁ ଶଂଖା ମଥାରୁ ସିନ୍ଦୁର ଲିଭେଇ, ଶୁଭ୍ର ବସ୍ତ୍ରରେ ଗୋଟିଏ ବିଧବାର ଅଭିନୟ କରିବାରେ ତା' ମନରେ କି-ଯେ ଦାରୁଣ ଧକ୍କା ଲାଗେ ସେ କଥା ଦେବ ଭିନ୍ନ କାହାକୁ ହେଲେ କହିପାରେନା । ଆଉ ଦେବକୁ ତା' ଅଭିନୟ ବିଷୟରେ ପଚାରିଲେ । ଏକ ପ୍ରତିକ୍ରିୟା ଶୂନ୍ୟ ଭିନ୍ନ ସ୍ୱରର ମଣିଷ ପରି ଜଣାପଡେ ତା' ସ୍ୱାମୀ ଦେବ । ତା' ମନର ମଣିଷ । ସଚ୍ଚା ପ୍ରେମିକ । ଆଦର୍ଶ ପୁରୁଷ ।

ପଦେ କଥାରେ ଦେବ ତା'ର ଅଖଣ୍ଡ ସ୍ୱାମୀତ୍ୱକୁ ମାମିନା ପାଖରେ ଆହୁରି ସ୍ୱଚ୍ଛ ପବିତ୍ର କରଦିଏ-"ଦେଖ ମାମିନା, କଳାକାର ଜଣେ ପ୍ରଶଂସାର ଭିକାରୀ । ଦର୍ଶକ ଆମର ଦାତା, ଅଭିନୟ ଆମର ଜୀବନ । ଭଗବାନ ଆମର ରକ୍ଷକ । ତେଣୁ କେବେବି କୌଣସି ସଂକୋଚ ଅଭିମାନରେ

Digitized by PPRACHIN, SOA

ଅଭିନୟ ଭଣା କଲେ ଠାକୁର ଅଶାନ୍ତି ହେବେ । ଜୀବନ ଭଣ୍ଡୁର ହେବ । ଦାତାଙ୍କ ହାତର କରତାଳି ଭିକ୍ଷା ଆମକୁ ମିଳିବ ନାହିଁ । ସେତିକି ତ ଆମର ଭାତ ଥାଳୀ ମାମିନା, ତାକୁ ଛାଡି ଦେଲେ ଆମେ ଅବା ବଂଚିବା କେମିତି ? କେଉଁ ସ୍ୱାଭିମାନରେ ?''

ଆହୁରି ଗୋଟାଏ କଥା ମଧ୍ୟ ବୁଝେଇ ଥିଲା ଦେବ, ଯେଉଁ ଦିନ ମାମିନା ଅଭିଯୋଗ କରିଥିଲା, ସେ ମଂଚ ଉପରେ ଏକ ରୋମାଞ୍ଚକାରୀ ଅଭିନୟ କଲାବେଳେ ଖୁବ୍ ନିକଟରେ ମୋଗଲ ବାଦଶା'ଠାଣୀରେ ରଂଗ ମହଲର ଦୃଶ୍ୟ ଉପଭୋଗ କରୁଥିବା ଜଣେ ଦର୍ଶକ ଏକ ବିଶେଷ ନୃତ୍ୟ ଭଙ୍ଗୀରେ ତା' ଆଖିରେ ଆଖି ମିଶାଇ ଏକ ଅଶ୍ଳୀଳ ପ୍ରେମ ଆବେଦନ କରିଥିଲା ।

ସେ କଥା ମାମିନାଠାରୁ ଶୁଣି ସାରି ନିର୍ଲିପ୍ତ ନିର୍ବିକାର ଭାବରେ ସେଇଟାକୁ ଗୋଟାଏ ପୂର୍ଣ୍ଣତା ବୋଲି କହି ଭୁଲେଇବାକୁ ଚେଷ୍ଟା କରୁଥିଲା ଦେବ ।

ଏତେ ଗୁଡାଏ କଥା ଭାବୁ ଭାବୁ ସିଏ କେତେବେଳେ ମେକଅପ୍ ନେଇ ସାରିଲାଣି ଅଇନା ଆଗରେ ବସି ଏକଥା ଭୁଲିଯାଇ ଥିଲା ନିଜେ ମାମିନା । ଆରପଟ ଗ୍ରୀନ୍ ରୁମ୍‌ରୁ ପୁଣି ଚାପା ଗଳାରେ ଡାକ ଶୁଭିଲା ଦେବର-''ମାମି-ଏ ମାମି'' । ଏକ ଚଉଠୀ ରାତିର ଅଭିସାରିକା ବେଶରେ ପ୍ରସ୍ତୁତି ହୋଇସାରିଥିଲା ସିଏ । ଉଠିଲା ମେକ୍‌ଅପ୍ ଟେବୁଲ ପାଖରୁ ଅଇନା ରଖିଦେଇ । ପୁରୁଷ ଗ୍ରୀନ୍‌ରୁମ୍‌କୁ ଏ ସମୟରେ ଯିବା ନିଷିଦ୍ଧ ଜାଣିସୁଦ୍ଧା ସତର୍କ ଦୃଷ୍ଟିରେ ଆଉଥରେ ଘର ଆଡେ ଆଖି ବୁଲେଇ ଆଣିଲା ଯେ ଦେବ ଭିନ୍ନ ପ୍ରାୟ କେହି ନାହାନ୍ତି । ପାଖକୁ ଯାଉ ଯାଉ ତା' ମେକଅପ୍ ସୌନ୍ଦର୍ଯ୍ୟରେ ବୋଧେ ଆତ୍ମ ବିଭୋର ହୋଇଯାଇଥିଲା ଦେବ । ସବୁ ଭାବନା ତାର ହଜି ଯାଇଥିଲା ଆତ୍ମ ବିସ୍ମୃତିର ଅତଳ ଗର୍ଭରେ ।

ମାମିନାକୁ କେବେ ଦେବ ଏମିତି ବେଶରେ ଦେଖିନି । ମଥାରେ ସିନ୍ଦୁର । ଆଖିରେ କଜ୍ଜଳ, ବେକରେ ଝୁଲୁଚି ଡାଏନା କଟ୍ ଇମିଟେସନ୍ ହାର । ପାଦରେ ପାଉଁଜି, ହାତରେ ଚୁଡି ଦେହରେ ଇସ୍ତୀକରା ଦାମୀ ଶାଢ଼ୀ, ଆହା ! ଡାକିବାର ଉଦ୍ଦେଶ୍ୟ ବୋଧହୁଏ ଭୁଲିଯାଇଥିଲା ଦେବ । ଆଉ ଆତ୍ମଜ୍ଞାନ ଶୂନ୍ୟ ହୋଇ ଗୋଟିଏ ଚୁମା ଦେବାକୁ ମାମିନା ଆଡକୁ ମୁହଁ ବଢ଼େଇଲା ବେଳକୁ ମାମିନା ବାରଣ କଲା-''ଏ-ଦୁଷ୍ଟ ମେକଅପ ଛାଡିଯିବ ଯେ, ଆଗ ସିନ୍ ପଡ଼ା ମୋର ଅଛି ।'' ତା ପରେ ଦେବ ଗାଲରେ ଚିପାଟାଏ ଚାପିଦେଇ ଲାଜରେ ତା' ଗ୍ରୀନ୍‌ରୁମ୍ ଆଡକୁ ପାଦ ବଢ଼େଇଲା ବେଳକୁ ବାହାରୁ ଶୁଭୁଥିଲା ଦୃଶ୍ୟ ସଂଯୋଜକ ଦାସ ବାବୁଙ୍କ ଡାକ ''ସିନ ନଂ-ଟ୍ୱେଣ୍ଟି, ମାମିନା, ଶାମୁ ଗେଟ୍ ରେଡ଼ି..'' ଦ୍ରୁତପାଦରେ ବାହାରକୁ ଚାଲିଯାଉଥିଲା ମାମିନା ମୁଗ୍ଧ ଦୃଷ୍ଟିରେ ଚାହିଁ ରହିଥିଲା ଦେବ । କାନରେ ପଡୁଥିଲା ରଂଗ ନାୟିକା ତା ମାମିନା ପାଦର ପାଉଁଜି ଶବ୍ଦ । ଛମ୍-ଛମ୍-ଛମ୍ ।

❖

Digitized by PPRACHIN, SOA

ତୃତୀୟ ପାଣ୍ଡବର ମୋହ

ଗ୍ରାମ ଉପାନ୍ତରେ ଆଶ୍ରମଟିଏ । ଆଶ୍ରମରେ ମହନ୍ତ । ନିତ୍ୟ ନୈମିତ୍ତିକ ଈଶ୍ୱରୀୟ ପୂଜାର୍ଚ୍ଚନାକୁ ବାଦ ଦେଲେ ଶ୍ରୀମଦ୍ ଭଗବତ ଗୀତାର ନିୟମିତ ପାଠକ ସିଏ । ଗ୍ରାମୀଣ ଜୀବନରୁ ନିବୃତ୍ତ ହୋଇ ପ୍ରତ୍ୟେକ ସନ୍ଧ୍ୟା ଉପଗତ ହେଲେ ଆଶ୍ରମଟି କିଛି ଗୀତାଶ୍ରୟୀ ଶ୍ରୋତାଙ୍କର ଗହଳରେ ପୂର୍ଣ୍ଣ ହୋଇଉଠେ । ମହନ୍ତ ମହାରାଜ ଜଣେ ଉଦାର, ବିନୟୀ, ମିଷ୍ଟଭାଷୀ ଏବଂ ସତ୍‌ସଂଗ ପ୍ରେମୀ, ସୁମଧୁର କଣ୍ଠରେ ତାଙ୍କର ଗୀତାର ଉଚ୍ଚାଙ୍ଗ ଆବୃତ୍ତି ଯେତିକି ଶ୍ରୁତି ମଧୁର ସେତିକି ରସସିକ୍ତ ତାଙ୍କ ସରଳ ଭାବାର୍ଥର ବର୍ଣ୍ଣନା । ନୀତି ଅନୀତିର ଚର୍ଚ୍ଚାରେ କିଛି ଶ୍ରୋତାଙ୍କ ମାନସିକ ଅଭାବ ବୋଧକୁ ଶାସ୍ତ୍ରାନୁମୋଦିତ ନ୍ୟାୟରେଁ ମହନ୍ତ ମହାରାଜ ସମାଧାନ କରିବାର ପ୍ରଚେଷ୍ଟା ମଧ୍ୟ କରିଥାଆନ୍ତି । ବ୍ୟକ୍ତିଗତ, ପାରିବାରିକ ଜୀବନର କିଛି ଅଭାବନୀୟ ସମସ୍ୟା କେହି ଯଦି ଉପସ୍ଥାପନ କରି ତାର ସମାଧାନରେ ନିର୍ଯ୍ୟାସ ଲୋଡି ବସିଲେ, ମହନ୍ତ ମହାରାଜ ନିଜର ବୌଦ୍ଧିକତାର କଷଟିରେ ହିଁ ତାର ନିଷ୍ପତ୍ତି ଶୁଣାଇଥାଆନ୍ତି ନିରପେକ୍ଷ ଢ଼ଂଗରେ । କାହାରି ପ୍ରତି ମନରେ ଟିକିଏ ହେଲେ ଅସୂୟାଭାବ ନଥିବା ବେଳେ ଉଚ୍ଚ ନୀଚ ମାନସିକତାର ବହୁ ଊର୍ଦ୍ଧ୍ୱରେ ତାଙ୍କର ଆତ୍ମୀୟତାର ଡୋରି ସମସ୍ତଙ୍କୁ ବାନ୍ଧି ରଖିଥାଏ ।

ପ୍ରତ୍ୟେକ ସନ୍ଧ୍ୟା ଆସର ଶେଷରେ ଆପଣା ଗୃହ ପ୍ରତ୍ୟାବର୍ତ୍ତନ କରନ୍ତି ସମବେତ ଶ୍ରୋତା ମଣ୍ଡଳୀ । ସେଦିନ କିନ୍ତୁ ଆସର ଶେଷରେ ସମସ୍ତଙ୍କୁ ବିଦାୟ ଦେଇ ରାତ୍ରି ଭୋଜନ ପାଇଁ ପ୍ରସ୍ତୁତ ହେଉଥିବା ମହନ୍ତଙ୍କର ଦୃଷ୍ଟି ଆକର୍ଷଣ କଲା ଆଶ୍ରମର ଗୋଟିଏ କୋଣରେ ଉପବିଷ୍ଟ ଜଣେ ଗ୍ରାମୀଣ ଗୃହସ୍ଥ । ଚିନ୍ତାଗ୍ରସ୍ତ ମୁଖମଣ୍ଡଳରୁ ସ୍ପଷ୍ଟ ପ୍ରତୀୟମାନ ହେଉଥିଲା ଗୃହସ୍ଥ ଜଣକ ନିଶ୍ଚିତ କେଉଁ ଏକ ଅସହନୀୟ ଦୁଃଖ ନୈରାଶ୍ୟରେ ପେଶି ହୋଇ ଯାଉଛନ୍ତି । ମର୍ମାହତ ହୋଇଥିଲେ ସ୍ୱୟଂ ମହନ୍ତ ମହାରାଜ । ତାଙ୍କ ଆଶ୍ରମକୁ ନିୟମିତ ଆସୁଥିବା ଜଣେ ପରିଚିତ ଗୃହସ୍ଥ! କଣ ହୋଇପାରେ ତାଙ୍କର ଦୁଃଖ ? ଅତ୍ୟନ୍ତ ବିନୟ ସହିତ ଜିଜ୍ଞାସା କଲେ ।''

Digitized by PPRACHIN, SOA

-"କିଛି ସମସ୍ୟା ନେଇ ଆପଣ ବୋଧହୁଏ ଏତେ ରାତ୍ରିଯାଏ ରହିଯାଇଛନ୍ତି ?"

-"ମହାଭାଗ-ଆପଣଙ୍କ ଅନୁମାନ ସତ୍ୟ ।" କହିଲା ଲୋକଟି ।

ଏଥର ସଠିକ ସମସ୍ୟାଟିକୁ ଅବଗତ ହେବାପାଇଁ ବ୍ୟାକୁଳ ହୋଇ ପଡିଲେ ମହନ୍ତ । କହିଲେ-"ଏ ଅକିଞ୍ଚନ ନିକଟରେ ଆପଣଙ୍କ ଦୁଃଖର କାରଣ ଜଣାଇଲେ ସାଧ ମତେ ଲାଘବର ଉପାୟ ଚିନ୍ତା କରିବି ।"

ଏଥର କୃତାଞ୍ଜଳି ପୁଟେ ଲୋକଟି ବିନୟରେ କହିଲା-"ମହାଭାଗ ମୁଁ ଜଣେ ମଧ୍ୟବିତ୍ତୀୟ ଗୃହସ୍ଥ ପିତାଙ୍କର ମୁଁ ତୃତୀୟ ସନ୍ତାନ । ମୋର ଅନ୍ୟଭାଇ ମାନେ ମୋ' ଠାରୁ ପୃଥକ୍ ଭାବରେ ପ୍ରତିପୋଷଣ ହୁଅନ୍ତି । ମୋର ଦୁଇଟି ପୁତ୍ର ଓ ଗୋଟିଏ ମାତ୍ର ବିବାହ ଯୋଗ୍ୟ କନ୍ୟା । ଏଇ ଆସନ୍ତା ଲଗ୍ନରେ ବିବାହ ସ୍ଥିର ହୋଇଥିଲେ ମଧ୍ୟ, ମୋର ସ୍ୱଳ୍ପ ସଂଚୟ ମତେ ସମୁଦୀଙ୍କର ଦାବୀ ଆନୁଯାୟୀ ଯୌତୁକ ଦେବାକୁ ଅକ୍ଷମ ହେଉଅଛି । ମୋ ଅକ୍ଷମତାରୁ ବିମୁଖ ସମୁଦି ନିର୍ଦ୍ଦିଷ୍ଟ ଦିନ ମଧ୍ୟରେ ସ୍ଥିରୀକୃତ ଅର୍ଥଦେଇ ନ ପାରିଲେ ବିବାହ ଅନ୍ୟତ୍ର କରିବେ ବୋଲି ଧମକ ଦେଇଛନ୍ତି ।"

ଲୋକଟିର କଥା ନସରୁଣୁ, ମହନ୍ତ ମହାରାଜଙ୍କ ତୁଣ୍ଡରୁ ସ୍ୱଗତୋକ୍ତି କଲାପରି ଶୁଭିଲା -"ଠିକ ହୋଇଛି ।"

ଏକଥା ପଦକ କିନ୍ତୁ ଏଡେଇ ପାରିନଥିଲା ଲୋକଟିର କାନକୁ । ହତବାକ୍ ବିନୟକାରୀ ଗୃହସ୍ଥ । କଣ ଯେ ମହନ୍ତ ମହାରାଜ କହିଲେ। "ଠିକ୍ ହୋଇଚି" । କଣ ତାଙ୍କ ସମୁଦିଙ୍କ ଅର୍ଥ ଜୁଲମ୍ ଠିକ୍-ନା-ଅନ୍ୟତ୍ର ବାହାଘର କରିବାର ଧମକ୍ ? ମର୍ମାହତ ହୋଇ ପଡିଥିଲେ ସିଏ ଏ ପ୍ରକାର ନିରାଶ ବାଣି ଶୁଣି । ପ୍ରତ୍ୟାଶା ଯେ ଏତେ ଆଘାତ ଦେବ ସିଏ ଜାଣି ନଥିଲେ । କିନ୍ତୁ ଗୃହସ୍ଥଙ୍କର ମନୋଦଶାକୁ ଠିକ୍ ପଢ଼ିପାରୁଥିଲେ ହୃଦୟଗ୍ରାହୀ ମହନ୍ତ, ସ୍ମିତହାସ ଖେଳିଗଲା ତାଙ୍କ ଦୁଇ ଅଧରରେ । କହିଲେ-"ଆପଣଙ୍କ ସମୁଦି ଯେଉଁ ଅର୍ଥଦାବୀ କରୁଛନ୍ତି ଏବଂ ମନମୁତାବକ ଯୌତୁକ ନ ପାଇଲେ ବିବାହ ଅନ୍ୟଠି କରିବାର କଥାରେ ଦୁଇଟି ଦିଗ ଅଛି ।"

-"କି ଦିଗ ମହାରାଜ?"

-"ବିବାହ ଅନ୍ୟତ୍ର କରିବାରେ ତାଙ୍କ ଧମକ ପ୍ରକୃତରେ ଯଥାର୍ଥ ନୁହଁ । ସେଇଟା ତାଙ୍କର ଅଜ୍ଞତା କିନ୍ତୁ ଅର୍ଥଦାବୀରେ ତାଙ୍କର ଅମାନୁଷିକତା ପ୍ରକାଶ ପାଉଥିଲା ବେଳେ ଆପଣଙ୍କର ଅସାମର୍ଥ୍ୟ ପ୍ରକାଶ ପାଉଅଛି । ଏହା ଠିକ୍ ନୁହେଁ କି ?"

-"ଆଜ୍ଞା"

-ଏବେ ବାକି ରହିଲା ସିଏ ଅମାନୁଷିକତାରୁ ଓହରି ଯିବେ-ନା-ଆପଣ ଅସାମର୍ଥ୍ୟକୁ ଦୂରେଇବାକୁ ଚେଷ୍ଟା କରିବେ ? କେଉଁଟି ଆପଣଙ୍କ ପାଇଁ ସହଜ ହେବ ? ପ୍ରଶ୍ନକଲେ ମହନ୍ତ । ଲୋକଟି କହିଲା-"ମୋତେ କିଛି ଦିନ ସମୟ ଦିଆଗଲେ ମୁଁ ନିଶ୍ଚୟ ସମୁଦିଙ୍କ କଥା ପୂରଣ କରିବି ।"

Digitized by PPRACHIN, SOA

ମହନ୍ତ କହିଲେ-"ତା'ହେଲେ ବାହଘର ଆଉ ଡେରି କାହିଁକି ? ଏ ଇ କଥା ସମ୍ବନ୍ଧିଙ୍କୁ ଆଉ ଥରେ କହିଦିଅ । ମୁଁ ଆଶା କରୁଛି ବାହାଘର ପାଇଁ ସିଏ ନିଶ୍ଚୟ ରାଜି ହେବେ ।"

ତା ପରେ ବିଳମ୍ବିତ ରାତ୍ରିର ସେଇ ଅନ୍ଧାର ଭିତରେ ମିଶିଗଲା ଲୋକଟି । X X X ଆଉ ଦିନେ ଏମିତି ଏକ ମୁହୂର୍ତ୍ତରେ ପୂର୍ବର ସେଇ ଲୋକଟିକୁ ପୁଣି ଦେଖି ବିସ୍ମିତ ହୋଇଥିଲେ ମହନ୍ତ । ସେ ଦିନ ଯଦିଓ ସେ ବିମର୍ଷ ଜଣା ପଡୁ ନଥିଲା, ପରନ୍ତୁ କିଛି ବିଫଳତାର ଚିହ୍ନ ତାଙ୍କ ମୁହଁରେ ବାରି ହୋଇପଡୁଥିଲା । ଚିରା ଚରିତ ମୃଦୁ ହସରେ ଆପ୍ୟାୟିତ କରି ମହନ୍ତ ଲୋକଟିକୁ ପଚାରିଲେ-"ଆଜି କିପରି ମନେପଡ଼ିଲି ମହାଶୟ ? ପୁଣି ଏମିତି ଏକ ସମୟରେ......"

-"ମହାଭାଗ ଆଜି ମୋ ଝିଅ ବାହାଘର ଭୋଜି ଥିଲା । ବହୁ କଷ୍ଟ କରି ଆପଣଙ୍କ ପାଇଁ କିଛି ଭୋଜନ ସାମଗ୍ରୀ ଧରି ଆସୁଥିଲି । ବାଟରେ ଝୁଣ୍ଟିପଡିଲି ଯେ ପଡିଗଲି । କିନ୍ତୁ କେଉଁଠି ଥିଲା ଗୋଟାଏ କୁକୁର ସଂଗେ ସଂଗେ ତାକୁ ଖାଇବାକୁ ଲାଗିଲା ।"

ଲୋକଟି ପାଖରୁ ଏ ଅଭାବନୀୟ କାହାଣୀ ଶୁଣି କିନ୍ତୁ ଆଶ୍ଚର୍ଯ୍ୟ ହେଲେ ନାହିଁ ମହନ୍ତ ଦୁଃଖ ବି ପ୍ରକାଶ କଲେ ନାହିଁ । ପୂର୍ବର ସେଇ ହସ ତାଙ୍କ ମୁହଁରେ ଲାଖି ରହିଥିଲା କହିଲେ-"ଠିକ୍ ହୋଇଛି ।"

ଲୋକଟିର ବିଫଳତାରେ ଯେ ଏଇ ବାକ୍ୟ ନିଶ୍ଚିତ ଶକ୍ତ ଧକ୍କାଟିଏ ଦେଲା ପରି କଥାଥିଲା । ବାସ୍ତବିକ୍ ନିଜ ଅସଫଳତାରେ ମ୍ରିୟମାଣ ଲୋକଟି ଖାଲି ଶୁଖିଲା ଓଠରେ ଆପଣାର ଜିଭ ବୁଲାଉ ଥିଲା । ଏଥର କିନ୍ତୁ ପ୍ରଶ୍ନ କଲା-"ମହାଭାଗ ମୋର ବିଫଳତା ଆପଣଙ୍କ ବିଚାରରେ କିପରି ଠିକ୍ ହେଲା ?"

ଲୋକଟି କଥା ଶୁଣି ମହନ୍ତ କହିଲେ-ଏଇଟାତ ଆପଣଙ୍କର ସଂପୂର୍ଣ୍ଣ ବିଫଳତା ନୁହେଁ ! ଆସିବା ବାଟରେ ଆପଣ କିନ୍ତୁ ଗୋଟିଏ ସଫଳତା ପାଇଛନ୍ତି ।

-"କିପରି?" ଲୋକଟି ପଚାରିଲା

-"ପ୍ରାପ୍ୟ ଓ ପ୍ରାପକର ଯୋଗସୂତ୍ର ରକ୍ଷାକରିବାରେ ଆପଣଙ୍କ ଭୂମିକା ଯଥାର୍ଥ ହେଲା, ଯାହାଥିଲା ଭବିତବ୍ୟ । କିନ୍ତୁ ଆପଣଙ୍କ ଉଦ୍ଦେଶ୍ୟ ବ୍ୟାହତ ହୋଇଥିବାରୁ, ଅର୍ଥାତ୍ ପରିସ୍ଥିତିର ପ୍ରୟୋଜନୀୟତା ଏହାକୁ ବିରୋଧ କରୁଥିବାରୁ ଆପଣ ତାକୁ ବିଫଳତା ବୋଲି ବିଚାର କରୁଛନ୍ତି ।"ଏତକ କହିଦେଇ ସଂଧ୍ୟା ଆଳତିର ସମୟ ଗଡିଯାଉଛି କହି ମହନ୍ତ ଚାଲିଗଲେ ଭିତରକୁ । ଲୋକଟି ଫେରି ପଡ଼ିଲା ଘରକୁ ।

ବହୁତ ଦିନଯାଏ ଲୋକଟିର ଆଉ ଦେଖା ନଥିଲା । କିନ୍ତୁ କାହିଁକି ଯେ ମହନ୍ତ ମହାରାଜ ଚିନ୍ତା କରୁଥିଲେ ହୁଏତ ଦୁଇଟି ସାକ୍ଷାତରେ ଲୋକଟି ତାଙ୍କୁ ଭୁଲ ବୁଝିନାହିଁତ ? ତାଙ୍କ ଉତ୍ତର ପ୍ରକୃତରେ ଲୋକଟିକୁ ଆଘାତ ଦେଇଛି କି ? ନିଜର ବିଚାର ବୁଦ୍ଧି ପାଖରେ ନିଜ କଥାକୁ ତଉଲୁ ଥିଲେ ସିଏ । ମନଟା ଆକର୍ଷିତ ହୋଇଯାଉଥିଲା । ଆପେ ଆପେ ଲୋକଟି ଆଡକୁ । ସତରେ ଆଉ

Digitized by PPRACHIN, SOA

ଥିରେ ଦେଖା ହୁଅନ୍ତା କି ! ଲୋକଟି ମନରେ ଯଦିବା କିଛି ରୁକ୍ଷତା ତାଙ୍କ ପ୍ରତି ସୃଷ୍ଟି ହୋଇଥାଏ । ସେ ନିଜ ତରଫରୁ କ୍ଷମା ମାଗି ଦିଅନ୍ତେ କିନ୍ତୁ କାହିଁ ସେ ସୁଯୋଗ ?

ଯେଉଁଦିନ ଲୋକଟି ପୁଣି ଆସିଲା, ଅତ୍ୟନ୍ତ ଭଗ୍ନ ଶରୀର । ଉଦାସ ଉଦାସ ଭାବ । ମଳିନ ବେଶଭୂଷା ଲୋକଟିର ଏଇ ସାକ୍ଷାତକୁ ଏମିତି ଭାବରେ ହଠାତ୍ ଗ୍ରହଣ କରି ପାରୁନଥିଲେ ମହନ୍ତ ମହାରାଜ । ଦର୍ଶନ ମାତ୍ରକେ ଖୁବ୍ ଗୋଟାଏ ଦୁଃଖରେ ଖଣ୍ଡ ବିଖଣ୍ଡିତ ହୋଇଗଲା ତାଙ୍କର ଛାତି ଭିତରଟା । ନିଜକୁ ଅପରାଧୀ ପରି ମନେ କରୁଥିଲେ । ଲୋକଟିର ଦୁରବସ୍ଥା ପାଇଁ ସତରେ ସିଏ ନିଜେ କିଛି ପରିମାଣରେ ଦାୟୀ ନୁହଁନ୍ତି ତ ? ଯାହା ଅପ୍ରିୟ ତାହା ସତ ହୋଇପାରେ, ଉପକାରୀ ହୋଇପାରେ ମାତ୍ର ପ୍ରତ୍ୟକ୍ଷରେ ତାହା ହନ୍ତକ ନୁହେଁ କି । ଲୋକଟି କଣ ଏଇ ଦଶାର ସମ୍ମୁଖୀନ ହୋଇଛନ୍ତି ଆଉ ? ଭଗବାନ ଙ୍କ ଉଦ୍ଦେଶ୍ୟରେ ନିଜର ଭୁଲ ପାଇଁ କ୍ଷମାଚାହୁଁଥିଲେ ମହନ୍ତ ମନେ ମନେ ।

ଲୋକଟି ପାଖକୁ ଯାଇ ସମବେଦନାରେ ଅଧୀର ହୋଇପଡ଼ିଲେ ମହନ୍ତ । କହିଲେ- ''ଆଜ୍ଞା ଆପଣଙ୍କୁ ବହୁତ ଦିନରୁ ନଦେଖି ମନଟା କାହିଁକି ଆଉଟି ପାଉଟି ହେଉଥିଲା । ଖାଲିଟିକିଏ ଦେଖିବି ବୋଲି ନିରୁପାୟ ହୋଇ ଚାହିଁ ରହୁଥିଲି । ବହୁତ ଭଲ ହେଲା ଆପଣ ଆସିଲେ । କିନ୍ତୁ...ଏ ଭଗ୍ନ ସ୍ୱାସ୍ଥ୍ୟ, ମଳିନ ବେଶଭୂଷାର କାରଣ କଣ ? ମୋତେ ଜଣେ ସମଭାବାପନ୍ନ ବନ୍ଧୁଭାବି ନିଶ୍ଚୟ ଅକପଟ ହୃଦୟରେ ପ୍ରକାଶ କରିବେ । ନଚେତ୍ ମୋ ପୂର୍ବର ଭୁଲ୍ ପାଇଁ କ୍ଷମା କରିବେ ।

ଲୋକଟି ମହନ୍ତ ମହାରାଜଙ୍କ ମହନୀୟତାରେ ବୁଡ଼ି ଯାଉଥିଲା ଯେମିତି । ଦୁଇ ହାତ ଯୋଡି କହିଲା-''ମହାଭାଗ, ଆପଣ ମହାନୁଭବ । ଆପଣଙ୍କ କଥାରେ ମୁଁ କେବେ ଆଘାତ ପାଇନାହିଁ, କି ଆପଣଙ୍କ କ୍ଷମା ମାଗିବାର ପ୍ରଶ୍ନ ହିଁ ଉଠୁ ନାହିଁ । କେବଳ ମୋର ଦୟନୀୟ ଅବସ୍ଥାରୁ ଯାହା ଅନୁମାନ କରୁଛନ୍ତି ତାହା ଏହିପରି-''

ଲୋକଟି କହି ଚାଲିଲା-''ବାହାଘର ପରେ ସମୁଦିଙ୍କ ପାଖରୁ ତିନୋଟି ଚିଠି ପାଇଲିଣି ସବୁ ଚିଠିରେ ସେଇ ଗୋଟିଏ କଥା । ଅପୂରଣ ଯୌତୁକ ପୂରଣ ନିମନ୍ତେ କଟୂକ୍ତି ଯୁକ୍ତ ଭାଷା । ସେଥିରେ ଝିଅର କରୁଣ ନିବେଦନ । ଯେଉଁଠି ତା' ଭବିଷ୍ୟତ ଜୀବନ ମଧ୍ୟ ବିପନ୍ନ ହେବାର ଭୟ । ସମୁଦୁଣୀଙ୍କର ମଧ୍ୟ ସେଇ ଏକା କଥା, ସମବ୍ୟବହାର । ସାହି ପଡ଼ିଶାରେ ଝିଅ ମଧ୍ୟ ନିନ୍ଦିତ । ମୋର ଅନୁନୟ ବିନୟରେ ସେମାନଙ୍କର ହୃଦୟ ଟିକିଏ ବି ତରଳୁ ନାହିଁ । ମୁଁ ସାଧ ମତେ ଯେତିକି ସଂଗ୍ରହ କରିଥିଲି ସେମାନଙ୍କ ଆବଶ୍ୟକତାକୁ ପୂରଣ କରୁଅଛି । ବର୍ତ୍ତମାନ କିନ୍ତୁ ପରିସ୍ଥିତି ଅତୀବ ମର୍ମାନ୍ତିକ । କଣ କରିବି ମହାଭାଗ ଏ କ୍ଷେତ୍ରରେ ମୋର ଉପାୟ କଣ ?

ଲୋକଟିର ସାମଗ୍ରିକ ଦୟନୀୟତା, ଅସହାୟତାକୁ ହୃଦୟଙ୍ଗମ କରି ସାରିଲା ପରେ ମହନ୍ତ ଯେ କିପରି ତାର ସମାଧାନ କରି ପାରିବେ ? ତଥାପି ନିଜର ବିଚାର ବୁଦ୍ଧିକୁ ଉପଯୋଗ କରି କହିଲେ-ଆଚ୍ଛା ଏତେ ଗୁଡାଏ ଅର୍ଥଦାବୀକୁ ପୂରଣ କରିବାରେ ଆପଣଙ୍କର ଆଉ କିଛି ଉଦ୍ଦେଶ୍ୟ

Digitized by PPRACHIN, SOA

ଅଛି କି ? ଲୋକଟି ଏଥର ବାଷ୍ପରୁଦ୍ଧ କଣ୍ଠରେ କହିଲା-"ମହାଭାଗ କେବଳ ମୋର ଏକମାତ୍ର ଝିଅ ପାଇଁ......।" ମହନ୍ତଙ୍କ ମୁହଁରୁ ସ୍ୱଭାବ ସୁଲଭ ଢ଼ଙ୍ଗରେ ହସ ଯଦିଓ ସାମୟିକ ସମୟ ପାଇଁ ମଉଳି ଯାଇଥିଲା ତଥାପି ସିଏ କଥାରେ ଉତ୍ସାହ ଦେଇ ଲୋକଟିକୁ କହିଲେ-ସିଏ କଣ କେବଳ ଆପଣଙ୍କ ଝିଅ ? ଆଉ କାହାର ସ୍ତ୍ରୀ, କାହାର ବୋହୂ, କାହାର ଆତ୍ମୀୟ ନୁହେଁ ବୋଲି କାହିଁକି ଭାବି ପାରୁ ନାହାଁନ୍ତି ? ଆପଣଙ୍କର ଏଇ ମୋହ ହିଁ ଦୁଃଖର କାରଣ ହୋଇଛି । ଆଉ ଦୁଃଖକୁ ଦୁଃଖ ବୋଲି ଭାବିଲେ ଏହା ଦ୍ୱିଗୁଣିତ ହୁଏ । ଆପଣଙ୍କ କ୍ଷେତ୍ରରେ ତାହାହିଁ ଘଟିଛି ।"

ଲୋକଟି ତା ଭାବନାର ଏଇ ଅନାବିଷ୍କୃତ ଦିଗଟିକୁ ଯେମିତି ହଠାତ ଆବିଷ୍କାର କରି ଟିକେ ସତେଜ ହେଲାପରି ଲାଗିଲା, କହିଲା-"ପ୍ରକୃତରେ ମୁଁ ଏ କଥାଟି ଆଦୌ ଭାବି ନଥିଲି । କିନ୍ତୁ ଯାହାହେଲେ ବାପାର ମନ ନେଇ ମୋର ଏକମାତ୍ର ଝିଅ ପାଇଁ ମୁଁ କାହିଁକି କେଜାଣି ଅଧିକ ବିବ୍ରତ ଅନୁଭବ କରୁଅଛି ?"

ଲୋକଟିର ସହଜ ହେବା ଭଙ୍ଗୀକୁ ଲକ୍ଷ୍ୟ କରି ମହନ୍ତ କହିଲେ-ସେଇ କାହିଁକିର କାରଣ ହିଁ ଆସକ୍ତି । ଆପଣଙ୍କ ସମୁଦିଙ୍କ ର ଯେପରି ଅର୍ଥପାଇଁ ଆସକ୍ତି । ଆପଣଙ୍କ ଝିଅ ମଧ ଆପଣ ଙ୍କ ପାଇଁ । ଯଦିଓ ସଂସାର କ୍ଷେତ୍ରରେ ଜଣେ ଗୃହସ୍ଥ ହିସାବରେ, ପିତା ହିସାବରେ ଯାହା କରଣୀୟ ତାହାହିଁ କରୁଛନ୍ତି । ଯା' ଭିନ୍ନ ଆଉ କଣ କରାଯାଇପାରେ ବୋଲି ଭାବୁଛନ୍ତି ?

ଦୃଢ଼ମନା ହୋଇ ଯାଉଥିଲା ଲୋକଟି ବୋଧହୁଏ । ନିଜର ବାରମ୍ବାର ବିଫଳତାରେ ମନକୁ ଟାଣି କରି କହିଲା-"ମୁଁ ଆଇନର ଆଶ୍ରୟ ନେଲେ କିପରି ହୁଅନ୍ତା ?"

-"ସେଇଟା ଆପଣଙ୍କ ବିଚାର ବୁଦ୍ଧି ଉପରେ ନିର୍ଭର କରେ । ପ୍ରତ୍ୟେକ ମଣିଷ ପାଇଁ ତାର ନିଜସ୍ୱ ବିବେକ ହିଁ ତାପାଇଁ ସଠିକ୍ ନିର୍ଣ୍ଣାୟକ ।" କହିଲେ ମହନ୍ତ ।

ତଥାପି ଲୋକଟି ନିରସ୍ତ୍ର ସୈନିକ ପରି ବୋଧ ହେଉଥିଲା । ତାର ସଂପୂର୍ଣ୍ଣ ଅସହାୟତା ହୃଦୟଙ୍ଗମ କରି ଏଥର ମହନ୍ତ କହିଲେ-"ମୁଁ ପ୍ରଥମରୁ ଆପଣଙ୍କ କର୍ମକ୍ଷେତ୍ର ପାଇଁ ମାନସିକ ପ୍ରସ୍ତୁତି ଉପରେ ଜୋର୍ ଦେଉଥିଲି । ଆପଣଙ୍କର ଏକମାତ୍ର ଝିଅ ପାଇଁ ଆପଣ ଟିକିଏ ଅଧିକ ଆସକ୍ତିରେ ଥିଲେ । ସେ ଯାହା ହେଉ କର୍ମ କରିବା କ୍ଷେତ୍ରରେ ପନ୍ଥାଟି ଆପଣ ହିଁ ସ୍ଥିର କରିବା ଯଥାର୍ଥ ହେବ । ମୁଁ ଭାବୁଛି ଆଇନରେ ଆଶ୍ରୟ ନେବା ଉଚିତ୍ ପଦକ୍ଷେପ ।"

ଲୋକଟି ଯେତିକି ଉତ୍ସାହିତ ଜଣାପଡୁଥିଲା କେଜାଣି କାହିଁକି ତାର ସେଇ ଉତ୍ସାହ ପୁଣି ବିଷାଦ ନୈରାଶ୍ୟରେ ପରିଣତ ହୋଇଗଲା । କହିଲା-ଆଜ୍ଞା ମୁଁ ଆଇନର ଆଶ୍ରୟ ନେବି ନିଶ୍ଚୟ । ହେଲେ ଅର୍ଥବଳରେ ସେମାନେ ଯେ ମୋ ଠାରୁ ବହୁ ଗୁଣରେ ଅଧିକ । ଅର୍ଥ ବ୍ୟୟ କରି ସେମାନେ ନ୍ୟାୟକୁ ତାଙ୍କ ପକ୍ଷକୁ ନେଇଯିବେ ।

ଏଇଟା ତୁମର୍ ମନର ଭୟ । ସବୁ ନ୍ୟାୟଯେ କିଣାଯାଇ ପାରେ ଏକଥା ତୁମେ କାହିଁକି ଭାବୁଛ ? ସତ୍ୟ ନ୍ୟାୟର ସଂଗ୍ରାମ କେବେ ନିଃଶେଷ ହୁଏନା । ବ୍ୟର୍ଥ ଯାଏନା । ତୁମପରି କିଛି

Digitized by PPRACHIN, SOA

ସତ୍ୟାଶ୍ରୟୀ ସୈନିକ ମାନଙ୍କର ଅବସ୍ଥା ଜୀବନ ଯୁଦ୍ଧରେ ବିପର୍ଯ୍ୟସ୍ତ ହୋଇପାରେ କିନ୍ତୁ ଭବିଷ୍ୟତ ପାଇଁ ଉତ୍ସାହପ୍ରଦ । ତୁମେ ଆଇନର ଆଶ୍ରୟ ନିଅ । ସମସ୍ତ ଅପରାଧୀ ନିଶ୍ଚିତ ଦଣ୍ଡ ପାଇବେ । ନ୍ୟାୟାଳୟ ଲୌକିକ କର୍ମଫଳର ଏକମାତ୍ର ଉପଯୁକ୍ତ ନିର୍ଣ୍ଣାୟକ ।

-"ସମସ୍ତେ ଦଣ୍ଡ ପାଇବେ ! ନା-ନା-ଏ କଥା ମଧ୍ୟ ସମ୍ଭବ ନୁହେଁ ।' ଲୋକଟି କହିଲା ।

-"କାହିଁକି ସମ୍ଭବ ନୁହେଁ ?"

-"ଏଇଥି ପାଇଁ ଯେ, ଝିଅଙ୍କ ମୋର ନିରପରାଧ । ସେ ଯଦିଓ ଏ ସବୁ ଅତ୍ୟାଚାରକୁ ସମର୍ଥନ କରନ୍ତି ନାହିଁ, ହେଲେ ବିରୋଧ କରି ପାରୁ ନାହାଁନ୍ତି ଅନ୍ୟ ଭୟରେ ।

-"ତା ହେଲେ ଅନ୍ୟାୟ ସପକ୍ଷରେ ଏଇଟା ତାଙ୍କର ବିବଶତା ।"

-"ସେ କଥା ଠିକ୍ ଯେ, ତଥାପି ସେତ ଝିଅକୁ ମୋର ଅଧିକ ସୁଖ ପାଆନ୍ତି ।

-"ସେଇଟା ତାଙ୍କର କ୍ଷୀଣତା ମଧ୍ୟ କୁହାଯାଇ ପାରେ । କାପୁରୁଷତା ମଧ୍ୟ । ତମେ ଆଇନର ଆଶ୍ରୟ ନେଲେ ସବୁ ପ୍ରକାଶ ପାଇଯିବ । ମହନ୍ତ କହିଲେ ।

-"ମୁଁ....ମାନେ" ଲୋକଟି ଆପଣା ନିଷ୍ପତ୍ତିରେ ଥିଲା ଦୋଦୁଲ୍ୟମାନ ।

-ଆଉ ତୁମର ନିଷ୍କ୍ରିୟତା ମଧ୍ୟ ଏ କ୍ଷେତ୍ରରେ ଅନ୍ୟାୟକୁ ସମର୍ଥନ କରୁଅଛି, ଭୁଲି ଯାଉଛନ୍ତି ଝିଅପାଇଁ କିଛି ଆପଣଙ୍କର କର୍ତ୍ତବ୍ୟ ରହିଛି ।"

ମହନ୍ତଙ୍କର ଶେଷ ନିଷ୍ପତ୍ତି ପାଇଁ ଲୋକଟି ସଂପୂର୍ଣ୍ଣରୂପେ ସ୍ଥିର ନିଶ୍ଚିତ ହୋଇ ପାରୁ ନଥିଲା । ଅଧିକ ବିବଶତା, ଅଧିକ ଯନ୍ତ୍ରଣା ତା'ର ସର୍ବାଙ୍ଗକୁ ଯେମିତି ଢ଼ାଙ୍କି ଦେଉଥିଲା । ଏ ଅବସ୍ଥାକୁ ଲକ୍ଷ୍ୟ କରି ମହନ୍ତ ମହାରାଜ କହିଲେ-'ଦେଖନ୍ତୁ ଫଳ ଆଶାୟୀ ମଣିଷ କୌଣସି ଉଦ୍ୟୋଗପତି ହୋଇପାରେ କିନ୍ତୁ ଅଧ୍ୟବସାୟୀ ନୁହେଁ । ତମ ବିବଶତା, ଅସହାୟତାରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ପୁଣି ତୁମେ ମୋହଗ୍ରସ୍ତ ହୋଇ ପଡୁଛ । ଟିକିଏ ଆଖି ଫେରେଇ ନିତିପ୍ରତି ଯୌତୁକ ନିଆଁରେ ପୋଡି ମରୁଥିବା ସଂସାରକୁ ଦେଖ । ଏ ସମସ୍ୟା ଏକା ତୁମର ନୁହଁ । ଲୌକିକ ଦଣ୍ଡ ଦେବାକୁ ନ୍ୟାୟାଳୟ ଯଦିବା ବିଫଳ ହୁଏ, ତଥାପି ଏ ସଂଗ୍ରାମ ତୁମର ଉତ୍ତର ପୁରୁଷମାନଙ୍କ ପାଇଁ ଉତ୍ସାହ ପ୍ରଦ ହେବ । ଏ ଜୀବନ କର୍ମକ୍ଷେତ୍ରରେ ତୁମେ ଯାହା କରଣୀୟ, ମାତ୍ର ତାହା କରୁଅଛ, କିନ୍ତୁ କର୍ତ୍ତା ନୁହଁ । ଫଳ କଣ ଓ କେବେ ମିଳିବ ସେ ସମୟ ନିର୍ଦ୍ଧାରକ ବି ତୁମେ ନୁହଁ । କହିଲେ ମହନ୍ତ ।

"ମୁଁ କିଛି ବୁଝି ପାରୁନି ମହାଭାଗ । ଫଳ ଆଶାରେ ତ ମଣିଷ କର୍ମରେ ଆଗାଏ ।" ଲୋକଟି କହିଲା । ମହନ୍ତ କହିଲେ-"କର୍ମରେ ଆଗେଇବା ମଣିଷର ଧର୍ମ । କିନ୍ତୁ ଫଳଦାତା ଆଉ ଜଣେ, ଯେମିତି ତୁମେ ସେଦିନ ଭୋଜନ ସାମଗ୍ରୀ ମୋ ପାଖକୁ ନେଇ ଆସୁଥିଲ, କିଛି କୃତାର୍ଥ ଫଳ ଲାଭ କରିବା ପାଇଁ, କିନ୍ତୁ କଣ ହେଲା ? ତୁମ ଇଚ୍ଛା ପୂରଣ ହୋଇପାରିଲାକି ? ଏ କଥା

Digitized by PPRACHIN, SOA

ନିଶ୍ଚିତ ଯେ ସେହି ଖାଦ୍ୟକୁ-ନା ତୁମେ କୁକୁରଟିକୁ ସେଠି ଦେଇ ପାରିଥାନ୍ତ, ନା-ସିଏ ନ ଧାଇଁଥିଲେ ପାଇ ପାରିଥାଆନ୍ତା । ଭବିତବ୍ୟ ବିଷୟରେ ଦୁହେଁ ଥିଲ ଅନଭିଜ୍ଞ । ତେଣୁ ଘଟଣାଟିକୁ ତୁମେ ବିଫଳତା ବୋଲି ଭାବିଲ । ଦାତା ଯିଏ ତାକୁ ସେଇ ତକ ଖାଦ୍ୟ ଦେଲା ସିଏ ସେଠି ମଧ ଦିଆଇ ପାରିଥାନ୍ତା ତ ଏତେ ବାଟ କାହିଁକି କୁକୁରଟି ତୁମର ପଶ୍ଚାତ୍‌ଧାବନ କରିଥାନ୍ତା ? ନା-ଦୌଡିବା କୁକୁରର କର୍ତ୍ତବ୍ୟ । ପ୍ରାପ୍ୟ ଓ ପ୍ରାପକର ସଠିକ ସମୟ ଓ ସ୍ଥାନ ନିର୍ଦ୍ଧାରଣକାରୀ ହିଁ ଈଶ୍ୱର ।''

''ଏ ସବୁ ଯେତେ ବୁଝିଲେବି ମୁଁ ସଠିକ ନିର୍ଣ୍ଣୟ ନେଇ ପାରୁନାହିଁ । ଆପଣ ଶେଷକଥା ଖାଲି ମୋତେ କୁହନ୍ତୁ ଏ କ୍ଷେତ୍ରରେ ମୋର ଯାହା କରିବା ଉଚିତ୍ ।'' କହିଲା ଲୋକଟି ।

''ତୁମେ ଆଇନର ଆଶ୍ରୟ ନେଇ ସମସ୍ୟାକୁ ସମାଧାନ କରିବାକୁ ଚେଷ୍ଟା କର କାରଣ ତୁମର ବାରମ୍ବାର ଅନୁନୟ ବିନୟ ମାଧମରେ ଈଶ୍ୱରତାଙ୍କୁ କ୍ଷମା ପାଇଁ ସୁଯୋଗ ଦେଇ ସାରିଛନ୍ତି ।''

ଏଥର ଲୋକଟି ଆଶ୍ରମ ସାମନା ରାସ୍ତାରେ ନିଜ ଘର ଆଡକୁ ନଯାଇ ଚାଲୁଥିଲା ସଦର ଥାନା ଅଭିମୁଖେ । ଥାନା ବାରଣ୍ଡା ଉପରକୁ ଉଠିଗଲା ସିଏ । ବଡବାବୁ ତାକୁ ଘଟଣା ବିଷୟରେ ପଚାରିଲେ କେତେ କଥା । ସିଏ ଦୃଢ଼ତାର ସହିତ ସବୁ କଥା ବର୍ଣ୍ଣନା କଲା ବେଳେ ଟିକିଏ ମଧ କୁଣ୍ଠା ବୋଧ କଲା ନାହିଁ, ତା କାନରେ ଯେମିତି ବାଜି ଯାଉଥିଲା ମହନ୍ତ ମହାରାଜଙ୍କ ବାଣୀ ଦିନେ ଯାହା ଆଶ୍ରମରେ କହୁଥିଲେ-''ନିଜ ଭିତରେ ଅହରହ ମରୁଥିବା ଲୋକ ହିଁ ଭୀରୁ ।''

ଥାନା ବାବୁ ଏଥର ପଚାରିଲେ-''ଆଚ୍ଛା ତମ ନାଆଁ କଣ ?''

-''ମୋ ନାଆଁ ପାଣ୍ଡବ ଦାସ, ମୋ ବାପାଙ୍କର ମୁଁ ତୃତୀୟ ସନ୍ତାନ ।''

''ଓଃ ତମେ ତା ହେଲେ ତୃତୀୟ ପାଣ୍ଡବ ନାଇଁ?'' ହସିଲେ ବଡବାବୁ ।

''ଆଚ୍ଛା-ଆଚ୍ଛା -ଏ କେଶ୍ ବାବଦରେ ତମର ସାକ୍ଷୀ କିଏ ଅଛନ୍ତି ?''

ଟିକିଏ ଚିନ୍ତା କରି ଲୋକଟି କହିଲା-''ଅଛନ୍ତି ଆଜ୍ଞା ?''

''କଣ ତାଙ୍କ ନାଆଁ'' ବଡବାବୁ ପଚାରିଲେ ।

''ତାଙ୍କ ନାଆଁ, ମହନ୍ତ ମହାରାଜ କେଶବାନନ୍ଦ ।''

ବଡବାବୁ କହିଲେ-''ଠିକ୍ ଅଛି ତୁମେ ଏବେ ଯାଅ । ତୁମେ କେଶ୍‌ରେ ନିଶ୍ଚୟ ନ୍ୟାୟ ପାଇବ, ଏ ବିଶ୍ୱାସ ରଖ ।''

ଲୋକଟି ଫେରି ପଡିଲା ଥାନାରୁ ଆତ୍ମ ତୃପ୍ତିରେ । ବଡବାବୁଙ୍କ ମଣିଷ ପଣିଆରେ କାହିଁକି ସିଏ ବେଶ୍ ସନ୍ତୁଷ୍ଟ ଥିଲା । ମନେ ମନେ ସ୍ୱଗତୋକ୍ତି କଲା-''ଯାହା ହେଲା, ଠିକ୍ ହେଲା ।''

❖

Digitized by PPRACHIN, SOA

ବାରଣ' ବଢ଼େଇର ନିହାଣ

ରାତି ପ୍ରାୟ ଏଗାର କି ବାର ହେବ, ସମସ୍ତେ ଶୋଇଗଲେଣି । ଘର ଭିତରେ ଏକା ଚେଇଁ ରହିଛି ମହନି । ଡିବିରିଟା କଳା ଧରି ଆସିଲାଣି । ତଥାପି ଆଖିରେ ତାର ନିଦ ନାହିଁ । ପାଖରେ ସାନ ପୁଅ ଶୋଇଚି ଯେ, ହାତ ପାଦ ଛାଟୁଚି । ମଶା ଖାଉଛନ୍ତି ବୋଧେ ।

ମଶାରୀ ଖଣ୍ଡକ ଦି' ମାସ ହବ ଚିରିଗଲାଣି । ନୂଆ ଗୋଟିଏ କିଣି ପାରିନି । ପଇସାର ଅଭାବ, ଘରର ଯାବତୀୟ ଖର୍ଚ୍ଚ ଆଗରେ ତା' ପାରିଲା ପଣିଆ ସବୁ ମୁତ୍ ଫରକା ମାରିଗଲା ପରି ଲାଗୁଚି

ଭାଇ ଭାଗ ଭିଟାମାଟି ଖଣ୍ଡକ ମଧ ସିଏ ବିକି ଦେଇଥିଲା । ଗାଁ ବାହେଲ୍ ଏଇ ଅନାବାଦିକୁ ନେତାଙ୍କୁ ଧରା ଧରି କରି ତହସିଲଦାରଙ୍କ ପାଖରୁ ଭୂମିହୀନ ବାବଦକୁ ପାଇଚି । ତା ଉପରେ ଯାହି ତାହି ତାର ଘର ଖଣ୍ଡେ କରିଛି । ପୁଣି ଧୋଇଆ ଅଞ୍ଚଳ । ଫି-ବରଷକୁ ଥରେ କି ଦି'ଥର ବଢ଼ି । ଏମିତି ଗୋଟିଏ ଘର କରିଚି ଯେ ବଢ଼ି ଆସୁକି ବାତ୍ୟା, ତା ପାଇଁ ଘର ଭଙ୍ଗା ଥୁଆ ।

Digitized by PPRACHIN, SOA

ଫି' ବରଷକୁ ଏ ଅଞ୍ଚଳକୁ ପରିଦର୍ଶନ କରିବାକୁ ଆସୁଥିବା ସରକାରୀ ବାବୁମାନଙ୍କ କ୍ୟାମେରାରେ ତା'ରି ପରି କେତେ ଜଣଙ୍କୁ ସଭା ପାଖରେ ଠିଆ କରେଇ କେତେ ବାତରା ଆଜି ନେତା । ସିଏ ଟ୍ରକରେ ବୁହା ହୋଇ ନଗଲେ ସଭା ଜମେନା । ତା ପିଲା ପିଲିଙ୍କ ନଙ୍ଗଳା, ଫୁଙ୍ଗୁଳା ଫଟୋ ନ ଉଠିଲେ ଖବର କାଗଜ ବାଲାଙ୍କ ଲେଖିବାର ଖୋରାକ ନାହିଁ-କି ରାଜନୀତିର ଅଖଚକ ବନ୍ଦ, ଆନ୍ଦୋଳନ ନାହିଁ କି ସଭା, ପଟୁଆର ନାହିଁ ।

ତଥାପି ତ ଲୋକେ ଭୋଟ ଦେଉଛନ୍ତି । ନେତା ବାଛୁଛନ୍ତି । ଖାସ୍ ତାରି ପରି ଲୋକଙ୍କ ପାଇଁ ଶାସନ ଚଳି ଯାଉଚି । ପୁଣି ନୂଆ ହୋଇ ଗଢ଼ା ହଉଚି । ଖାଲି ତଳ ବରଡା ଉପର ବରଡା ପରି କଥା ।

ଏତେବେଳକୁ ସ୍ତ୍ରୀ ରୂପା ଶୋଇ ଶୋଇ କଡ଼ ଲେଉଟେଇଲା । ତିନି ସିଆଁ ଲୁଗା ଖଣ୍ଡେ ପିନ୍ଧିଚି । ତା ସାଙ୍ଗକୁ ଫଟା ବ୍ଲାଉଜ । ତା' ଛାତିର ହାଡ, ମାଉଁସ ସବୁ ମୁକୁଳା, ନିତି ଦେଖା କଥାରୁ ଆଖି ଫେରେଇଲା ସିଏ । ସତ୍ରେ ତିରିଶ୍‌ବରଷରେ ପାଞ୍ଚ ସନ୍ତାନର ଜନନୀ ସିଏ । ହବା ଚାହି, ତା ନହୋଇଥିଲେ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଯୋଗ୍ୟା ହୁଅନ୍ତା କେମିତି ? ଭତ୍ତା ଟଙ୍କାରେ ତ ଘର ଚଳିଯାଉଚି ।

ଠକ୍-ଠକ୍ । ଶୁଭିଲା ଏତେବେଳକୁ ତା ଦାଣ୍ଡ ପଟୁ ଭୁଅ କବାଟରେ । ରାତି ପାହିଲେ ଭୋଟ । କାଲମା' ଠାର କାଲ ବୁଝିଲା ପରି ମହନି ସମଝିଗଲା ଏତେ ରାତିରେ କିଏ ଆସି ପାରେ । ଚୁପ୍-ଚାପ୍ ଉଠିଲା । କବାଟ ଖୋଲି ଦେଲା ।

ନୁଆଣିଆଁ ଦୁଆର ମୁହଁ ଦେଇ ପଶିଗଲେ ନେତା ପୁଅ ଦି'ଜଣ । ଶୋଇଥିବା ତା' ପରିବାରକୁ ଦେଖି ଆସ୍ତେ ଆସ୍ତେ ଗଳା ଚାପି କହିଲେ-"ବୁଝିଲୁ ମହନି ଆମ ପାର୍ଟି ଚିହ୍ନତ ତୁ' ଜାଣୁ । ବାଲାଟ୍ ପେପରର ଠିକ୍ ଉପରକୁ ଅଛି । ଧର୍-ଏଇ ପଚାଶ ଟଙ୍କା, ତୋ ପରିବାରର ଭୋଟ ଯେମିତି ଆମର ହୁଏ ।"

-"ଆଜ୍ଞା ! ଆପଣ କଣ ଭାବୁଛନ୍ତି ଏଇ ଟଙ୍କା ନଦେଇଥିଲେ ମୁଁ ଭୋଟ ଆଉ କାହାକୁ ଦେଇ ଦେଇଥାନ୍ତି ? ଆପଣଙ୍କ ଦୟା ନଥିଲେ ଏ ଘର ଡିହ, ମୋ ସ୍ତ୍ରୀର ଭତ୍ତା, ପୁଅ ପାଇଁ ହରିଜନ ବହି ଅଳ୍ପ ଦାମରେ ପାଇଥାନ୍ତି । ନା' ଦି' ଦିଟା ଲୋନ୍ ମୋ ପରି ଲୋକଙ୍କୁ ମିଳି ଥାଆନ୍ତା । ଆପଣ ଏଇ ଟଙ୍କା ନେଇ ଯାଆନ୍ତୁ।"

ହେଲେ ନେତା ପୁଅ ଆହୁରି ଅମାୟିକ ଢଙ୍ଗରେ କହିଲେ,

-"ଆରେ ମହନି ଭୋଟ୍‌ରେ କିଏ କେତେ ଖାଇ ଯାଉଛନ୍ତି, ତୁ ଗରିବ ଲୋକଟା ରଖ୍ ପଇସା ।" ମହନି ହାତକୁ ସିନା ଗୋଟାଏ ଗାନ୍ଧୀମୁଣ୍ଡ ଆସିଲା, ହେଲେ ତା' ଆଖି ଲାଖି ରହିଥିଲା ନେତାଙ୍କ ହାତର ନୋଟ ବିଡା ଉପରେ । ମଣିଷ ଚରାଳି ନେତା ପୁଅ ମହନି ଆଖିରୁ କିଛି ବୁଝିଗଲେ ବୋଧହୁଏ । ଆଉଖଣ୍ଡେ ବଢ଼େଇ ଦେଲେ ତା'ପିଲାଙ୍କ ତୁଣ୍ଡ ମିଠା କରିବାକୁ ।

Digitized by PPRACHIN, SOA

ଏଥର ରୁଅ କବାଟ ଆଉଜେଇ ଦେଇ ବାହାରିଗଲେ ସେମାନେ । ମନେ ମନେ ନିଶ୍ଚିତ ହେଲେ ମହନିର ତିନିଖଣ୍ଡ ଭୋଟ ପାଇଁ ।

ଦି'ଖଣ୍ଡ ନୋଟକୁ ରୂପାର ତକିଆ ତଳକୁ ଚଟାପଟ୍ ସର୍‌କେଇ ଡିବିରିରୁ କଳା ଝାଡିଦେଲା । ଭାବିଲା ଯା' ହଉ ଦି' ଦିନ ପାଇଁ ଆଉ ଚିନ୍ତା ନାହିଁ । କାଲିକି ଭୋଟ ଆଉ କିଛି ମିଳିଯିବ ନିଶ୍ଚୟ ।

ଏତେବେଳକୁ ଡିବିରିରେ ତେଲ ସରି ସରି ଆସୁଛି । ବଡପୁଅଟା ସ୍ୱପ୍ନ ଦେଖୁଚି । କଣ ବାଉଳି ଚାଉଳି ହଉଚି । କିଛି ବୁଝି ହେଉନି । ଏଇ ବୟସରୁ ତାକୁ ବି କମ୍ କରିବାକୁ ପଡୁନି । ଇସ୍କୁଲ ର ମଧ୍ୟାହ୍ନ ଭୋଜନରେ ବସୁଚି । ଅଙ୍ଗନୱାଡ଼ି ଛୁଆଙ୍କ ଖିରିରୁ ବି ନିତି ଘରକୁ ଆଣୁଚି ।

ତା' ସ୍ତ୍ରୀ ରୂପା ମଧ କମ କରିଛି କି ? ପ୍ରୌଢ଼ ଶିକ୍ଷାରେ ଯାଉଚି । ବାର୍ଦ୍ଧକ୍ୟ ଭତ୍ତାରେ ଅଛି । ମହିଳା ସମିତିରେ ଅଛି । ମହିଳା ସଂଗଠନରେ ଅଛି । ନହେଲେ ଘର ଚଳନ୍ତା କେମିତି ?

ଭାବନାର ଖିଅ ଛିଣ୍ଡିଗଲା କବାଟରେ ପୁଣି ଠକ୍-ଠକ୍ । କବାଟ ଖୋଲିଲା । ଭିତରକୁ ଆସିଲେ ପୁଣି ନେତାପୁଅ, ହେଲେ ଭିନ୍ନ ଦଳର ।

ଏଥର କିନ୍ତୁ ମହନି କଥାର ମୋଡ ବଦଳେଇଲା,-''ଆଜ୍ଞା ! ଆପଣଙ୍କପରି ଲୋକ, କାହିଁକି ଏତେ କଷ୍ଟ କରି ରାତିଟାରେ ଆସିଲେ । ଖବରଟା ଦେଇଥିଲେ ମୁଁ ଯାଇ ଦେଖା କରି ନଥାନ୍ତି ? ନେତାପୁଅ କିନ୍ତୁ ତା' କଥାରେ କାନ ନଦେଇ ନିଜ କଥା କହିଗଲେ -''ବୁଝିଲୁ ମହନି, ଏଥରର ଭୋଟଟା ଖୁବ୍ ଟକ୍‌କରା ଟକରି । ମୋ ଇଜ୍ଜତର କଥା । ତୋ' ତିନିଖଣ୍ଡ ଭୋଟ ଯେମିତି ମୋର ହୁଏ । ରଖିଥା ପଚାଶ ଟଙ୍କା, ଆଉ ମୋର ଚିହ୍ନ......।''

-''ଆଜ୍ଞା ଏଇ କଥା କହି ମୋତେ କାହିଁକି ଲଜ୍ଜା ଦଉଛନ୍ତି । ଆପଣଙ୍କ ଦୟାରୁ ତୁଣ୍ଡ ଘର କଥା କହୁଛି । ଏଇ ଟଙ୍କା ନ ଦେଇଥିଲେ....।'' ମହନି କଣ୍ଠରେ ବଶମ୍ବଦତାର ଲକ୍ଷଣ ସ୍ପଷ୍ଟ ହୋଇଯାଉଥିଲା ଯେମିତି ।

ହେଲେ ନେତା ପୁଅ କହିଲେ-ଓହୋ, ଆରେ ତୁ ବୁଝୁନୁ କାହିଁକି କାଲିକି ତୁ କେଉଁଠି କାମ କରିବାକୁ ଯାଇଥିଲେ ତ ପଚାଶ ପାଇଥାଆନ୍ତୁ । କାଲି ଦିନଟା ମଉଜ କରି । ପିଲାମାନଙ୍କ ସାଙ୍ଗରେ ବଡ ମାଛ ଝୋଳ ଖାଆ । ଆମେ ଚାଲିଲୁ ।''

ପୁଣି ମହନି ହାତରେ ଗାନ୍ଧୀମୁଣ୍ଡ । ସେଇ ମଳିନ ପଡିଆସୁଥିବା ଡବିରି ଆଲୁଅରେ ଚାହିଁଲା ଅହିଂସାର ପୂଜାରୀ ବାପୁଙ୍କୁ । ଆଉ ମନେ ମନେ ଭାବୁଥିଲା ନେତାପୁଅଙ୍କ କଥାକୁ । ତାଙ୍କ ଦରଦ ପଣିଆକୁ । ଯିଏ ଟିକିଏ ପୂର୍ବରୁ ଆସନ୍ତା କାଲି ପରି ଗୋଟିଏ ଦିନର ଭାତ ମାଛ ଝୋଳର ଗ୍ୟାରେଣ୍ଟି ଦେଇଗଲେ ଭୋଟ ନେବାକୁ ।

ସିଏ ଏଥର ଗାନ୍ଧିମୁଣ୍ଡ ନୋଟ୍‌ଟାକୁ ଡିବିରି ପାଖକୁ ଆଣି ପୁଣି ଭଲ ଭାବରେ ଚାହିଁଲା । ଆଉ ପୁଣି ଭାବି ଚାଲିଲା-ଏଇ ବାପୁ ଗଣ୍ଡାଏ ଶାଗ ପଖାଳର ଗ୍ୟାରେଣ୍ଟି ପାଇଁ ଲଢ଼େଇ କରୁଥିଲେ

Digitized by PPRACHIN, SOA

ଦେଶପାଇଁ । ସେଇଟା କିନ୍ତୁ ସାରା ଜୀବନ ଗ୍ୟାରେଣ୍ଟିର ଲଢ଼େଇ । ହେଲେ, ଏ-ନେତାପୁଅମାନେ ଭୋଟ ନେବାକୁ ଗୋଟିଏ ଦିନର ଗ୍ୟାରେଣ୍ଟି ଦେଉଛନ୍ତି । ଭୋଟ ଦିନଟା ଗଡିଗଲେ ତାପରେ ଆଉ ଜମାରୁ ଦେଖା ମିଳିବନି ।

ସ୍ୱଗତୋକ୍ତି କଲା ମହନି- "ବାପୁ, ତୁ ଏତେ ବଡ ଦେଶ କଥା ବୁଝିଲୁ, ମାଡ ଖାଇଲୁ, ସେବା ବି କଲୁ । ସ୍ୱାଧୀନତା ଆଣିଲୁ, ଗୁଳି ବି ଖାଇଲୁ, ଶେଷକୁ ବାକିଥିଲା ଗରିବର ତେଲ ଲୁଣ ସଂସାର ବୁଝିବାକୁ । ମଲା ପରେ ବି....। ଧନ୍ୟ ଧନ୍ୟ ତୁ, ତୁ ବାପା ନୁହେଁ ବାପୁ, ମହାନ ନୁହେଁ ମହାତ୍ମା । ଆମେ କିନ୍ତୁ...ଛି...ଛି,ଏ ପେଟ ଚାଖଣ୍ଡେ ପାଇଁ କଣ କଣ ନ କରୁଚୁ । ମଣିଷର ଖୋଳପା ପିନ୍ଧୁଚୁ । ଆପଣାକୁ ବଂଚେଇବାର ସ୍ୱାର୍ଥ ପଛରେ ଧାଇଁଚୁ । ମୋ ପରିବାର ଧାଇଁଚି । ତିରିଶ ବରଷର ମୋ ସ୍ତ୍ରୀ ରୂପା ଗୋଟିଏ ବାର୍ଦ୍ଧକ୍ୟଭତ୍ତା ଭୋଗୀ, ମୋ ପିଲାମାନେ ସ୍କୁଲ ନଯାଇ ମଧ୍ୟାହ୍ନ ଭୋଜନ ହଡପ କରୁଛନ୍ତି , ଟଙ୍କା ପାଇଁ ମୁଁ ନିଜେ ଟ୍ରକରେ ବୁହା ହଉଚି, ମିଛ କହୁଛି,ଚୁଗୁଲି କରୁଛି ।

ଆଚ୍ଛା ବାପୁ, ଏ ଦୁନିଆଁରେ ମୋ ଠୁଁ ବି କିଏ ଗରିବ ଅଛନ୍ତି, ନା ମୁଁ ଗରିବର ବାହାନା କରି ଗରିବ ହଉଚି? ପର ପାଖରେ ହାତ ପାତୁ ଚି ?"

ଏତେ କଥା ଶୁଣି ଶୁଣି ଘଡ଼ିରେ ଯେମିତି ତା ହାତରେ ଗାନ୍ଧୀ ମୁଣ୍ଡଟା କହୁଚି-"କିଏ କହିଲା ମହନି ତୁ ଗରିବ ବୋଲି । ତୋ ପରମୁଖାପେକ୍ଷିତା, ବିବଶତା ହିଁ ତୋର ଗରିବୀ । ତୁ ସବୁ ପାରିବୁ । ମତେ ଦେଖ୍, ମତେ ଶିଖ୍, ମୁଁ କିଛି କରିନି ସାଧୀନତା ମୁଁ ଆଣିନି । ବିପ୍ଳବ କରିନି । ଦେଶକୁ ନେତୃତ୍ୱ ଦେଇନି । ଯିଏ ଏ ଦେଶ ପାଇଁ ଏତେ କାମ କରିଛନ୍ତି ସେମାନେ ସବୁ ତୋର ପରି ଦରିଦ୍ରତମ ଜନତା । ସବୁ ସେଇମାନେ ହିଁ କରିଛନ୍ତି । ସେଇମାନଙ୍କ କାନ୍ଧରେ ଦେଶ ଠିଆ ହୋଇଚି । ସେଇ ମାନଙ୍କ ରକ୍ତରେ ଦେଶର ଇତିହାସ ଲେଖା ହୋଇଚି । ବିପ୍ଳବ କରିଛନ୍ତି, ଲାଠି, ଗୁଳି ଖାଇଛନ୍ତି । ସ୍ୱାଧୀନତା ଆଣିଛନ୍ତି ।

ଅଥଚ ତୁ ! କେଇଟା ଟଙ୍କା ଲାଗି ନିଜ ପରିବାରର ସ୍ୱାଧୀନତାକୁ ବିକି ଦଉଚୁ । କାଲିକି ତୋରି ହାତକୁ ଦେଶର ସ୍ୱାଧୀନତା ଆସିବ ତୁ ତ ତାକୁ ଟଙ୍କା ପାଇଲେ ବିକି ଦବୁ ? ନିଜକୁ ଦୁର୍ବଳ ଭାବିବାରେ, ପର ପାଖରେ ହାତ ପାତିବାରେ, ଆପଣା ସ୍ୱାର୍ଥକୁ ଦେଖିବାରେ ହିଁ ତୋର ଦରିଦ୍ରତା ଛପି ରହିଚି । ତୁ ଗରିବ ନୁହଁ । ତୋ ମନୋବୃତ୍ତି ହିଁ ଗରିବ । ତୋ ହାତରେ ତାକତ୍ ଅଛି । ତୋ ଗୋଡରେ ତୁ ଠିଆ ହ'ଅ । ଆପଣାର ହାତ ଜଗନ୍ନାଥ । ଆତ୍ମବଳ ମଣିଷ ପାଖରୁ ଚାଲିଗଲେ, ସିଏ ଆପେ ଅପେ ତୋରି ପରି ଦୁର୍ବଳ ହୋଇଯାଏ । ଆପଣା ଉପରେ ଭରସା ରଖି ସେଇ ଟଙ୍କାକୁ ତୁ ଫେରାଇ ଦେ । ତୁ ପୁରୁଷ, କାପୁରୁଷ ନୋହୁ, ତୁ ଦେଶପାଇଁ ଦାନ କରିବୁ । ତତେ ପୁଣି ଦାନ କରିବ କିଏ ?"

ମହନି ରକ୍ତରେ କିଏ ଯେମିତି ତାତି ଭରି ଦେଉଚି । ତା' ଦେହ ଥରି ଉଠୁଚି । ବିନ୍ଦୁ ବିନ୍ଦୁ ଝାଳ ମଥାରେ । ତା' ଆଖି ଆଗରେ ପରାଧୀନ ଭାରତର ଛବି ନାଚି ଯାଉଚି । ତାରି ଭିତରେ ତା'

Digitized by PPRACHIN, SOA

ପରିବାର, ତା' ବ୍ୟକ୍ତିତ୍ୱ ପୁଣି ପେଶି ହୋଇ ଯାଉଚି । ନା-ନା ତାକୁ କିଛି କରିବାକୁ ପଡିବ । ତା' ସ୍ୱାଧୀନତା ତା' ହାତରେ । ପୁଣି ତାରି ହାତରେ ଆଜି ଦେଶକୁ ଗଢ଼ିବାର ନିହାଣ । ସିଏ ଗଢ଼ିବ । ନିଜ ହାତରେ । ନିଜ ଇଚ୍ଛାରେ । କାହାକଥାରେ ନୁହଁ, କାହା ଟଙ୍କା ଲୋଭରେ ନୁହଁ ।

ସିନ୍ଦୂରା ଫାଟିଲା, ସକାଳ ହେଲା । ବୋଧହୁଏ ମହନିର ବିରୋଧାଭାଷ ମଧ୍ୟରେ । ମା' ବୁଢ଼ୀ ଓ ରୂପାକୁ ଉଠେଇଲା । ତାଙ୍କ କାନରେ ଭୋଟ କଥା କହିଦେଲା । ସକାଳୁ ସକାଳୁ ଭୋଟ ଖଣ୍ଡକ ଦେଇ ଦେଇ ସିଏ ଯେଉଁଠି ହେଲେ କାମ ଧନ୍ଦାକୁ ଚାଲିଯିବ ।

ଭୋଟ କେନ୍ଦ୍ର ପାଖରେ ଲୋକ ଜମି ଗଲେଣି । ନେତା ପୁଅଙ୍କ ଚାରି ପଟରେ ଭିଡ । ମହନି ଗହଳି ଭିତରେ ଗଲା ଆଗକୁ । ପୁରା ପୁରି ନେତାଙ୍କ ପାଖକୁ । କହିଲା-

-"ଆଜ୍ଞା କାଲି ରାତିରେ ଆପଣଙ୍କ ଦେଇଥିବା ଟଙ୍କା ଫେରାଇ ନିଅନ୍ତୁ । ମୋର ଆଉ ସେ ସବୁଲୋଡା ନାହିଁ ।"

ନେତା ପୁଅଙ୍କ ମୁହଁ ଅପମାନରେ ଶେତା ପଡିଗଲା ଯେମିତି । ସତରେ କିଏ ଯେମିତି ତାଙ୍କୁ ବିଚ ବଜାର ଉପରେ ସଂପୂର୍ଣ୍ଣ ବିବସ୍ତ୍ର କରି ପକାଉଚି । ବକ୍ର ତୁଣ୍ଡରେ ତେରେଛି -ଚାହିଁ ହାଙ୍କିଲା ପରି କହିଲେ-

-"କିରେ ମହନି ! ମୁଁ କଣ ତୋରି ପାଇଁ ଭୋଟରେ ହାରିଯିବି ବୋଲି ଭାବିଚୁ ?"

ମହନି କହିଲା-"ଆପଣ ସବୁଦିନ ନେତା ହୋଇ ପାରନ୍ତି ଆଜ୍ଞା । କିନ୍ତୁ ଆମେ ସବୁ ଦିନ ଗରିବ ହୋଇ ରହିବୁ ନାହିଁ ।"

ବିଡ୍-ବିଡ୍ ହୋଇ ଆଉ କଣ ଗୁଡାଏ ନେତା କହିଯାଉଥିଲେ, ସେ ପ୍ରତି କାନ ନଦେଇ ମହନି ବାହାରି ଆସିଲା ଭିଡ ଭିତରୁ । ନେତାପୁଅ ଏତେ ଲୋକଙ୍କ ସାମନାରେ ଅପମାନିତ ହେବା ପ୍ରତି ସେ ଟିକିଏ ବି ଭ୍ରୁକ୍ଷେପ କଲା ନାହିଁ । ଭୋଟ କେନ୍ଦ୍ର ଆଡକୁ ସାଙ୍ଗରେ ବୁଢ଼ୀ ମା, ରୂପାକୁ ଧରି ଚାଲୁଥିଲା ।

ବାଟରେ ଜଗୁ ସାଆନ୍ତେ ଭୋଟ ଦେଇ ଫେରିଲେଣି । ତାଙ୍କୁ ଦେଖି ମହନି କହିଲା- "ସାଆନ୍ତେ କାଲି ମୁଁ କାମକୁ ଯିବାକୁ ମନା କରିଥିଲି । ହେଲେ ଏବେ ମୁଁ ଯିବି ଆଉ ଭୋଟ ଦେଇ ଆସିବି । ଆଜି କାମକୁ ଯିବି ।"

ଜଗୁ ସାଆନ୍ତେ ଅବାକ୍ ହୋଇ ଚାହିଁଥିଲେ ମହନି ମୁହଁକୁ । କିନ୍ତୁ ତା' ମୁହଁରେ ଦୃଢ଼ତାର ସ୍ପଷ୍ଟ ଚିହ୍ନ ।

❖

Digitized by PPRACHIN, SOA

ମେମ୍ ସାହେବର କାନି

ଆଜି ମନେ ପଡୁଛି, ଗାଁ ମଉଛବରେ ଭଲ ଗୋଟିପୁଅ ନାଚ କରୁଥିଲା ସିଏ । ବୟସ ସାତ କି ଆଠ ହେବ । ଏବେ ବି ତା' ଫଟା ପ୍ୟାଣ୍ଟ ପକେଟରେ ପିଲାଦିନର ଅନୁଭୂତି ଖୁନ୍ଦି ହୋଇ ରହିଛି । ଗାଁ ତୋଟାରେ ଖେଳ, କାକୁଡି, ପିଚୁଳି ଚୋରିଠାରୁ ଆରମ୍ଭ କରି, ଟଭା ମା'ର ଗାଳି ।

ଆହୁରି ମନେ ପଡୁଛି ତୋଟାରେ ସୁଆଙ୍ଗ ଦଳ ପଡିଥାଏ । ବାପା ତା'ର ସେଇ ସନକୁ ବେମାର । ମା' ବୁଢ଼ୀ ସଂଜ ସରିକି ହାତରେ ଡିବିରି ଧରି ଆଗକୁ ପାଦ ବଢ଼େଇଲେ ମଧ କଚଡାଖାଏ । ଥୁରୁ ଥରୁରୁ ହାତ ପାଦ , ଅଭାବୀ ସଂସାର ।

ସବୁ ଦୁଃଖକୁ ପିଠି କରି ସେଦିନ ସୁଆଙ୍ଗ ମାଲିକର ପାଦକୁ ଯୋରରେ ଜାବୁଡି ଧରିଥିଲା ସିଏ । -''ବାବୁ ମୁଁ ଭଲ ନାଚି ଜାଣେ । ମତେ ତମ ଦଳରେ ନିଅ, ଯାହା ପଛେ ଦବ ।''

Digitized by PPRACHIN, SOA

ତାପରେ ଖୁବ୍ ଲମ୍ବା ବାଳ କେରା ମୁଣ୍ଡରେ, ଆଖିରେ କଜ୍ଜଳ, ମଥାରେ ସିନ୍ଦୂର କଳି ଟାଣି ମରଦ ହେବାକୁ ଥିବା ସନେଇ ଘାଗରା ପିନ୍ଧି ନାଚ କଲା କିଛି କାଳ । ପି-କଥାରେ ତା ଜୀବନର ସବୁ ବଦଳେଇବାକୁ ଅଭ୍ୟାସ କଲା । ଚାଲି ଠୁଁ ବୋଲି । ଜବାବ ସୁଆଲ ଶିଖିଲା ଅଭିନୟରୁ । ଦର୍ଶକ ମାନଙ୍କ ପାଇଁ ମନଚାହିଁ ଅଭିନୟ କରିବା ପାଇଁ ନିଜସ୍ୱ ଦୁଃଖକୁ ପେଟ ଭିତରେ ଚାପି ରଖି ମୁହଁରେ ରଂଗ ମାଖି ମଞ୍ଚ ଉପରକୁ ଚାଲି ଯାଉଥିଲା ।

ଯେଉଁଦିନ ମାଲିକର ଅସଦ୍ ବ୍ୟବହାର ତା' ମଗଜରେ ନିଆଁ ଲଗେଇ ଦେଲା ତାପରେ ସେଠୁ ଛୁ । ଦାନା ପାଣି ଭେଳା ଖଣ୍ଡିକ ପୁଣି ଦିଶାହରା ହୋଇଗଲା । ନିରୁଦ୍ଦିଷ୍ଟ । ହେଲେ ନିର୍ଦ୍ଦିଷ୍ଟ ଥିଲା ତା' ଘରର ଠିକଣା; ଦରଦ ଥିଲା ତା ପାରିବାରିକ ଦୟନୀୟତାରେ, ଶଗଡିଆ ଭଡାପରି ପଁ ମାସକୁ ଟଙ୍କା କିଛି ଘର ଠିକଣାରେ ନପଠାଇଲେ ନଚଳେ । ଅପାସୋରା ବେମାର ବା' ପାଇଁ, ବୁଢ଼ୀ ମା' ପାଇଁ ।

ଟଙ୍କା ପଠେଇ ଦେଇ କେବଳ ଡାକ ବାବୁଙ୍କ ପଦେ ପଚାରିଦିଏ ବାବୁ ମୋ ବୁଢା ବା' ଭାଷା ପଠେଇଚି କି ? ପଢ଼ି ଶୁଣେଇ ଦିଅନ୍ତି ନି ! ତା ଧିଅ ଭଲ ଅଛି କି ନା, ମା' ବୁଢ଼ୀ ଏବେ ଚାଲି ପାରୁଛି କି ନାହିଁ ?'' ଆମ ବାଡି ପଟ ଅଗସ୍ତି ଗଛ ନା ଏଇ ମାସ ଆଡିକି ଫୁଲ ନଦି ହୋଇଯାଏ । ଏବେକୁ ତ ହେନ୍ତି ଫଳ ଧରିବଣି ଇତ୍ୟାଦି ।

ସବୁ ସକାଳ ହେଲେ ସମସ୍ତଙ୍କ ନିଦ ଭାଙ୍ଗେ କାଉ ରାବରେ । ଯାହାର ନିଦ ଡେରିରେ ଭାଙ୍ଗେ ସିଏ ଅଳସୁଆ । ଯା'ର ସଅଳ ଭାଙ୍ଗେ ସିଏ କାମିକା । ଆଉ ଯାହାର ନିଦ ହଜାରେ କାଉ ରଡିରେ ଭାଙ୍ଗେନା ସିଏ ଶବ ।

ଏମିତି ଦିନେ ଡାକବାବୁ ତା' ଚିଠିଖୋଲି ଶୁଣେଇ ଦେଲେ-''ବୁଝିଲୁ ସନେଇ ତୋ ମା' ବୁଢ଼ୀ ଗଂଗା ପ୍ରାପ୍ତି ହୋଇଗଲା ।'' ସେଦିନ ମୁହଁ ଲୁଚେଇ କାନ୍ଦୁ କାନ୍ଦୁ ଧରାପଡିଗଲା ମେମେସାହେବଙ୍କ ଆଖିରେ । ବାବୁ ନଥାନ୍ତି ଘରେ । ଯେଉଁ ଘରେ କାମ କରିବା ତାର ବରଷେ ପୁରିଗଲାଣି । ଜଡା ଠାରୁ ଜଡା ମା' ବୁଝିଲାପରି ତା' ମନରେ ବେଦନା ବୁଝିବା ପାଇଁ ମେମ୍ ସାହେବ ଥିଲା । ଯାହାକୁ ସେ ଭକ୍ତିରେ ଦିଦି ବୋଲି ଡାକେ ।

ବେଙ୍କ ମଳହଣ ପଡିଆସୁଚି ତା' ଲୁଗାକଚା ସବୁନି । ମେମଙ୍କର ଜାତି ଜାତିକା ଲୁଗା, କିସମ କିସମର ଜାମା, ଗାଉନ୍, ପେଟିକୋଟ ଇତ୍ୟାଦି ଇତ୍ୟାଦି । ଛୋଡ ବନ୍ଦ ଗୋଛାଏ । ତା' ହାତରେ ସଫା ମେମ୍‌ଙ୍କ ଦେହର ଚିକ୍କଣ । ଚେଷ୍ଟା କରି ବୁଢ଼ୀମା ପାଇଁ ବି' ଟୋପା ଲୁହକୁ ଆଉ ଲୁଚେଇ ପାରୁନଥିଲା ସିଏ । ତଥାପି ଧରାପଡି ମିଛ କହିଥିଲା- ''ନାଇଁମ ଦିଦି ଆଖିରେ ସାବୁନ ଫେଣ ଛିଟିକା ପଡିଗଲା ।''

ହେଲେ ଆଜି କଣ ପାଇଁ କାନ୍ଦୁଛି ? ବା'ପାଖକୁ ପଇସା ପଇଠ କରି ଆସିଛି ଏ ମାସ ପାଇଁ । ଗୋଟିଏ ପେଟକୁ ବଳି । ପୁଣି ଆଉ ଏ ଲୁହ କାହାପାଇଁ ? ଯେଉଁ ମେମ୍‌ସା'ବ ତାକୁ ପୁଅଠୁଁ

Digitized by PPRACHIN, SOA

ବଳି କରିଥିଲେ । ତା ଖାଇବା ପିଇବାରେ କେଉଁଥିରେ ଊଣା କରି ନଥିଲେ । ସନେଇ କିପରି ମଣିଷ ହେଉ । ଯୁଆନ୍ ପୁଅର ଭାଗ୍ୟ ପଥର ତଳେ ନା-ପତର ତଳେ ? ଆଜି ଚାହିଁଲେ କାଲିକି ନଥିବ ।

ବାବୁଘର ଖାନା କେଇଟା ଦିନରେ ତା' ଦିହରେ ରଂଗ ବଦଳେଇ ଦେଲାଣି । ସୁଢ଼ଳ ସୁଠାମ । ହେଲେ ଏକଥା କାହିଁକି ଯେ ବାବୁଙ୍କ ଆଖିରେ ଯାଏନା । ହର କଥାରେ ଟିଂ-ଟିଂ । ଦିନେ ଅଧେ ବାବୁ ମେମ୍‌ଙ୍କ ଭିତରେ କଳି ତକରାଳ ବି ଲାଗିଚି ଖାସ୍ ତାରି କାମ ପାଇଁ ।

ବାବୁ ବେଶି ଦିନ ବାହାରେ ରୁହନ୍ତି । ତେଣୁ ତାର ଭଲ କାମ ଆଖିରେ ଆଉ ପଡନ୍ତା କି ? ବେଳଉଣ୍ଡି ଢଗିଲା ଭଳି ଅପାଠୁଆ ଚାକର ଟୋକାର ଟିକିଏ ଭୁଲ ଭଟକା ଆଖିରେ ପଡିଗଲେ ଚିଡ଼୍‌ଚିଡ଼୍ । ଘରୁ ବେଘର କରିବାର ଧମକ୍ । ଅଭାଗା କପାଳରେ ଅଶିବ ଲେଖା ।

ସବୁଦିନ ପରି ନୁହଁ, ଆଜି କଥା ସପୂର୍ଣ୍ଣ ନିଆରା । ନିଜ କାନରେ ସିଏ ଶୁଣିଛି ତା ଦିଦି ଯୁକ୍ତି କରୁଥିଲେ ବାବୁଙ୍କ ସାଙ୍ଗରେ । ଭାରି ଗୋଟାଏ ଗୁମସୁମ ତାପରେ । କଥାର ଗତି କୁଆଡକୁ ଯିବ ଯେ ଘର ଭିତରର ପବନକୁ ବି ଅଜଣା । ହେଲେ ସିଏ ଖାଲି ଏତିକି ଶୁଣିଛି । ମେମ ସା'ବ କହୁଥିଲେ-''ଏତେ ଶାଢ଼ୀ ଅଛି ଗୋଟାଏ ଗଲା ଗଲା ।'' ଉତ୍ତରରେ ବାବୁ କହୁଥିଲେ-''ଦୁନିଆଁରେ ବହୁତ ଚାକର ପିଲା ଅଛନ୍ତି ସନେଇ ଚାଲିଗଲେ ଯେ ତମ ମୁଣ୍ଡ ବିନ୍ଧୁଚି କାହିଁକି ? ମେମ ଚୁପ । ପାଟିରେ କଥା ନାହିଁ ।

ଏତେ ଦିନର ଗାଳି ଫଜିତ୍ କୁ ସହି ସହି ଆଜି ଆଉ ସହି ପାରିଲା ନାହିଁ । ବାବୁଙ୍କ ପାଖରୁ ହାରି ଯାଇଥିବା କୁଆଡିଟି ପରି ଫେରି ଆସୁଥିଲେ ମେମ୍ । ମୁହଁ ଭାରି ଭାରି । ଶ୍ରାବଣର ମେଘ ଖଣ୍ଡ ପରି । ବୈଠକ ଖାନାରୁ ଶୋଇବା ଘରକୁ ଚାଲିଯିବାବେଳେ ସେ ଆଖିର ଲୁହ ବନ୍ଧ ଭାଙ୍ଗି ଧସେଇ ପଶି ଯାଉଥିଲା ଯେମିତି ସନେଇ ଛାତି ଭିତରକୁ । ତା' ସପୂର୍ଣ୍ଣ ସତ୍ତାକୁ ବୁଡେଇ ଦେବାକୁ ।

ସନେଇ ସେ ଲୁହର ମାନେ କଣ ଜାଣି ନଥିଲା । ଦରଦ କେତେ ମାପି ନଥିଲା । ଖାଲିଯାହା ତା' ଦେହପା' ଅଭାବ ବେଳେ ଘରେ ମା' ତାର ଯେମିତି କାନ୍ଦୁଥିଲା, ଲୁହଝରାଉ ଥିଲା । ଠିକ୍ ସେଇ ଲୁହ । ଜଳକା ଲୁଣି ପାଣି ନା-ଆଉ କିଛି ?

ସେ ଲୁହ ଝରଣାରେ ଧୋଇ ପରିଷ୍କାର ଦେଖାଯାଏ, ଏଇ ବାବୁ ଘରେ ରହିବା ଦିନର ଅତୀତ ଗୁଡା । ସିଏ ଦିଦିର ସ୍ନେହ ଦେଖିଛି । ଶାସନ ବି ସହିଛି । ତିକ୍ତ ମଧୁର ସେ ଅନୁଭୂତି । ଗୋଟାଏ ଅବ୍ୟକ୍ତ ମୟ ସମାପ୍ତି ଠିକ ଆସମାପ୍ତି ପରି ।

ଦେହ ଖରାପ ହେଲେ ଔଷଧ ଉପରୁ ଆସ୍ଥା ତୁଟିଯାଏ, କିନ୍ତୁ ସବୁ ଆସ୍ଥା ପୁଣି ଜମାଟ ବାନ୍ଧିଯାଏ ତା' ଦିଦିର ହାତ ପରଶରେ । ତା ଯନ୍ତ୍ରଣାଦଗ୍ଧ ମଥା ପାଇଁ ବିଛେଇ ଦେଇ ଥିବା ଦିଦିର କୋଳ, ତା ଅରୁଚୁ ଧରିଥିବା ପାଟିକୁ ଦିଦି ହାତର ପଥ୍ୟ, ସବୁ ମିଶି ଯେମିତି ତା ଜୀବନକୁ ଭିନ୍ନ ଏକ ଶାନ୍ତିର ପୃଥିବୀ ଆଡକୁ ମୁହେଁଇ ଦେଇଥିଲା ।

Digitized by PPRACHIN, SOA

ବାବୁଘର ଦାନାପାଣିର ମୋହ ଖୁବ୍‌ଛୋଟ ମନେ ହେଲେ ବି, ସନେଇ ପାଇଁ ତା' ଦିଦି, ବାବୁଙ୍କ ଗାଳି ଫଜିତ୍ ସହିବ ! ଲୁହ ଝରେଇ କାନ୍ଦିବ ! ଏ କଥା କେବେ ହୋଇ ପାରେନା । ତାକୁ ସଂସାରରେ ଅନେକ ଜାଗା ମିଳିବ । ହେଲେ ତା ପାଇଁ ଦିଦି ଆଖିରେ ସଂଚିତ ମମତାର ମୋତିଗୁଡ଼ା ଏମିତି ଅକାଳରେ କାହିଁକି ନିଃଶେଷ ହୋଇଯିବ । ମୋହ ତୁଟିଗଲା ପ୍ରାୟ, ଏଇ ନିଷ୍ପତ୍ତିରେ ।

ସିଏ ଗୋଡ କାଢ଼ିବ ତେଣିକି ସେ ପାଦ ଯୁଆଡେ ଟାଣିନେବ । ସନେଇ ଆଖିରେ ଲୁହ ଜକେଇ ଆସୁଥିଲା । ସେଲୁହ ତା ଦାନାପାଣି ପାଇଁ ନୁହଁ । ତା' ବା'ର ଅବଶିଷ୍ଟ ଜୀବନ ପାଇଁ ନୁହଁ । ତା ନିଜ ପାଇଁ ଗୋଟିଏ ସ୍ନେହ ସବଂଧର ଅଭଙ୍ଗା ସେତୁ ଲମ୍ବେଇ ବସିଥିବା ତା' ମେମ୍‌ପାଇଁ । ତା ଛୋଟ ମୁହଁର "ଦିଦି" ପାଇଁ ।

ତଥାପି ସିଏ ଉଠିଲା ଲୁହପୋଛି ଦିଦିର ଶୋଇବା ଘରକୁ ଯିବବୋଲି । ତା ପୁରୁଣା ଜାମା ପ୍ୟାଣ୍ଟ ଦି'ଖଣ୍ଡ ବାନ୍ଧିଲା ।ବହୁ ଦିନରୁ ସାଇତି ରଖିଥିବା ଛୋଟିଆ ଗୁଡି ନଟେଇ, ନଟକୁ ଭୁଲି ନଥିଲା ।

ଭାରି ଭାରି ମୁହଁରେ ମନର କୋହକୁ ଚାପିରଖି କେତେବେଳୁ ତା ପଛରେ ଆସି ତା ଦିଦି ଠିଆ ହେଲେଣି । ଯା' ଭିତରେ ତାକୁ ଜଣା ନଥିଲା । ଆଖି ଉଠେଇ ଚାହିଁଲା ସନେଇ, କହିଲା ସେଇ କାନ୍ଦୁରା କଣ୍ଠରେ-"ଦିଦି ମୁଁ ଆଜି ଚାଲିଯାଉଚି, ତୁମକୁ ରାଣ ଦେଇ କହୁଛି ମୋ ପାଇଁ ଆଉ ତମ ଆଖିରୁ ଯେମିତି ଲୁହ ନବୁହେ । ତା' ନହେଲେ ଏ ଦୁନିଆଁରେ କେଉଁଠି ହେଇ ବି ତମ ସନେଇ ଶାନ୍ତିରେ ରହିପାରିବନି ।"

ମେମ୍‌ସାବ'ବଢ଼େଇ ଦେଲେ ତା ହାତକୁ ଗୋଟିଏ ପ୍ୟାକେଟ । ସେଥିରେ କଣ ଥିଲା ଜାଣିବାକୁ ତାର ଆଗ୍ରହ ନଥିଲା । ହେଲେ ବେଦନାର ଲୁହ ଝରି ଆସୁଥିଲା ତା ଦିଦି' ଆଖିରୁ । ସନେଇକି ମନେ ହେଉଥିଲା ଯେମିତି ତା ଦିଦି ଆଖିର ଲୁହରେ ସବୁ ଭୁଲ୍‌ଗୁଡା ତାର ଧୋଇ ହୋଇଯାଉଛି । ଆଉ ସେ ମୁହଁକୁ ଚାହିଁ ପାରିଲାନି । ଗୋଡ କାଢ଼ି ବାହାରି ଆସିଲା ପଦାକୁ ।

ଫାଟକ ଡେଇଁ ଆସିଲା ବେଳକୁ ତା ମନକୁ ମନ ଗୁଣି ହେଉଥିଲା"କେଉଁଠି ଥିଲା ଏ ଡହଳୀ ଗାଈଟା କେଜାଣି କିଛି ଖାଇବାକୁ ନପାଇବା ପରି ସିଏ ବାଡ଼ରେ ଶୁଖେଇଥିବା ତା ଦିଦିର ଦାମିକା ସିନ୍ଥେଟିକ୍ ଶାଢ଼ୀର କାନିଟାକୁ ଚୋବେଇ ଚୋବେଇ ଖାଇଦେଲା ।

❖

Digitized by PPRACHIN, SOA

ସେ ଏକ ଶହୀଦ

ଏଇ କେତେଦିନ ହେବ ଆମ ଗାଁ ମୁଣ୍ଡ ବସ୍ତିରେ ଗୋଟାଏ ଖାଁ-ଖାଁ ଭାବ ଲାଗି ରହିଛି । ଯିଏ ଯୁଆଡେ ଯାଉଛନ୍ତି ଆସୁଛନ୍ତି ପ୍ରତିଦିନ ପରି ଖୋଲା ହୋଇଚି କରିମ୍ ଚାଚାର ଟିଣ ବାକ୍ସ ଫ୍ୟାକ୍ଟେରୀ । ଗଦା ଗଦା କଟାଟିଣ । ଦନା ମିଆଁର କୁକୁଡା ପେଟିରେ ଚେଁ -ଚାଁ ହେଉଛନ୍ତି, ମାଂସ କୁକୁଡା ଗୁଡା । ପେଟି ଭିତରୁ ତାର ଜାଲି ପାଖରେ ଯେମିତି କହୁଛନ୍ତି ଲୋକଙ୍କୁ ଡାକି ''ହେ-ହେ ଆମକୁ ଖାଦ୍ୟ ଦିଅ-ଆମେ ତମକୁ ମାଉଁସ ଦବୁ ।''

ସେପଟେ ଲମ୍ବା ପାଚେରୀ, ସଲିମ୍ ଚାଚାର ଘର । ପାଚେରୀରେ ବଜରଂଗ ଦଳଙ୍କ ଇଟାରଂଗର ଲେଖାଗୁଡାକ ପରିଷ୍କାର ଦିଶୁଚି । ''ହିନ୍ଦୁ ମୁସଲମାନ ଭାଇ ଭାଇ, ଗୋ' ହତ୍ୟାକାରୀଙ୍କୁ ଛାଡିବା ନାହିଁ ।'' ଲେଖାରେ ଭାବତ ଅନେକ ଅଭାବ ବି ଅନେକ । ଏବେ ବି ନାକରେ ବାଜୁଛି ପଚା ଗୋ ମାଂସର ଗନ୍ଧ । ଆଗପରି ଏତେ ନଥିଲେ ମଧ ସଂପୂର୍ଣ୍ଣ ବନ୍ଦ ହୋଇନି ଏ ପ୍ରଥା । ବିଚିତ୍ର ଲାଗେ, ଆଶ୍ଚର୍ଯ୍ୟ ମଧ ଲାଗେ କୁକୁଡା ମାଂସ ବିକିବା ଆଉ ଗୋ-ମାଂସ ଖାଇବାର ଅଦ୍ଭୁତ ମାନସିକତା ପାଇଁ । ଯେମିତି ଲାଗେ କରିମ ଚାଚା, ସଲିମ୍ ଚାଚା ଙ୍କ ପରି ଚରିତ୍ର ମାନଙ୍କୁ ଦେଖିଲେ, ପୁଣି ୟୁସୁଫ, ଦନାମିଆଁ, ରୋଷନ୍ ମିଆଁ ପରି ଲୋକଙ୍କୁ ଦେଖିଲେ ଅଲଗା ଗୋଟାଏ ଭାବ ଚାଲିଆସେ ମନରେ । କଣ ପାଇଁ ଏ ବିଭେଦ ଥାଏ ମଣିଷ ଭିତରେ । କରିମ ଚାଚା ଭାଷାରେ ''ଲହୁକା ରଂଗ ହି ତୋ ଏକ ହୈ ।'' ଗୋଟିଏ ମାନସିକତା ଭିତରେ ସାମାନ୍ୟ କେତେ ଟିକେ ପ୍ରଭେଦ ପୁଣି କେତେ ବଡ ଅଲଂଘ୍ୟ ପାଚେରୀ ଠିଆ କରିଛି ଆମ ସାମ୍ନାରେ । ବସ୍ତି ଆଉ ଗାଁ ଭିତରେ ।

କେତେକାଳ ମତେ ଜଣା ନାହିଁ । କେଉଁ ଏକ ମାନବୀୟ ସୂତ୍ରରେ ଏଇ ବସ୍ତିର ଭିତ୍ତି ଆରମ୍ଭ ହୋଇଥିଲା ଆମ ଗାଁ ମୁଣ୍ଡକୁ ଲାଗି । ସମସ୍ତେ ଏ ଯାବତ୍ ମିଶି ଚଳି ଆସୁଛନ୍ତି । ଏକ, ଅଭିନ୍ନ ପରି । ଏଇ ଅଭିନ୍ନତା ଭିତରେ ଯାହା ଖାଲି ଅଳ୍ପ ଟିକିଏ ନିଜସ୍ୱ ରଂଗ ମାଖି ଦେଉଚି ଭିନ୍ନ ଏକ ଆକୃତି ପ୍ରକୃତି କରି । ସିଏ ବସ୍ତି ନୁହଁ କି, ଆମ ଗାଁ ନୁହଁ । ସେଠି ଯେମିତି ୟୁସୁଫ, ଦନା, ରୋଷନ୍ ପରି ଚରିତ୍ରମାନେ ଅଛନ୍ତି ଭାରତ ପାକିସ୍ଥାନ ମ୍ୟାଚ୍ ବେଳେ ବାଜି ଲଗେଇ ବସିଯାଆନ୍ତି ଟିଭି ପାଖରେ । ପାକିସ୍ଥାନ ହାରିଗଲେ ମନ ଊଣା କରନ୍ତି ।

ଆମେ ଯେତେବେଳେ ସପ୍ତମ ଅଷ୍ଟମରେ ପଢୁଥିଲୁ,ଲାଲୁ, ଚେମା, ସାଉଣ୍ଡା, ନାଦିରା, ରମିଜ୍, କାଦର ସାଙ୍ଗ ହେଉ । ପ୍ରତିଦିନ ସ୍କୁଲରୁ ଫେରିଲା ବାଟରେ କରିମ୍ ଚାଚା ଟିଣ-ଫ୍ୟାକ୍ଟ୍ରି ଆଡେ ବୁଲିଯାଉ । ଚାଚାର ଦୋକାନରେ ଗୋଟିଏ ସ୍ୱତନ୍ତ୍ର ଆକର୍ଷଣ ଥିଲା ଯେ ଆମକୁ କେବେ ସିଏ ଚକୋଲେଟ୍ ବିସ୍କୁଟ ନ ଦେଇଛନ୍ତି । କେତେ ସ୍ନେହୀ, କେତେ ଉଦାର ! ଛୋଟ ବେଳେ ଆମେ

Digitized by PPRACHIN, SOA

କଣ -କଣ ଯେ ଭାବୁ । ସେ କଥା ବହୁତ ମନେ ପଡେ ଆଜି ବି କରିମ ଚାଚା, ସଲିମ ଚାଚା ଅଛନ୍ତି, ବହୁତ ବୁଢ଼ା ହୋଇଗଲେଣି । ଆମପରି ଯୁଆନ ଟୋକାଙ୍କୁ ଦେଖିଲେ ପାଖକୁ ଡାକନ୍ତି । ହିମ୍ମତର ବାଣି ଶୁଣାନ୍ତି । ନିଜ ଗୋଡରେ ଠିଆ ହେବାକୁ ରାସ୍ତା ବତେଇ ଦିଅନ୍ତି । ତାଙ୍କ ପରି କେତେକ ମୁନାଫା ଥାଇ ବେପାରକୁ ଆଖିରେ ଦେଖି ଦେଖି ଆମ ଗାଁର ରତନ ବଜାରରେ ଗୋଟେ ଧୂପ ଫ୍ୟାକ୍ଟ୍ରି କରିଛି । ଯୋତା କମ୍ପାନୀ ମଧ୍ୟ ତିଆରି କରିଛି । ଆମରି ସାଙ୍ଗରେ ପଢୁଥିବା ଝିଅ ନାଦିରା ଏବେ ବଡ ହୋଇଗଲାଣି, ଖାସ୍ ଯିବା ଆସିବା କରେ ଆମ ଗାଁ ସରିତାଙ୍କ ଘରକୁ । ଖାଇବା ପିଇବା ଚାଲେ । ମୁଁ ବିଶୁଣେ ନଦିରା ମିଳାମିଶା କରେ ରାଜୁ ସହିତ୍ ତା ପାଠ ପଢ଼ାବେଳୁ । ଏ ଦୁଇ ଜଣଙ୍କ ବ୍ୟବହାରକୁ ନେଇ କେତେ ଗୁମର କଥାବି କାନରେ ପଡେ । ସହଜରେ ଯେମିତି ଏମାନଙ୍କ ମିଳାମିଶାକୁ ଗ୍ରହଣ କରିପାରୁନି ନାହିଁ କେହି ଏପରିକି ରାଜୁର ବାପା ସୁରଥ ମହସା ଭାରି ଗୋଟାଏ ଆକଟ ବାନ୍ଧିଛନ୍ତି ଯେମିତି କଥାଟା ଖୋଲିଗଲେ କଣ ନାଇଁକଣ କରି ବସିବେ । ପୁଣି ନାଦିରାର ବଡ ଭାଇ ରୋଷନ୍ ଠାରୁ ଶୁଣିବାକୁ ମିଳେ ତା କ୍ରୋଧରେ ଦାଉ ଦାଉ ଜଳୁଥିବା ମନର କଥା । ଆମରି ଦେଖିବାରେ ଏ ବସ୍ତିର ସଲଖାନ୍ ଡେଲିଘର ଝିଅ ମାନସୀକୁ ନେଇ ଚାଲିଗଲା ବାହାହବାକୁ । ହେଲେ ମୋ ଜାଣିବାରେ ସଲ୍‌ଖାନ୍ ଭାରି ସଂରକ୍ଷଣ ବାଦୀ, ଭାରି ଗୋଟିଏ ସୀମିତ ଚିନ୍ତାର ବ୍ୟକ୍ତିତ୍ୱ । ବସ୍ତିର ଓ୍ୱାର୍ଡମେମ୍ବର, ଜାତିଆଣ ଆଂଟ ଭାରି ।

ଭୋଟ ବେଳେ ମନେ ଅଛି କେତେ ଚୁପ ଚୁପ୍ କଥାବାର୍ତ୍ତା ଚାଲେ । ରାତା ରାତି ମିଟିଂ ବସେ ବସ୍ତିରେ । ସଲଖାନ ପରି ଲୋକ ବି ନେତୃତ୍ୱ ନିଅନ୍ତି । ବେଳ ଉଣ୍ଡି ନେତାମାନେ ମଧ୍ୟ ସେମାନଙ୍କ ଭିତରେ ଭୋଟ ମଂଜି ବୁଣନ୍ତି । ଆପଣା ସ୍ୱାର୍ଥ ପାଇଁ ଜାତି ଆଣ କଥା କହନ୍ତି । ବିଭେଦର ପାଚେରୀରେ ରଂଗ ଦିଅନ୍ତି । ଭଙ୍ଗା କାଚ ଲଗାନ୍ତି । କହନ୍ତି ଅପରପାର୍ଟି ତମ ପାଇଁ ସଂରକ୍ଷଣ ନୀତିର ବିରୋଧ କରୁଛନ୍ତି । ତମ ମାନଙ୍କ ପାଇଁ ପରିବାର ନିୟୋଜନ ବାଧ୍ୟ ବାଧକତା ସୃଷ୍ଟି କରୁଛନ୍ତି । ଏପରିକି ତମର ପାକିସ୍ଥାନୀ ଜାତି ଭାଇଙ୍କ ସାଙ୍ଗରେ ହାତ ଅଛି ବୋଲି କହି ବୁଲୁଛନ୍ତି । ତମ ବସ୍ତିରେ ମାରଣାସ୍ତ୍ର ରହୁଛି । ମଦଭାଟି ଚାଲିଛି ବୋଲି ସଫେଇ ଦେଉଛନ୍ତି ଇତ୍ୟାଦି ଇତ୍ୟାଦି କେତେ କଥା । ସେ ଟୋପି ପିନ୍ଧା ନେତାଙ୍କ କଥା ଶୁଣି ଥୋକେ ମାତି ତାତି ଉଠୁଛନ୍ତି ତ କରିମ୍ ଚାଚାଙ୍କ ପରି ଲୋକ, ଏଗୁଡା ସ୍ୱତନ୍ତ୍ର ଚାଲବାଜୀ ଭାବି ନିଜ ପିଲା ମାନଙ୍କୁ ଆକଟି ନଉଛନ୍ତି । ଏଇ ଆକଟ ଲାଗି କରିମଚାଚାଯେ କେତେ ଥର ଗାଳି ନଶୁଣିଛନ୍ତି ନିଜର ପିଲାମାନଙ୍କ ଠାରୁ ଏକଥା ନୁହଁ । ତଥାପି ସେମାନେ ଅଭଙ୍ଗା ପାହାଡ ।

ପୁଣି ସେଇ ଟୋପି ପିନ୍ଧାଲୋକମାନେ ଆସି ଆମ ଗାଁରେ ମଧ୍ୟ ମିଟିଂ କରନ୍ତି । ଆଉ କହନ୍ତି ''ଭାଇମାନେ ଅମୁକ ଦଳ ଶାସନରେ ରହି ସଂଖ୍ୟା ଲଘୁଙ୍କ ପାଇଁ ସଂରକ୍ଷଣ କରିଛି । ଦେଶର ରାଜକୋଷକୁ ଗାଦୀ ଲୋଭରେ ସେଇ ମାନଙ୍କ ପାଇଁ ବରବାଦ କରୁଛି । ଅଥଚ ସେମାନେ ଜାତୀୟ ପତାକାକୁ ଅସମ୍ମାନ କରୁଛନ୍ତି ।''ଆହୁରି ମଧ୍ୟ ମୁରବୀ ପଣିଆ ଦେଖେଇ କହନ୍ତି ''ଦେଖ ଭାଇମାନେ

Digitized by PPRACHIN, SOA

ଏ ମାନେ ଭାରତରେ ରହିଛନ୍ତି ଭିତିରିଆ ପାକିସ୍ଥାନକୁ ସାହାଯ୍ୟ ପଠେଇବ କିଆଁ ? ଆମ ଚାକରିଆଙ୍କ ପାଇଁ ଦୁଇରୁ ତିନି ଛୁଆ ହେଲେ ଏକରୁ ଦୁଇ ସ୍ତ୍ରୀ ହେଲେ ପଦୋନ୍ନତି, ଦରମା ବଢ଼ିବା ବନ୍ଦ, ହେଲେ ସେମାନଙ୍କ ପାଇଁ କିଆଁ ନିୟମ କାନୁନ୍‌ର ଆକଟ ନାହିଁ ? ସେମାନଙ୍କ ଛୁଆ ପାଇଁ ପାଠପଢ଼ା ଭରା ଥିଲାବେଳେ ଆମପିଲା କାହିଁକି ପଇସା ଅଭାବରୁ ସ୍କୁଲ୍ ଦୁଆର ମାଡି ପାରନ୍ତି ନାହିଁ ? ଏକଥା ବି ଆମ ଗାଁର ରାଜୀବ, ଗୋପୀ, କାହ୍ନୁଆ, ସଂଜୀବ ପରି ଟୋକା ମାନଙ୍କୁ ତାତି ଯିବାର କମ୍ ଖୋରାକ୍ ଦିଏ ନାହିଁ । ତା ପରେ ବି ଆମ ଗାଁର ମୁରବୀ ପଣିଆ କରି ନରିଆଦି' ଶାମୁ କକାଙ୍କ ପରି ଲୋକ ମଧ୍ୟ ତାଙ୍କର ଏ ଭୋଟ ଚାଲକୁ ପଦାରେ ପକାଇ ଦିଅନ୍ତି । ଗାଳି ଫଜିତ୍ ବି କରନ୍ତି ସେଇମାନଙ୍କ ମୁହେଁ ମୁହେଁ ।

ତା ସତ୍ତ୍ୱେ ମଧ୍ୟ ବସ୍ତି ଆଉ ଗାଁ ଟୋକାଙ୍କ ଭିତରେ କେବେ କେବେ ଟକରାଳ ଯେ ନ ହୁଏ ତା ନୁହେଁ । ପୁଣି ବି ଭଙ୍ଗା ପଡେ । ହୋଲି ଖେଳ ହୁଏ । ରଂଗର ମେଲଣ ହୁଏ । ଦାଢ଼ି ଭର୍ତ୍ତି ମୁହଁରେ ଅଭିର-ରଂଗ ଲେସି ହୋଇଥିବା ସଲିମ ଚାଚା ପରି ବହୁତ ଲୋକ ମଧ୍ୟ ହସି-ହସି ନାଚି ଉଠନ୍ତି । ଆଉ ଭାରି ଖୁସି ଲାଗେ ପ୍ରତିବର୍ଷ କରିମ୍ ଚାଚାକୁ ମାଙ୍କଡ ପରି ରଂଗରେ ସଜେଇ ତାଙ୍କ ଧୋବ ଫରଫର ଦାଢ଼ିରେ ହାତ ବୁଲେଇ ମଜା କରିବାକୁ । କେତେଥର ଏଇ ବଚା ବସଲ ଚାଚାକୁ ପଚାରି ବୁଝିଚୁ ।

"କରିମ୍ ଚାଚା ତମେ ମସଜିଦ୍‌ରେ କି ପ୍ରାର୍ଥନା ପଢ଼ ? 'ଏଇ ଲାଏଲହା-ଇ-ଲଲ-ଲାହା'ର ଅର୍ଥ କଣ ? ତମେ ପଢୁଥିବା ନମାଜର ଭାବାର୍ଥ କଣ ?"

ସବୁ ବୁଝେଇ ସାରିଲା ବେଳକୁ ଚାଚା କିଏ ଆମେ କିଏ ? ହିନ୍ଦୁ କଣ ମୁସ୍ଲିମ୍ କଣ ? ଗୀତା କଣ କୋରାନ କଣ ? କିଛି ବାରି ହୁଏନା, ସବୁର ସ୍ୱାଦ ଯେମିତି ଏକ, ଅଭିନ୍ନ । ହେଲେ ବୁଝୁଚି କିଏ ?

ମଣିଷର ଜନ୍ମଗତ କାମ, କ୍ରୋଧ, ଲୋଭ, ମୋହପରି ବିକାର ମାନଙ୍କୁ ନେଇ । ତା'ନହେଲେ କାହିଁକି ଯେ ଛୁଆଟା ମାଟି ନଛୁଉଁଣୁ ମା' କୋଳ ଭିନ୍ନ ଅନ୍ୟ କୋଳକୁ ବାରି ପାରେ-ରା'ଧରେ । ଖାଲି କ୍ଷୀର ଟିକିଏ ଚୋଷିବା ଲୋଭରେ ନା-ଆଉ କିଛି ? ବଡ ହେଲେ ତ ଆହୁରି କଥା । ସଂପୂର୍ଣ୍ଣ ନିଜସ୍ୱ ଚିନ୍ତାରେ ଅନ୍ଧ ହୋଇ ପର ଅପର ଭାବ ବହି ଅନ୍ୟାୟ କରି ବସେ । ଆତ୍ମଜ୍ଞାନ ହରାଏ । ସମଭାବ ପୋଷଣ କରି ପାରେନା । ତଥାପିତ ସେଇମାନଙ୍କ ଭିତରେ ଆମେ ଜ୍ଞାନୀ ଚିହ୍ନିବା, ଆତ୍ମଜ୍ଞାନୀ, ମହନ୍ତ ଚିହ୍ନିବା । ଚିହ୍ନୁ ଏଇମିତି ଯେ, ଯିଏ ଏଇସବୁ ବିକାରମାନଙ୍କ ହାତରେ ଆପଣା ମନକୁ କଣ୍ଢେଇ କରେ ନାହିଁ । ଏଇ ଭିନ୍ନତା ଭିତରେ ଅଭିନ୍ନତା ଦେଖେ । ଜୀବରେ ଦୟାଭାବ ବହେ । ସଭିଙ୍କୁ ସମଜ୍ଞାନ କରେ ।

କଥା ଏତିକି କି ଏବେ ବୁଝେଇବ କିଏ କାହାକୁ ? କିଏ ସେଇ ଗର୍ବିତ ପାହାଡ ମାନଙ୍କର ଚୂଡାକୁ ନୁଆଁଇ ପାରିବ ? ଶାମୁ କକା-ନା-କରିମ ଚାଚା ?

Digitized by PPRACHIN, SOA

ଏବେ କାଶ୍ମୀରରେ ଲଢେଇ ଚାଲିଛି । କାରିଗିଲରେ ଶହ ଶହ ସୈନିକ ମରୁଛନ୍ତି । ପାକିସ୍ଥାନୀ ଅନୁପ୍ରବେଶକାରୀ ଅନ୍ୟାୟରେ କାଳେ ଭାରତ ସୀମା ଭିତରକୁ ବହୁକାଳୁ ପଶି ଆସି ଏବେକୁ ଧରା ପଡୁଛନ୍ତି । ଗୁଳି ଗୁଳା ଚାଲିଚି । ବଙ୍କର ଖୋଳା ଚାଲିଚି । ଆପଣା ହକ୍‌କୁ ଛାହିର୍ କରିବାକୁ ଲଢ଼େଇ କରି ଯିଏ ଶହୀଦ ହଉଚନ୍ତି ପରମ ବୀରଚକ୍ର ଉପାଧି ଦିଆ ହଉଛି । ମରି ଅମର ହୋଇଯାଉଛନ୍ତି । ବରଫ ଶେଯରୁ ଆସି ଫୁଲ ଶେଯରେ ଶୋଉଛନ୍ତି । ମାଆ ପାଇଁ ଭେଣ୍ଡା ପୁଅ ମାନେ ଲଢ଼େଇ କରିବେନି ତ ଆଉ କରିବ କିଏ ? କରୁଛନ୍ତି, ହା-ବାଁ ନଉଛନ୍ତି । ହେଲେ ବାଃ-ବାଃ କଲାଲୋକ କିଏ ? କାହା ବାହା-ବା'ର କୁମ୍ଭୀର କନ୍ଦଣା ଶୁଭୁଛି ? ଯିଏ ଲଢ଼େଇ କରେଇ ପାରୁଛନ୍ତି । ମତେଇ ତତେଇ ପାରୁଛନ୍ତି । ଯିଏ ବିଭେଦର ନିଆଁକୁ ଅଂଟିରେ ଧରିଛନ୍ତି, ଧରି ଥିଲେ ଧରିଥିବେ ।

ଏଇକଥା ବୁଝେଇ ବୁଝେଇ ନୟାନ୍ତ ହୋଇ ବୋଧହୁଏ କରିମ୍ ଚାଚା ନିରୂପାୟ ହୋଇ ଗଲେଣି । ବସ୍ତି ମିଟିଂରେ । କିଏ କହୁଚି କାଲିକି ଆମ ବସ୍ତିର ଭାଇମାନେ "ପାକିସ୍ଥାନ ହାଏ-ହାଏ ଆମର ଶହୀଦ ଅମର ରହେ ।" ସ୍ଲୋଗାନ ଦେଇ ଗୋଟିଏ ପଟୁଆର ସଦର ରାସ୍ତା ଦେଇ କିଲଟର ପଡିଆ ଯାକେ ଯିବ । ଆଉ କିଏ କହୁଚି - ନା ଏ କଥା କି ହୁଏ ? ଆମ ଭାଇ ବି ସେଠି ମରୁଛନ୍ତି । ଆମେ ଏଠି ରହିଲେ କି ତାଙ୍କ ରକତର ନୁହଁ ? ଆମେ କଣ ତାଙ୍କ ପାଇଁ ପଦେ କହି ପାରିବାନାହିଁ । ଟୋପେ ଲୁହ ଝରେଇବା ନାହିଁ ! ଧିକ୍ ଆମ ରକତ । ଧିକ୍ ଆମ ଭାଇ ପଣିଆ । ହେଲେ ଏ କଥାକୁ କେମିତି ବା ଟାଳି ପାରୁଛନ୍ତି କରିମ ଚାଚା । ତଥାପି ବୁଝେଇ ବୁଝେଇ କହୁଛନ୍ତି -

"ଦେଖ ଭାଇମାନେ, ପାକିସ୍ଥାନରେ ରହୁଥିବା ଆମ ମୁସଲମାନ ଭାଇ ଆମର ଭାଇ ହୋଇ ପାରନ୍ତି ବିରାଦର ନୁହଁନ୍ତି । ମଣିଷ ହୋଇ ପାରନ୍ତି, ଆମ ଖୁନ୍ ହୋଇ ପାରନ୍ତି କିନ୍ତୁ ଭାରତୀୟ ନହୋଇ ପାରନ୍ତି । ଏଠି ନ୍ୟାୟ ଅନ୍ୟାୟର କଷଟି କିଏ ଧରିନି, ଧରୁଛି ଏଇ କଥାକୁ । ପାକିସ୍ଥାନ ଯୁଦ୍ଧ କରୁଚି ଭାରତ ବିରୁଦ୍ଧରେ । ଭାରତ ଯୁଦ୍ଧ କରୁଚି ପାକିସ୍ଥାନ ବିରୁଦ୍ଧରେ । ଏବେକୁ ପାକିସ୍ଥାନ ତ ଆଉ ଆମ କେତେ ଭାଇଙ୍କୁ ଠାବ କରି, ଆମେ ରହୁଥିବା ଅଞ୍ଚଳକୁ ଛାଡି ଦେଇ ଅନ୍ୟମାନଙ୍କପାଇଁ ଦୁଷ୍ମନ ହୋଇ ନାହିଁ । ସାରା ଭାରତ ପାଇଁ ଦୁଷ୍ମନ ସାଜିଛି । ତେଣୁ ସେ କ୍ଷେତ୍ରରେ ଆମକୁ କେଉଁ ପରିଚୟରେ ବଂଚିବାକୁ ହବ ? ଆମେ ତ ଏଇମାଟିରେ କବର ନେବା-ନା ଆମକୁ କିଏ ଆମର ସଂପର୍କ ଚିହ୍ନି ସେ ମାଟିରେ ପକେଇ ଦେଇ ଆସିବ । ସବୁଠି ନ୍ୟାୟ, ଅନ୍ୟାୟ ଅଛି । ସମାଧାନ ବି ଅଛି । ହେଲେ ନିଜକୁ ଚିହ୍ନି, ମା'-ମାଟିକୁ ଚିହ୍ନ । ଚାଲ ମୋ କଥା ମାନି କାଲି ସମସ୍ତେ ପଟୁଆରରେ ଯିବା । ସହର ଗାଁ-ବୁଲି-ବୁଲି ଆମର ଅନ୍ତରର କଥା, ଆମର ସମବେଦନା ପଦେ ନ ଜଣେଇଲେ ଆମେ କୃତଘ୍ନ ହୋଇ ଯିବା, ମୁଜରିମ୍ ବନି ଯିବା । ଆହୁରି ବି ବଡ ପାଟିରେ ସ୍ଲୋଗାନ ଦେବା- "ଭାରତ ମାଆ ଆମର ମାଆ, ଅମର ଶହୀଦ୍ ଓ୍ୱା-ଓ୍ୱା । ଆମର ଶହୀଦ୍ ଅମର ରହେ । ତ୍ରିଂରଗା ଝଂଡା ଶାନ୍ ସେ କହେ ।"

Digitized by PPRACHIN, SOA

କରିମ୍ ଚାଚା ମୁହଁରୁ ଏକଥା ଶୁଣି ପ୍ରାୟ ସମସ୍ତଙ୍କ ମୁହଁରେ ଚମକିଲା ଚମକିଲା ଭାବ ତେଇଁ ଆସୁଥିଲା । କେତେକଙ୍କ ପାଟିରୁ ଆନନ୍ଦରେ ଓ୍ୱା-ଓ୍ୱା ବାହାର ବାହାର ହେଉଥିଲା । ହେଲେ -ଅଛ କେତେକ ଯୁଆନ ଟୋକା ସେଥିରେ ଅମଙ୍ଗ ଥିଲେ । "ନା-ଏକଥା ହୋଇ ପାରିବ ନାହିଁ । ତମେ ସବୁ ଯିଏ ଯିବା କଥା ପଟୁଆରରେ ଯାଅ, ଆମେ ଯିବୁ ନାହିଁ ।"

ସ୍ୱର ବହୁତ କମ୍ ଥିଲା ଆବାଜ୍ ବି କମ୍ । ବହୁ ଲୋକଙ୍କ ଓ୍ୱା-ଓ୍ୱା ଭିତରେ ବୁଡ଼ି ଯାଉଥିଲା ଯଦିଓ, ସଂପୂର୍ଣ୍ଣ ଲିଭିଗଲା ପରି ଲାଗୁ ନଥିଲା । ସେତେବେଳକୁ ପୁଣି କରିମ୍ ଚାଚା କହିଲେ- "ଭାଇମାନେ କାଲି ସକାଳେ ସବୁ ଭେଦାଭେଦ ଭୁଲି ସମସ୍ତେ ପଟୁଆରରେ ଯିବା ।" ସମସ୍ତେ ହଁ-ହାଁ କଲେ । ସଭା ଉଠିଲା ।

ରାତି ପ୍ରାୟ ଅଧା କି ତିନିପା' ହେବ । ଚାଚା ଫ୍ୟାକ୍ଟ୍ରିର ଟିଣ କବାଟ ଠେଲି ଭିତରକୁ ଆସିଲେ କେତେଟା ଛାଇ, ଠିକ୍ କାରଗିଲ୍‌ର ଅନୁପ୍ରବେଶ କାରୀଙ୍କ ପରି ଛପି ଛପି । ନିଃଶବ୍ଦରେ । ଉଚ୍ଚବାଚ୍ଚ ନାହିଁ ଉଠେଇଲେ ଚାଚାକୁ । ତାପରେ ଚାଲିଲା ତାକିତର୍କ । ଚାଚା ଅଡିଗ୍ ରହିଲେ । ସେମାନେ ମୁଣ୍ଡ ନୋଇଁଲେ ନାହିଁ । ଚାଲିଘଲେ । ଫରଚା ହେଲା । ପଟୁଆର ପାଇଁ ସଜଧଜ୍ ଚାଲିଲା । ସଲିମ୍ ଚାଚାଙ୍କ ମନଖୁସ୍ ଯା' ହଉ ସମସ୍ତେ ଆସି ଗଲେଣି । ଏତେବେଳକୁ ଖୋଜା ପଡିଲା କରିମ୍ ଚାଚାକୁ । ଆଗ ନାଟୁଆ କି-ନା ! ଯେଝା ଯେଝାର ବେପାର ବନ୍ଦ କରି ଆସିଲେଣି । ଦି' ଜଣଙ୍କୁ ପଠାଗଲାଣି କରିମ୍ ଚାଚାଙ୍କ ପାଖକୁ ହେଲେ ଲୋକ ଫେରି ଆସିଲେ । ଖବର ଆସିଲା,-"ଇନ୍ତେକାଲ !"

କରିମ୍ ଚାଚାର ମଲା ଦେହଟା ତାଙ୍କ ଫ୍ୟାକ୍ଟ୍ରିର ଗୋଟାଏ ଟ୍ରଙ୍କଉପରେ ଆଉଜି ଶୋଇ ରହିଥିଲା । ଗୋଟାଏ ତ୍ରିରଙ୍ଗା ପତାକାରେ ନିଜ ମୁହଁକୁ ଘୋଡେଇ ପକେଇଚନ୍ତି ସେ । ସଭିଏଁ ଧାଇଁଲେ । କେତେ ଯେ ଲୁହ ତାର ଇୟତା ନାହିଁ । ଚାଚାଙ୍କ ହାତଲେଖା କାଗଜ ଖଣ୍ଡକ ତାଙ୍କ ମୁଠାରୁ ମିଳିଲା । ଲେଖାଥିଲା-"ହିନ୍ଦୁ ମୁସଲିମ୍ ଭାଇ ଭାଇ, ଭାରତ ନେହିଁ ତୋ,ହମଭି ନେହିଁ, ଜୟ ଭାରତ ମାଁ କୀ ।"

ଏତେ ବେଳକୁ ସଲିମ୍ ଚାଚା ଆପଣା ଲୁହପୋଛି ପଟୁଆରୀ ଭାଇମାନଙ୍କ ଉଦ୍ଦେଶ୍ୟରେ କହିଲା-"ଚାଲ ଭାଇ ମାନେ ଏ ପଟୁଆର ଯିବ । ହେଲେ ଆଗରେ ଏଇ କରିମ୍ ଚାଚାର କଫିନ୍ ଯିବ । ଏପଟୁଆର ବନ୍ଦ ହେବ ନାହିଁ । ବନ୍ଦ ହେଲେ ତା ଆତ୍ମାକୁ ଚୈନ ମିଳିବ ନାହିଁ । " ତା ପରେ ଚାଲିଲା ପଟୁଆର । ଆଗରେ କରିମ୍ ଚାଚାର କଫିନ୍ ।

ସକାଳର ଖବର କାଗଜରେ ବାହାରିଥିଲା "କାରଗିଲ୍‌ରେ ଓଡ଼ିଶାର ପଞ୍ଚମ ଶହୀଦ ।" ହେଲେ କାଗଜରେ ଛାପିବାକୁ ଖାଲି ବାକି ରହିଗଲା କାରଗିଲ୍ ପାଇଁ ନହେଲେ ବି ଭାରତ ପାଇଁ ଅମର ଶହୀଦ କରିମଚାଚାର କରିସ୍ମା ।

❖

Digitized by PPRACHIN, SOA

ବାଦଶା'ଙ୍କ ବୋପା

ଆମକୁ ବୋହି ଚାଲୁଥିବା ପୃଥିବୀଟି ଆଗକୁ ଆଗକୁ ମାଡି ଚାଲୁଥିଲା । ଆସନ୍ତା ଶତାବ୍ଦୀ ଯେ ତା' ଦେହରେ ପାଦ ରଖିବାକୁ ଟିକିଏ ଜାଗାର ଅଭାବ ହେବ ଏଇ ସୂଚନାଟି ସେଇଠୁଁ ମିଳିଯାଉଥିଲା । ଆମେ ସମସ୍ତେ ଏକ ଭିଡ ଭିତରେ ରହିଛୁ । ଆଗରେ ପଛରେ ପାଖରେ ଲୋକ ଭିଡ । ନାହିଁ ନଥିବା ପରି ।

ଏଇ ଚଳମାନ ପୃଥିବୀର ଭିଡ ଭିତରେ ବି ଅମେ ଖୋଜୁଛୁ କେତେ ଇଂଚ ଜାଗା, କେଉଁଠି ହେଲେ ସମଭାବାପନ୍ନ ମାନଙ୍କର ମେଳାଟିଏ ଲାଗି ପାରିବ । ମନର ଆଦାନ ପ୍ରଦାନ ହୋଇ ପାରିବ ।-ହେଉଛି ମଧ ।

Digitized by PPRACHIN, SOA

ପ୍ରଚଳିତ ଶିକ୍ଷା ପଦ୍ଧତି ପାଖରୁ ଆରମ୍ଭ କରି ଦେଶ ବିଦେଶ ଖବର । ପୃଥିବୀରେ ଆଉ ନଘଟୁଚି କଣ ? ଚାରିଆଡେ ଦାନା କନାର ଅଭାବ ପଡୁଚି, ପଡିଚି, ପଡିବ । ଅନଂ ଦେହି ରାଜା ପ୍ରଜା ସଭିଙ୍କ ଅବସ୍ଥା । ଥୋକେ ଥୋକେ ବି ପୃଥିବୀରେ ଜାଗା ନାହିଁ ଜାଣି ମନ ମାରି ରହିଗଲେଣି ପର ପୃଥିବୀକୁ । ସୁସ୍ଥ ନିଶ୍ୱାସଟିଏ ନେବା ପାଇଁ ପବନ ବା କାହୁଁ ଆସନ୍ତା ? ସତର ବି ନିଶ୍ୱାସ ଯେତେବାଟ ନାକ ସଳଖରେ ଯାଉଚି ସେଠି ବି ଲୋକ । ତଥାପି ପୃଥିବୀ ବୋହି ଚାଲିଚି ଆମକୁ । ତା' ଭିତରେ ମଧ ଚାଲିଚି ଆଳାପ ଆଲୋଚନାର ସୁଅ ।

ଦେଶରେ ଅନଟନ, ଖାଦ୍ୟର, ପିଇବା ପାଣିର, ପିନ୍ଧା ଲୁଗାର । ପ୍ରେମର ପ୍ରେମିକାର ଆଉ ଯାବତୀୟ ନିତ୍ୟାନିର । ହେଲେ ସେଇ ଅନଟନ କେତେ ଜଣଙ୍କ ପାଇଁ ସିନା, ସଭିଙ୍କ ପାଇଁ ନୁହଁ । ଏଠି ଏମିତି କିଛି ଲୋକ ଅଛନ୍ତି, ଯିଏ ଅନଟନରେ ଖାଇବେ, ମରୁଡିରେ ପିଇବେ, ପ୍ରେମିକା ନଥିଲେ ବି ପ୍ରେମ କରିବେ । ସେଇଟା ପୁଣି ଯେତେବେଳେ, ଯେଉଁଠି ବି ଇଚ୍ଛା କରିବେ । ଏମିତି ଇଚ୍ଛାମୟ ବ୍ୟକ୍ତିତ୍ୱ ଭଗବାନ ସ୍ୱୟଂ ହୋଇ ପାରନ୍ତି । କିନ୍ତୁ ସିଏତ ଭଗବାନ ନୁହଁନ୍ତି ! ଆମ ଭିତରେ ବଢ଼ି, ମରୁଡି, ଅନଟନ ଭୟାବହତା ବିଷୟରେ ଶୋଚନା ଅନୁଶୋଚନା ଚାଲିଥିଲା ବେଳେ ସିଏ ଖାଇ ଚାଲିଚି । ଖାଇବା ପୁଣି ବନ୍ଦ ନାହିଁ ତାର ।

ଆମେ ଆସନ୍ତା ଦୁର୍ବିପାକ ଘନେଇ ଆସୁଥିବା ଆଶଙ୍କାରେ ତ୍ରସ୍ତ । ସିଏ କିନ୍ତୁ ନିର୍ଲିପ୍ତ । ଯେମିତି ଝଡ କି ଘୂର୍ଣ୍ଣି ତା' ଇଶାରାରେ ଆସେ ଯାଏ ହେଲେ ବି ତା' ପରିଧି ମାଡେନା ।

ଆମେ ସମାଜିକ ସଂବନ୍ଧର ଅବକ୍ଷୟ ପାଇଁ ଘୋର ମର୍ମାହତ ହେଉଚୁ, ଯେମିତି ଏଠି ଗୁରୁ ଗୁରୁଜନ ନାହିଁ । ବାପା ପୁଅକୁ ମାନେନା । ପ୍ରେମ ପ୍ରେମିକା କୁ ବାଂଧି ରଖି ପାରେନା । ଗୃହ ଅଂଗନରେ ବଧୂଟିଏର ମନ ମାନେନା । ଭାଇ ଭଉଣୀର ତଣ୍ଟି କାଟେ । ଲୋକ ଲଜ୍ଜା ନାହିଁ । ଏତେ ବିତର୍କ ଏତେ ଅଭାବବୋଧ ଭିତରେ ଥାଇ ଆମେ ଦେଖୁଚୁ ସିଏ ପ୍ରତିକ୍ରିୟା ଶୂନ୍ୟ । ନିଃଶଙ୍କୋଚ । ଆଖି ଆଗ ରାସ୍ତାରେ ଇଜ୍ଜତ ଲୁଟିବାର ଚେଷ୍ଟା କରୁଚି । ସଫଳ ହଉଚି । ତା' ପରାକ୍ରମ ଭୟରେ ହଉ, କି ଲୋକଲଜ୍ଜା, ପ୍ରେମମାନେ ମାଂସ ହୋଇ ବାଘ ମୁହଁକୁ ଡେଇଁପଡୁଛନ୍ତି ଯେମିତି । ନ ହେଲେ ରାସ୍ତା ନାହିଁ । ଏତେ ବାଦଶାହୀ ଠାଣିରେ ସିଏ ଛକିଚି ଯେ ଆମକୁ ପାଦରେ ଆଡେଇ ଦଉଚି । ଆମ ମୁଣ୍ଡରେ ଧୂଳି ଝାଡି କହୁଚି-''ନିଅ-ନିଅ ଯା'କୁ ସାଇତି ରଖ ପାଦୁକା କରିବ ।''

ଆଉ-ହଁ । କେଉଁ ଶୋଚନାରେ କେଜାଣି ସେଇଟା ଆମର ପ୍ରାପ୍ୟ ବୋଲି ଭାବି ଆମେ ସେ ଆଡୁ ଆଖି ଆଉ ମନକୁ ଫେରାଇଲା ବେଳେ ସିଏ ପୁଣି ପଛରୁ ଡାକି କହୁଚି -''ହେ'-ହେ' ଶୁଣ ଶୁଣ, ଦେଖ ଏଠି ମୁଁ କେମିତି ଇଜ୍ଜତ ଲୁଟୁଚି । ପ୍ରେମର ମଧୁପାନ କରୁଚି । ସାଲିସ୍ ନାହିଁ ମାଲିସ୍ ନାହିଁ । କଚେରୀ ନାହିଁ, କେଶ୍ ବି ନାହିଁ । ପାରିବ ତୁମେ ? ଛି-ତମେ ପାରିବନି । ମୋ ହାତରେ ଚାନ୍ଦ, ମୋ ଓଠ ପାଖରେ ଚନ୍ଦ୍ରମାର ଧବଳ ପୀୟୂଷ ନିର୍ଝର । ଦେଖ୍-ଦେଖ ଆକାଶ

Digitized by PPRACHIN, SOA

କେମିତି ଅଭିମାନରେ ମନା କରୁଚି ଅଜ୍ଞ । ହେଲେ କିନ୍ତୁ ଆବେଗରେ ଭିଡି ଧରୁଚି ମତେ । କହୁଚି ଆହୁରି ପ୍ରେମ ନେ'-ପ୍ରେମ ନେ' । ତୋ ପରି କିଏ ଆଉ ଅଛି ଯେ ହନ୍ତା ପ୍ରେମିକ ?

ଆମେ ସମସ୍ତେ ହତ ଚକିତ ହୋଇ ଦୃଷ୍ଟି ଫେରେଇଦୁ ତାର ସେଇ ଚନ୍ଦ୍ର ଆଉ ଖୋଲା ଆକାଶରୁ । ବରଂ ଜହ୍ନକୁ ଆବୋରି ରଖିଥିବା ଆକାଶକୁ ଦେଖି ଚକିତ ଆମେ । ଯାହାକୁ ଆମେ ବ୍ୟଭିଚାର ବିଚାରୁଚୁ ସେଇଟା କି ବ୍ୟଭିଚାର ! ଆକାଶ ତ ତା' ପ୍ରେମିକ କୁ ଦି'ଟା ଜହ୍ନ ଦେଇ ଚୁପ କରେଇ ଦେଇଚି । ପାଟିରେ ହାତରେ । ଲଜ୍ଜା ନାହିଁ । ସଙ୍କୋଚ, ନାହିଁ ନଥିବା ପରି ସାମାନ୍ୟ, ହେଲେ ଆକର୍ଷଣ ଅନନ୍ୟ, ଆବେଗ ଅକୁହା । ହାଏ !!

କିଏ ସେ ସିଏ ? କଣ ତାର ବ୍ୟକ୍ତିତ୍ୱ ? କି ବୈଚିତ୍ର୍ୟ ତାର ଚରିତ୍ର ? କି ଉପାଦାନ ରେ ଗଢ଼ା ସିଏ ?

ଅଭାବରେ ଅନଟନରେ ଖାଉଚି ଅନ୍ୟ ଦିନଠୁଁ ବେଶୀ । ଏଠି ପାଦ ରଖିବାକୁ ଜାଗା ନଥିବା ବେଳେ ଶୋଉଚି ବାହା ଝାଡି ବାଡେଇ । ଦୈବକୁ ଡର ନାହିଁ । ଦୁର୍ବିପାକକୁ ଖାତର ନାହିଁ । ପ୍ରତାରଣାର ଯୁଗରେ ପ୍ରେମ କରୁଚି । ଧର୍ଷଣ କରୁଚି, ପୁଣି ଅଭିଯୋଗ ନାହିଁ । ଅପରାଧ ପାଇଁ ଆଇନ୍ ନାହିଁ । ଅତ୍ୟାଚାର କରୁଚି ବାରଣ ନାହିଁ । ସେମିତି ଗୋଟିଏ ଚରିତ୍ରକୁ କଣ କୁହା ଯାଇ ପାରେ ?

ରାଜା ? ମନ୍ତ୍ରୀ ? ବାଦ ଶା' ? ନା -ଅସମ୍ଭବ । ବାଦଶା' କଣ ସ୍ୱର୍ଗର ଇନ୍ଦ୍ର ? ସମସ୍ତଙ୍କ ପାଇଁ ଆଇନ ଅଛି । ବ୍ୟଭିଚାର, ଅନୀତି କଲେ ଦଣ୍ଡ ଅଛି ଅଭିଶାପ ଅଛି । ବିଦ୍ରୋହ ଭୟ ଅଛି । ଶୋଚନା ଅନୁଶୋଚନା ମଧ୍ୟ ଅଛି । ତା ହେଲେ !! ଇଏ କିଏ ହୋଇପାରେ ?? କିଏ ???

ବାଦଶା'ଙ୍କ ବୋପା ???

ଏତକ ଭାବୁଚି କ୍ଲିନର ଟୋକାର ଘଡ ଘଡି ତଣ୍ଟିରୁ ବାହାରି ପଡିଲା-''ମଦନପୁର... ମଦନପୁର-ଗେଟ୍ ପାଖକୁ ଚାଲିଆସ '' । ପୃଥିବୀ ବ୍ରେକ କଷିଲା । ଓହ୍ଲେଇ ବି ଭାବୁଚି ଆଜ୍ଞା ଟିକେଟ୍ । ପ୍ରକୃତିସ୍ଥ ହେଲି, ଟିକେଟ୍ ବଢ଼େଇଲି କ୍ଲିନର ହାତକୁ । ଶେଷଥର ପାଇଁ ମୁଗ୍ଧ ଦୃଷ୍ଟିରେ ସେଇ ନିଷ୍ପାପ ବାଦଶା'ଙ୍କ ବୋପାକୁ ଚାହିଁଲି । ହାତ ବଢେଇ ଗେଲ କରି ଦେଲି ତା' ଓଠରେ ହାତମାରି । ସେତେବେଳେ ସିଏ ଖେଳୁଥିଲା ଜନ୍ମଦାତ୍ରୀ ତା' ମାଆ କୋଳରେ, ନିର୍ଲିପ୍ତ ଭାବରେ । ମୋ ଗେଲ କରିବାରେ କିଛି ପ୍ରତିକ୍ରିୟା ନଥିଲା ତା'ର ଖାଲି ଗୋଲ ଗୋଲ ଆଖିରେ ଚାହୁଁଥିଲା ମୋ ଆଡେ । ତା' ଆଖିର ଭାଷା ଯେମିତି କହୁଥିଲା-ଏ-ଏ ଯାଉଚ ତ ଓହ୍ଲେଇ, ଏଇ ପ୍ରେମ ମତେ ନ ଦେଇ ତମ ଭାଇ ମାନଙ୍କୁ ଦିଅ । ସବୁ ମଣିଷ ଭାଇ ମାନଙ୍କୁ ଶିଖାଅ । ଅନଟନ, ଅଭାବ ଗୋଟାଏ କଣ ?

❖

Digitized by PPRACHIN, SOA

ମୌନ ଭଗ୍ନାଂଶ

ଥମ୍‌କି ରହିଗଲା ଥାଟପଟାଳି, ଆଗକୁ ମାଡିଚାଲୁଥିବା ପାଦଗୁଡିକ ନିମିଷକେ ଅଟକିଗଲା । ଆଗରେ ତହସିଲର ଆର.ଆଇ ବାବୁ । ସାଙ୍ଗରେ ହାଲ ସରପଞ୍ଚ ଆଉ ଦୁଇ ସରକାରୀ କର୍ମଚାରୀ । ଏକମୁହାଁ ଭେଡା ଦାଣ୍ଡ । ଘରକୁ ଘର ସରଜମିନ୍ ତଦନ୍ତକରି ଘରଭଙ୍ଗା ଲେଖାଉଛନ୍ତି । ମହାପ୍ରଳୟ କି-ନା,ସଭିଙ୍କୁ ଏକା ଘାଟରେ ପାଣି ପିଆଉଚି । କି ରଜା, କି ପ୍ରଜା, ଲୋକେ ମରୁଛନ୍ତି ଅନେକ । ଭାସି ଯାଉଛନ୍ତି ଅନେକ, ଅନେକ ବି ନିରୁଦ୍ଦିଷ୍ଟ । ଗାଁ-ଟା ଖାଁ-ଖାଁ ଲାଗୁଛି । ଧୂସର ରଂଗର କେମିତି ଗୋଟାଏ ଲକ୍ଷ୍ମୀଛଡା ପୁରୀ । ଚାରିଆଡେ ଶ୍ରୀହୀନ । ଗଛ ଲତାଠୁଁ ଗାଈ ଗୋରୁ ମିଣିପି ମାଇପି ଯାଏ । କାହାରି ମନରେ ସରାଗ ନାହିଁ ।

ସରକାରୀ ଲୋକ କି ଗାଡିଟାଏ ଗାଁ ଭିତରେ ପଶିଗଲେ କରୁଣ ଚାହାଁଣୀରେ ସିଭିଁଏ ଚାହିଁ ରହୁଛନ୍ତି ମଲା ମାଛର ଆଖିରେ ଆଖିଏ ବେଦନା ନେଇ । କେହି ଅବା କିଛି ଦଉଚି । କେହି ଦବାର ପ୍ରତିଶ୍ରୁତି ଦେଇ ଚାଲି ଯାଉଛନ୍ତି ।

ଏତେବେଳକୁ ଘରଟା ଆଗରେ ସଭିଏଁ ଠିଆ ହୋଇଗଲେ ଚୁପ ହୋଇ । ଭିତରକୁ ଯିବାକୁ ପାଦ ବଢ଼ାଉଥିବା ଆର.ଆଇ ବାବୁ ଥରେ ଚଷମାଟେକି ସେ ଘରର ମଥାନ ଉପରୁ ଆଖି ଖସେଇ ଆଣି କାହିଁକି ଯେ କହିଲେ ଗାଁ ଲୋକଙ୍କ ଉଦ୍ଦେଶ୍ୟରେ -''ଆଜ୍ଞା ଘର ମାଲିକଙ୍କୁ ଡାକି ଦେବେ । ଘରର ଟିକେ ସରଜମିନ ତଦନ୍ତ ପରେ ରିପୋର୍ଟ ଲେଖାଯିବ ।''

ସମସ୍ତେ ମୁହଁ ଚାହାଁ ଚାହିଁ । ହେଲେ ଭରଷି ପାରୁନାହାନ୍ତି କେହି ଦାଣ୍ଡ ଦୁଆର ପାହାଚ ଉପରକୁ ଉଠିବାକୁ । ଦଣ୍ଡେ ସମୟ ଗତ କରି ପୁଣି ଆର.ଆଇ. ବାବୁ କହିବା ଅନୁଯାୟୀ ମୋତେ ହିଁ ଉଠିବାକୁ ପଡିଲା ପାହାଚ ଉପରକୁ ।

Digitized by PPRACHIN, SOA

ପାହାଚ ଅବଶ୍ୟ ପକ୍କା, କିନ୍ତୁ ଘର ନୁହଁ । ଧାଡିକିଆ ପଥର, କାନ୍ଥଅରେ ଖଂଜା ହୋଇ ବଡ ଗୋଟାଏ ପିଣ୍ଡା । ଏ ବର୍ଷ ଛପର ପଡିନି । ଗାଁର ସବୁ ମଥାନଠାରୁ ଢ଼େର ଉଚ୍ଚା, କାନ୍ଥମାନ ବି ଉଚ୍ଚା । ହେଲେ ମାଟି କାନ୍ଥ । ବଡ ବଡ କାଠ ଖୁଣ୍ଟ । ତିନି ପରସ୍ତର ଖଂଜା । ଗୋସାଁ ବାପ ଅମଳର ଘରସିଏ । ଫିରିଙ୍ଗ ସମୟରେ ଜମିଦାର । ଅବିକା ତିନିପୁଅ ଜୀବିତ । ସଭିଙ୍କର ପିଲାଛୁଆ । ଖଂଜା ନୁହେଁ ତ ଏକ ଏକରର ଗୋଟିଏ ବିରାଟ ସାହି । ତିରିଶରୁ ଅଧିକ ବଖରା । ଯେଝା ମାଫିକ୍ । ଚାକର ବାକର, ପିଆଦା, ଅମିନ, ନାଜର ପାଖରୁ ଆରମ୍ଭ କରି ଘର ଲୋକଙ୍କ ପାଇଁ ଶୋଇବା ଘର, ବସିବା ଘର, ଠାକୁର ଘର, ଅତିଥିଶାଳା, ବଡ ଗୋଟାଏ ଅଗଣା ଇତ୍ୟାଦି ଇତ୍ୟାଦି । ହେଲେ ପାହାଚ ଉପରକୁ ଉଠି ଘରଟା ଭିତରକୁ ଯିବାକୁ ଯେ ବାଟ ବନ୍ଦ । କୁଢ଼ କୁଢ଼ ମାଟି ଗଦା ହୋଇଚି । ଅରମା । କେତେଠି ଛୋଟ ଛୋଟ ଚାକୁଣ୍ଡା, ତେନ୍ତୁଳି ଗଛ ଉଠିଲାଣି ଆପେ ଆପେ । ଦୋହଲି ଯାଇଚି ଘରର ସବୁ କାଠ ଖୁଣ୍ଟ । କେତେ ଯାଗା ଓରା, ଶେଣୀ, ଜନ୍ତୁରୀ, ଝୁଲି ପଡିଚି ତଳକୁ । ଭୟ ଲାଗୁଚି ତା ଭିତରେ ଦେଇ ଆଡେଇ ଆଡେଇ ଯିବାକୁ । ନିହାତି ପାଖରେ ଠାକୁର ଘର । କାଠର ଜାଲି କବାଟରେ ଦିଶୁଛନ୍ତି ଠାକୁର । ଢ଼େର୍‌ଦିନ ହେବ 'ନିତି' ପ୍ରାୟ ହେଇନି । ଠାକୁରଙ୍କ ମୁଣ୍ଡ ଉପରେ ଖସି ପଡିଛି ପୁଳାଏ ଓଦା ମାଟି । ପାଦତଳେ ବି । ଅନ୍ଧାର ଘେରା ଘରଟା ଭିତରେ ଚେମେଣିଆ ଚଢ଼େଇ କେତେଟା ଫଡ୍ ଫଡ୍ ହେଇ ଉଡୁଛନ୍ତି । ଘରଟା ଦିନବେଳାରେ ମଧ ଅନ୍ଧାର । ସେଇଠୁ ହିଁ ଆଗକୁ ଯିବାକୁ ଆଉ ସାହସ କୁଳଉ ନାହିଁ । ବିପଦଜନକ ଭାବରେ କାନ୍ଥଗୁଡା ଝୁଲି ରହିଚି । ଏଇତ ପଡିଯିବ କି କଣ ! ସେଠୁ ଦିଶି ଯାଉଚି ପୁରା ମହଲର ଦୃଶ୍ୟ । ତିରଶ କୋଠରୀ ମଧ୍ୟରୁ କୋଡିଏ ପାଖା ପାଖି ବହୁଦିନ ହେବ ବନ୍ଦ ହୋଇ ରହିଛି ବୋଧହୁଏ । କାହାର କବାଟ ନାହିଁ । କେଉଁଠି ଝରକା ନାହିଁ । କେଉଁଠି ଗଦା ହେଇଚି ଜାଳେଣୀ କାଠ, ଘଷି, ଲୁହା, ଟିଣ, ଭଙ୍ଗା ଭଙ୍ଗଳ, ଯୁଆଳି, ଅନ୍ୟାନ୍ୟ ଆସବାବପତ୍ର । ରହିବା ଯୋଗ୍ୟ ପାଞ୍ଚଟି ଘର ଦିଶି ଯାଉଚି । ଯାହା ଅବିକା ତିନିପୁଅ ରଘୁବୀର ମଂଗରାଜ ଙ୍କ ମଲାପରେ ଏକା ଅନ୍ନରେ ଏ ଯାଏ ରହିଛନ୍ତି । ଅବଶ୍ୟ ଦୁଇଝିଅରୁ ସାନ ଝିଅ ବାହାହେଇ ସାରିଚି । ବାହାଘର ଶଙ୍ଖ ସବାରୀର ଯଦିଓ ନଥିଲା । ଥିଲା ଆପଣା ରାଜିରେ । ରହିଯାଇଚି ବଡ ଝିଅ । ଏଇ ସନକୁ ବାହାଘର ହବାକୁ ସବୁ ବ୍ୟବସ୍ଥା ଥାଇ ବି ହୋଇ ପାରିନି । ବୟସ ତିରିଶ୍ ଉପରେ । ଏଇତ ମୋତେ ଦେଖି ପାରୁଚି କିନ୍ତୁ କେମିତି ଏକ ଆଗ୍ରହ ଶୂନ୍ୟ ଭାବରେ ପୁଣି ଚାଲି ଯାଉଚି ଅନ୍ୟ ଗୋଟାଏ ଘର ଭିତରକୁ । ବୟସର ଛାପ ସ୍ପଷ୍ଟ ହୋଇ ଗଲାଣି ମୁହଁରେ, ରୂପରେ, ମନରେ , ଆଖିରେ, ଛାତିରେ । ଅସଂଭବ ନୀରବତା କେଉଁ ଏକ ଅଜଣା ପୁରୁଷର ପ୍ରତୀକ୍ଷାରେ । ତାକୁ ଦେଖିଲେ ମନେ ମନେ ଭାରି ଦୁଃଖ ଲାଗେ । ସତରେ ଏ ଜମିଦାର ପରିବାରର ଏକ ଶେଷହୀନ ଜ୍ୟୋତି ପରି ରହି ଯାଇଚି ସେ ଯେମିତି ।

ମୋ ଡାକ ପାରିବାରେ ସେ କାନ ଡେରିଲା ବୋଧହୁଏ ? ପୁଣି ଚାଲିଗଲା ଭିତରକୁ । ବଡ ବାବୁଙ୍କୁ ଖବରଟା ଦବ ନିଶ୍ଚୟ । ଝିଅଟାର ବ୍ୟବହାର ରେ ଏ ଖଣ୍ଡକ ଭିତରେ କେହି 'କୁ'

Digitized by PPRACHIN, SOA

ପଦେ କହିବାର ସାହସ ନାହିଁ । ''ସୁ''-ର ସବୁ ସମାହାର ତା ବ୍ୟକ୍ତିତ୍ୱ ଭିତରେ । ଅବଶ୍ୟ ବରଟିଏ ଯୋଗାଡ ହୋଇ ପାରିନି ଏ ଯାଏ । ନହେଲେ ଘର ସଂସାର ନେଇ ତାରି ସମବୟସର ପିଲାମାନେ ଦୁଇ ଦୁଇ ଛୁଆଙ୍କର ମାଆ । ବର ଯୋଗାଡ ହୁଅନ୍ତା ଯେ ଭାଇମାନଙ୍କ ଅମନଯୋଗରୁ ଘରଟା ଅବସ୍ଥାତ ଏମିତି । ବାହାଘର ପରି ବଡ ଗୋଟାଏ ଖର୍ଚ୍ଚକୁ କିଏ ବା କାହିଁକି ମନ ଦିଅନ୍ତା ? ଠାକୁର ବାବୁ(ବଡଭାଇ) ଙ୍କ ଉପରେ ଅବିକାକୁ ଢେଙ୍ଗା ମୁଣ୍ଡରେ ଠେଙ୍ଗା ।

ତାଙ୍କର ପୁଣି ମନକୁ ନଗଲେ, ମନ ମାଫିକ୍ ବନ୍ଧୁ ନ'ହେଲେ, ବାହାଘର ଆଉ ହେଉଚି କେଉଁଠି ? କାହାର ହଳ ବଳଦ ନାହିଁ ତ ବାହାଘର ନାଇଁ । କାହାର ଘର ଆଗରେ ମୋଟା ମୋଟା ଖୁଣ୍ଟ ନାହିଁ । କାହାର ମଥାନ ଗାଁ ମୁଣ୍ଡକୁ ଦିଶେନା । କାହାର ପୂର୍ବ ପୁରୁଷ କୋଚଣୀ ବେପାରୀ, କାହାର ଜମି ନାହିଁତ କାହାର ଖାନଦାନ୍ । ଏଇ ସବୁ କାରଣରୁ ବରପାତ୍ର ଅଭାବ । କିନ୍ତୁ ଦୀପ ତଳଯେ ଅନ୍ଧାର ଏ କଥା କିଏ ସୂଚେଇ ଦେବ ? କାହାର ସାହସ ନାହିଁ ।

ପଞ୍ଚାୟତର ସଭିଙ୍କ ମୁହଁରେ 'ବାବୁଘର' ଡାକ୍ । ପିଢ଼ିରୁ ପିଢ଼ି । ରଘୁବୀର୍ ମଂଗରାଜଙ୍କ ବାପ ଧନବୀର୍ ମଙ୍ଗରାଜ ଅବଶ୍ୟ ନାଆଁ ଅନୁସାରେ କାମପରି, ଧନ ପାଉଥିଲେ ବୋଲି ଶୁଣିବାକୁ ମିଳେ । ଇଂରେଜ ମାନଙ୍କର ଗୋଲାମୀ କରି ଏ ଥାଟବାଟ ଆବୋରି ଥିଲେ ।

ତା'ପରକୁ ରଘୁବୀରଙ୍କ ପାଳି, ବଡ କଡ଼ା ମିଜାଜ୍‌ର ଲୋକ । ପରୋପକାରୀ ରୋକ୍‌ଠୋକ୍ କଥାବାର୍ତ୍ତା । ଦୁଇବିଭା । ପ୍ରଥମ ସ୍ତ୍ରୀର ଏକମାତ୍ର ପୁଅ । ସ୍ତ୍ରୀ ମଲାପରେ ଏକ ଚାକରାଣୀକୁ ବଳାତ୍କାର କରିବା ଦୋଷରେ ତେଜ୍ୟପୁତ୍ର ।

ଦ୍ୱିତୀୟ ସଂସ୍ଥାର ଏଇ ତିନିପୁଅ । ବଡପୁଅ ଠାକୁର ମଂଗରାଜ ଏବେ ଘରର ମୁରବୀ । ତିନିଶ' ଏକରରୁ ଅଧିକ ସଂପତ୍ତି । ଜମିଦାରୀ ସିରସ୍ତା ପୂର୍ବେ ଥିଲା । ଏବେ ନାହିଁ । ଗୁମାସ୍ତା ଥିଲେ ତିନିଜଣ ଏବେ ଜଣେ । ହେଲେ ସେ ଜଣକ ତିନିଭାଇଙ୍କ ଅମେଳରୁ ସୁଯୋଗ ନେଇ ଯା' କଥା ତା' ଆଗରେ କରି ଧନ ହଡପ୍ କରିବାରେ ବ୍ୟସ୍ତ । ନାଆଁକୁ ମାତ୍ର ଜମିବାଡି । ଦେଖାରଖା ଅଭାବ । ଭାଗଚାଷୀ କିଏ ଦେଲା ତ କିଏ ନାହିଁ । ଖମାରକୁ କେତେ ଆସିଲା କେତେ ଗଲା ତାର ବି ସଠିକ୍ ହିସାବ ନାହିଁ । ଖାଲି ଅଭାବ । ଏବେକୁ ଭରଣା ଚାଲିଛି ଖାଲି ସମ୍ପତ୍ତି ବିକ୍ରିରେ । ଗଲା ସନକୁ ସାନଭାଇ ଶେଖର ମଂଗରାଜ ଗୋଟାଏ ବିକ୍ରିହେଲା ସମ୍ପତ୍ତିକୁ ଭାଗ୍ ଲଗେଇ ଲୋକହସା । ପାଞ୍ଚଏକର ସମ୍ପତ୍ତି କେବେ ବିକ୍ରି ସରିଲାଣି ଘରର ପୁଅ ବି ଅନଜାନ୍ । ଏତେ ବେପରୁଆ, ଏଡିକି ବେଦାୟାତ୍ । ଏବେକୁ ନେତା ହେବାକୁ, ବ୍ଲକର ଚେୟାରମ୍ୟାନ୍ ପାଇଁ ଅଣ୍ଟା ଭିଡୁଚି । ଦଳ ଦଳ ଲୋକ ଆସୁଛନ୍ତି । ରୋଷଘରେ ଖନ୍ଦା ଲାଗୁଚି । ଖିଆ ପିଆ ଚାଲିଚି । ହେଲେ ଲୋକପ୍ରିୟତା ଏତେଟିକିଏ ବି ନାହିଁ ।

ମଝିଆଁ ଭାରି ଗୋଟାଏ କଂଜୁସ୍ । ଆପଣା ଶିରି ଛଡା ଅନ୍ୟର ଶିରି ଦେଖି ପାରେନା । ନିଜ ସ୍ତ୍ରୀ, ନିଜଛୁଆ କଥା ବୁଝୁ ବୁଝୁ ଦିନ ସରେ । ଶାଳୀଟାକୁ ଘରେ ରଖି ଗର୍ଭବତୀ କରାଇ ଆପଣାର ଦୁର୍ନାମ ଦ୍ୱିଗୁଣିତ କରି ପାରିଛି ।

Digitized by PPRACHIN, SOA

ଏବେ ବହୁ ଘରୋଇ ବିବାଦରେ ଶୁଣାଯାଏ ଜମିବାଡି ମୁହେଁ ମୁହେଁ ଭାଗ ବଣ୍ଟରା ହୋଇ ଯାଇଛି । ବିବାଦଟା ଥିଲା କେବଳ ଆଗପଟ ବଙ୍ଗଳା ଘର ଆଉ ଗୁମାସ୍ତା ଘର ଡ଼ିହ ଲାଗି । ଘର ଖଣ୍ଡେ ଇଟା କାଛ ଓ ଆଜ୍‌ବେସଷ୍ଟସ ଛପର ତିଆରି । ଆଗରେ ଖଣ୍ଡେ ବ୍ରିଟିଶ ଅମଳର ଜିପ୍ ଭାଙ୍ଗିରୁଜି ଗଲାଣି । ତଥାପି ସବୁ ପୁରୁଣା ଚିଜ 'ସୁନା' ନ୍ୟାୟରେ ସମସ୍ତଙ୍କ ନଜର ସେଇ ଭଂଗା ଜିପ୍‌ର ଭଗ୍ନାଂଶ ଉପରେ । ସେ କଥା ଏ ଯାଏ ଫଏସଲା ହୋଇ ପାରିନି । କିଏ ନେବ ବୋଲି । କିଏ ଅବା ନେଲା ? ବଡ ଘର ବଡ ଗୁମର କଥା ।

ଏତେବେଳକୁ ଠାକୁର ବାବୁଙ୍କର ଘରର ଦାମୀ ପରଦାଟା ହଲିଲା । ମୋତେ ଜଣା ପଡିଲା ଯେମିତି ବାବୁ ଆସିବା ଆସିବା ହଉଛନ୍ତି । ଯା' ଭିତରେ ଅଧଘଣ୍ଟାଏରୁ ଅଧିକ ହେବ ମୁଁ ଠିଆ ହୋଇଛି ଅଗଣାଟା ମଝିରେ । ଆଉ ବାବୁଙ୍କ ଅପେକ୍ଷାରେ ସରକାରୀ କର୍ମଚାରୀ, ଗାଁ ଲୋକ । କାଳେ ଆହୁର ବିଳମ୍ବ ହବ ଅନୁମାନ କରି ଶୁଣେଇଲା ପରି କହିଲି-''ଆଜ୍ଞା, ଆର.ଆଇ, ବାବୁ ଆସିଛନ୍ତି ଘରଭଂଗା ଲେଖେଇବାକୁ ।''

ମୋ ଡାକ ନିଶ୍ଚୟ ଶୁଭିଥିବ ଜାଣି ଫେରି ପଡିଲି ଆର.ଆଇ.ବାବୁଙ୍କ ପାଖକୁ ଖବର ଦେବାକୁ ''ବାବୁ ଆସୁଛନ୍ତି'' ବୋଲି ।

'ବାବୁ ଆସୁଛନ୍ତି' ''ଠାକୁର ବାବୁ ଆସୁଛନ୍ତି''!

ଗାଁ ଲୋକେ ପରସ୍ପର ମୁହଁ ଚାହାଁ ଚାହିଁ ହୋଇ ଫୁସ୍‌ଫାସ୍ ହଉଛନ୍ତି । କେଡେ ବଡ କଥା ଗୋଟାଏ ହବ । ସମସ୍ତେ ଚାହିଁ ବସିଛନ୍ତି । ବଡ ଜମିଦାର ବାବୁ ଆସି ଘରଭଙ୍ଗା ଲେଖେଇବେ ହାଏ! କି ସମୟ ହେଲା !

ଯାହାଙ୍କର ନିଜର ଅମିନ, ଆର୍‌.ଆଇ. ପିଆଦା ଥିଲେ, ଯାହାଙ୍କ ଅନ୍ନକୁ ଏ ଗାଁରେ କିଏ କେତେ ନ ଖାଇଛି, ଯେତେ ବାତ୍ୟା ବନ୍ୟା ଆଗରୁ ଯାଇଛି, ବାବୁଘର କେବେ ପଡି କାର୍ଡ କି ରାଶନ କାର୍ଡରେ ନାଆଁ ନାହିଁ । ତାଙ୍କର କିଏ କେତେ ଖାଉଚି, ସିଏ ପୁଣି ଛତର ଖାଇବେ ! ରିଲିଫ୍ ନେବେ । ଘରଭଙ୍ଗା ପାଇଁ ନାମ ଲେଖେଇବେ । ଜମିଦାର ଘର ପାହାଚ ଡେଇଁ ପୁଣି ଘର ଭିତରକୁ ଯାଇ ସରଜମିନ୍ ତଦନ୍ତ ! ନାହିଁ ନଥିବା କଥା ।

ଦେଖାଯାଉ, କଣ ହେଉଚି ।

ଭାରି ଗୋଟାଏ ଆଗ୍ରହ । ଭାରି ଗୋଟାଏ ଜିଜ୍ଞାସା; ପୁଣି ପ୍ରତୀକ୍ଷା ବି ।

ଦ୍ୱିତୀୟ ବାର ପରଦା ହଲିଲା ।

ସମସ୍ତଙ୍କ ଆଖିରେ ଆଖିଏ କୌତୁହଳ । ହେଲେ ପରଦା ସିନା ହଲିଲା, ବାବୁଘର ପୁରୁଣା ପିଆଦା ବାହାରି ପଡିଲା ଦୁଆର ମୁହଁକୁ । ଗୋଟାଏ ଶୋଇ ରହିଥିବା ଜନ୍ତୁରୀ ଆଡେଇ । ଆଉ କହିଲା-

Digitized by PPRACHIN, SOA

"ବାବୁଆସୁଛନ୍ତି ଅପେକ୍ଷା କରନ୍ତୁ" ।

ଏଇ କଥା ପଦକରେ ବହୁ ପ୍ରତୀକ୍ଷାର ସଙ୍କବାଙ୍କ ପୁଣି ଚାଲିଲା । ରୁଣ୍ଡ ହୋଇଥିବା ଲୋକମାନଙ୍କ ଭିତରୁ ଦୁଆର ସାମନାରେ ଠିଆ ହୋଇଥିବା ଲୋକ କିଛି ଆଡେଇ ହୋଇଗଲେ ପିଣ୍ଡା ପାଖକୁ । କିଛି ଆପଣାର ଜାମାକୁର୍ତ୍ତା ସଜାଡି ଦେଲେ । ପିଣ୍ଡା ଉପରେ ଗୋଡ ପରେ ଗୋଡ ଥୋଇ ବସିଥିବା ଲୋକ ଆପଣା ଛାଏଁ ଖସି ଆସିଲେ ତଳକୁ ।

ବାବୁ ଆସିବେ !!

ଯା ଭିତରେ ଆହୁରି ଅଧଘଣ୍ଟାଏ ବିତିଗଲାଣି ।

ଶେଷକୁ ବାବୁ ଆସିଲେ । ପରଦା ଆଡେଇ ।

ଥରେ ଥାଟପଟାଳୀ ମାରିଥିବା ଲୋକଙ୍କ ଆଡକୁ ଚାହିଁଲେ, ଆଖିର ଭାଷା ତାଙ୍କର ପଚାରୁ ଥିଲା ଯେମିତି-"କିଏ ଆସିଛନ୍ତି ? କଣ ପାଇଁ ଆସିଛନ୍ତି ?"

ହଠାତ୍ ଯେମିତି କାହା ମୁହଁରେ ଭାଷା ନାହିଁ । ଆର.ଆଇ.ବାବୁ ଏଥର ତାଙ୍କ ଆସିବାର ସୂଚନା ଦେଇ ପଚାରିଲେ-"ଆଜ୍ଞା ଆପଣଙ୍କ ନାଆଁ ?"

ଅକସ୍ମାତ ଯେମିତି ଭାରି ଗୋଟିଏ ଜିନିଷ ପଡିବାର ପରି ବୋଧ ହେଲା । "କି ଦୁଃସାହସ ଏଇ ଆର.ଆଇ. ବାବୁଙ୍କର ମ !"

ବାବୁଙ୍କ ନାଆଁ ଜାଣି ନାହାଁନ୍ତି !!

କି ଅସମ୍ଭବ କଥା ଇଏ ! ତହସିଲରେ ଚାକିରି କରିଛନ୍ତି ଅଥଚ....! ପରିସ୍ଥିତିକୁ ସମ୍ଭାଳି ପକେଇବାକୁ ଯାଇ ଗାଁ ଲୋକଙ୍କ ଭିତରୁ ଜଣେ ତୁଣ୍ଡ ଖୋଲିଲା "ଆଜ୍ଞା କଣ ଆପଣ କହୁଛନ୍ତି ? ବାବୁଙ୍କ ନାଆଁ ଆପଣ ଜାଣିନାହାନ୍ତି ? ଠାକୁର ମଙ୍ଗରାଜ ଙ୍କ ନାଆଁ ଏଇ ଇଲାକାର କିଏ ନ ଜାଣେ ? ହୁଃ....।

ସଭିଙ୍କ ମନରେ ଏଇ ଭାବର ଅଭଙ୍ଗା ଲହରୀ, ପାଇବେ ପାନେ, ଏଇ ତହସିଲ ବାବୁମାନେ । ଏଗୁଡାଙ୍କର ଏଇ ତାଲୁକରେ ଚାକିରି କରିବାର ମୋହ ତୁଟି ଗଲାଣି କି କଣ ?

ଜନତାର ଏ ପ୍ରକାର ଅବଦମିତ ଇଚ୍ଛାର ପରିଣାମ ଯେ କଣ ହେବ କିଏ ଜଣେ ? ଆର.ଆଇ. ବାବୁ କିନ୍ତୁ ଲେଖିଲେ ତାଙ୍କ ଖାତାରେ-ଠାକୁର ମଙ୍ଗରାଜ । ଆଉ କହିଲେ-"ଆଜ୍ଞା ଆମେ ଆପଣଙ୍କ ଘର ଭିତରଟା ଟିକେ ବୁଲି ଦେଖିଦେଲେ ରିପୋର୍ଟ ଲେଖାହେବ । ଟିକେ ଆମକୁ ସାହାଯ୍ୟ କରିବେ ।"

ଏଥର କି ଆଉ ସମ୍ଭଳା ପଡେ, ଲୋକଙ୍କ ତୁଣ୍ଡର ବାର କଥାକୁ । ଇଚ୍ଛା ପେଟରାର ଢ଼ାଙ୍କୁଣୀ କିଏ ଯେମିତି ଖୋଲିଦେଲା କି ଆଉ । ଯାହା ମୁହଁରେ ଯା'ନାହିଁ ତା'ବକି ଗଲେ ସରକାରିଆ ବାବୁ ମାନଙ୍କ ଉପରେ ।

Digitized by PPRACHIN, SOA

"ହଇହୋ ! ଏମାନଙ୍କ ଟିକିଏ ହେଲେ କାଣ୍ଡ ଜ୍ଞାନ ନାହିଁ ? କାହା ସାମନାରେ କଣ କହୁଛନ୍ତି ? ଦେଖ ହୋ, କି ସାହାଯ୍ୟ ସରକାର ଦବକି ଆମ ବାବୁଙ୍କୁ । ବାବୁ ଆମର ଖୋଦ୍ ସରକାର । କେତେ ଲୋକ ତାଙ୍କ ଛତରେ ଖାଉଛନ୍ତି । ଇଏ ପୁଣି ବାବୁଘର ଭିତରକୁ ଯିବେ ସରଜ-ମିନି-ଇ ଦେଖିବାକୁ । ବାବୁ କଣ ତମ ସରକାରଙ୍କ ରିଲିଫ ଖାଆନ୍ତି,ନା ରାଶନ ନିଅନ୍ତି ? ଇତ୍ୟାଦି ଇତ୍ୟାଦି କେତେ କଥା ।

ବିଚରା ! ଦୁଇ ସରକାରୀ କର୍ମଚାରୀଙ୍କ ମୁହଁରେ କଥାନାହିଁ ଖାଲି ଯା' ମୁହଁ ତା ମୁହଁକୁ ଚାହିଁଛନ୍ତି, ଘଡିଏ କାଳ ।

ବାବୁଙ୍କର ନିର୍ଲିପ୍ତ ଚେହେରା । ଗମ୍ଭୀର ଭାବରୁ ଟିକିଏ ବି ଭାବାନ୍ତର ସୃଷ୍ଟି ହୋଇନି ଭସା ଭସା ଆଖି । ନିର୍ବାକ ତଥାପି ।

ନରମି ଗଲା ସମବେତ ଜନତାଙ୍କ ହୋ-ହାଲ୍ଲା ।

କେତେ ସମୟ ଉଭାରୁ ବାବୁ ପାଦ ବଢ଼େଇଲେ ତଳ ପାହାଚରୁ ଦାଣ୍ଡ ଆଡକୁ । ସମସ୍ତଙ୍କ ମୁହଁରେ ଆଶଙ୍କାର ଚିହ୍ନ, କିଛି ଗୋଟାଏ ଅଘଟଣ ଘଟିବ ବୋଧହୁଏ ।

ବାବୁ ଆସିଲେ । ଚାହିଁଲେ ଥରେ ସରକାରୀ ଲୋକଙ୍କ ଖାତାକୁ, ଥରେ ସମବେତ ଲୋକଙ୍କୁ, କିନ୍ତୁ ନୀରବରେ,ନିଃଶବ୍ଦରେ । ଆଉ ଥରେ ତାଙ୍କ ଭଙ୍ଗା ଖାନଦାନୀର କାଠ ଖୁଣ୍ଟ ନଇଁ ଯାଇଥିବା ଜନ୍ତୁରୀ ଆଡୁ ତାଙ୍କ ଆଖି ବୁଲି ଆସିଲା ତଳକୁ । ପୁଣି ସେଇ ନୀରବତା ଭିତରେ ଉଠିଗଲେ ପାହାଚ ଡେଇଁ ପରଦା ଆଡେଇ ଭିତରକୁ ।

ସ୍ତବ୍ଧ ସରକାରୀ ବାବୁମାନଙ୍କର ହୃତ୍‌ସ୍ପନ୍ଦନ, ଆର୍.ଆଇ. ବାବୁଙ୍କ ଶକ୍ତିଶାଳୀ ଚଷମାର ଲେନ୍‌ସରେ ତଥାପି ବାବୁ ଅପଢ଼ା ରହିଗଲେ ଯେମିତି । କି ରିପୋର୍ଟ ଲେଖିବେ ସିଏ ?

ଥାଟ ପଟାଳୀ ଫେରିଗଲେ ଆପଣା ଆପଣା ବାଟରେ । ଅବାକ୍ ହୋଇ ଠିଆ ହୋଇଥିବା ସରକାରୀ କର୍ମଚାରୀଙ୍କ କାନ ପାଖକୁ ଲାଗି ଆସି ଗୁମାସ୍ତାଟା ଫୁସ୍ ଫୁସ୍ ହୋଇ ଖାଲି କହୁଥିଲା - "ଠାକୁର ବାବୁଙ୍କ ଆଖିରୁ କିଛି ବୁଝିଲେ ଆଜ୍ଞା ? କିଛି ପଢ଼ି ପାରିଲେ ?

ଏ ଘରର ସବୁ ଭଙ୍ଗା । ଖାନଦାନୀ ଯାଇଚି । ପ୍ରତିପରି ଯାଇଚି । ସେ ଲୋକ ବି ଗଲେଣି । ଯିଏ ବା ଅଛନ୍ତି ସିଏ ସବୁ ଭଙ୍ଗା । ସତର ଚୂନା । ଆଉ ଘରକୁ ତ ଦେଖୁଛନ୍ତି ଆଉକି' ସରଜମିନ୍ ଦେଖିବେ । ଯାହା ଲେଖିବା କଥା ଲେଖି ଦିଅନ୍ତୁ ।" ବାବୁ ଆଉ କଣ ତୁଣ୍ଡ ଖୋଲି କହନ୍ତି ।

ଆର୍.ଆଇ ବାବୁ କଣ ବୁଝିଲେ କେଜାଣି ଠାକୁର ମଂଗରାଜଙ୍କ ନାଆଁ ପାଖରେ ଏଫ୍.ସି ଲେଖିଦେଲେ, ଅର୍ଥାତ୍ ସଂପୂର୍ଣ୍ଣ ଭଗ୍ନ ।

❖❖

Digitized by PPRACHIN, SOA

ପ୍ରଦୀପ ନାୟକ

ଶ୍ରୀ ନାୟକଙ୍କ ଜନ୍ମ ଅଧୁନା କେନ୍ଦ୍ରାପଡ଼ା ଜିଲ୍ଲାର ଫିରିକିଦାଣ୍ଡି ଗ୍ରାମରେ ।

ଛାତ୍ର ଜୀବନରୁ କାହାଣୀ ଲେଖିବାରେ ସୌକ । କ୍ରମଶଃ ଶିକ୍ଷକତା ପେଶା ସହ ନିୟମିତ ଗଳ୍ପ ରଚନାରେ ମନୋନିବେଶ । ଓଡ଼ିଶାର ଅନେକ ପ୍ରତିଷ୍ଠିତ ପତ୍ର ପତ୍ରିକାରେ ତାଙ୍କ କାହାଣୀ ବହୁବାର ପ୍ରକାଶିତ ହୋଇ ପାଠକୀୟ ସଫଳତା ହାସଲ କରିଛି । ସାଧାରଣତଃ ତାଙ୍କ ଗଳ୍ପଗୁଡିକ ଜୀବନଧର୍ମୀ ଓ ଗଭୀର ଅଭିଜ୍ଞତା ସଂପନ୍ନ । ଅନେକ ପ୍ରତିଶ୍ରୁତିର ଚମକ ଅଛି ଶ୍ରୀ ନାୟକଙ୍କ ଠାରେ । ''ମୌନ ଭଗ୍ନାଂଶ'' ତାଙ୍କର ପ୍ରଥମ ଗଳ୍ପ ସଂକଳନ । ଏହା ପାଠକୀୟ ଆଦୃତି ପାଇପାରିଲେ ଶ୍ରମ ସାର୍ଥକ ହେବ ।

-ପ୍ରକାଶିକା

Digitized by PPRACHIN, SOA